ଅଶୋକା ପ୍ରକାଶନାର ଅଷ୍ଟମ ଅର୍ଘ୍ୟ

# ★ ବିରହିଣୀ ମୁଁ ★

ଶ୍ରୀ ରମେଶ କୁମାର ମହାନ୍ତି

ଉତ୍କଳ ସଂଘ ଲାଇବ୍ରେରୀ
ନଂ ୧୮୪
ତା 17 JUL 1959
ରାଉରକେଲା

—ପରିବେଷକ—

## ରଘୁନନ୍ଦନ ସାହିତ୍ୟ କୁଟୀର

ଦାଶ ନଗର, ଦାବତା ।

ଲେଖିଛନ୍ତି—
ଶ୍ରୀ ରମେଶ କୁମାର ମହାନ୍ତି
ପ୍ରକାଶ କରିଛନ୍ତି—
ଶ୍ରୀମତୀ ପୁଷ୍ପାରାଣୀ ମହାନ୍ତି

ଛାପିଛନ୍ତି—
ଶ୍ରୀ ଗୋପୀନାଥ ସ୍ୱାଇଁ
ଶ୍ରୀମାତା ପ୍ରେସ,
୮, ବ୍ରଜଦୁଲାଲ ଷ୍ଟ୍ରିଟ୍, କଲିକତା-୬

ପ୍ରଥମ ମୁଦ୍ରଣ—ଦଶହରା—୧୯୫
ମୂଲ୍ୟ ଏକଟଙ୍କା ଆଠଅଣା

—ମିଳିବ—

ଶ୍ରୀମାତା ପୁସ୍ତକ ଭଣ୍ଡାର
୪, ବ୍ରଜଦୁଲାଲ ଷ୍ଟ୍ରିଟ୍, କଲିକତା-୬

ମନମୋହନ ପୁସ୍ତକାଳୟ
୧୨୫-୮, ବହୁବଜାର ଷ୍ଟ୍ରିଟ୍, କଲିକତା-୧୨

ଚନ୍ଦ୍ରଶେଖର ପୁସ୍ତକାଳୟ
୧୭୦-୧ଏ, ବହୁବଜାର ଷ୍ଟ୍ରିଟ୍, କଲିକତା-୧୨

ମହାଲକ୍ଷ୍ମୀ ଭଣ୍ଡାର
୫, ପ୍ରେମଚାନ୍ଦ ବଡ଼ାଲ ଷ୍ଟ୍ରିଟ୍, କଲିକତା-୧୨

# ପୂର୍ବାଭାସ

ସୂର୍ଯ୍ୟ ବୁଡ଼ିଗଲେ ପଶ୍ଚିମ ଦିଗରେ
ଦୂର ଗାଆଁ ଗଣ୍ଡା ଡେଇଁ
ଗୁଳି ଖାଇ ଏବେ ବିରହିଣୀ କାନ୍ଦେ
ପ୍ରେମିକ ବନ୍ଧୁର ପାଇଁ ।

ବିରହ ବ୍ୟାଧିର ଅସହ୍ୟ ଯାତନା
ମୋହର କଲିଜା ଚିରେ
ବନ୍ଧୁକ ଅହ୍ୱାନ ଶୁଣାଇ କହୁଚି
ବିରହର ସୁରେ ସୁରେ ॥

ମୁଁ କି ଯେ ତମରି ପ୍ରିୟା ! ଅଗୋ—
ଚାହୁଁଅ ପରମେଶ୍ୱର !
କାନ୍ଦ କାନ୍ଦ ମୁହିଁ ତମର ଦେଖିଲେ
ଛାତି ଫାଟିଯାଏ ମୋର ॥

ପଞ୍ଚି ତେଜିଲି ଅଶା ତୁଟାଇଲି
ଦୁନିଅରେ ନାଯା ବାଟ ।
ଅନୁଭବ ଥିଲି ପାରିଲି ନାହିଁ ତ
ମିଛେ ହେଲି ହଟହଟା ॥

ବିରହର ନିଆଁ ଯେତେ ଦହୁ ପଛେ
ମନେ ଥିଲା କେତେ ଅଶା ।
ପୋଡ଼ା କପାଳକୁ ବନ୍ଧୁ ବାମ ହେଲା
ବୃଥା ହେଲା ଲୋକହସା ॥

ନମସ୍କାର ନିଅ, ବିଦାୟ ଦିଅ ହେ
ମୁହିଁ ତମ ବିରହିଣୀ ।
ନିତିଭୋଗ ସମସ୍ତେ ଜାଣିଲେ
ସେପାଇଁ ମୁଁ ବିଦ୍ରୋହିଣୀ ।

# ★ ମତ ପ୍ରକାଶ ★

ସୁଲେଖକ ଶ୍ରୀ ପରମେଶ କୁମାର ମହାନ୍ତିଙ୍କର କେତେ ଗ୍ରନ୍ଥ ପଢ଼ି ଦେଖିଲି ; ତାଙ୍କ ଲେଖାରେ ବିଶେଷତ୍ୱ ରହିଛି—ଜାତୀୟ ସାହିତ୍ୟରେ ନିଶ୍ଚୟ ଆଦରଣୀୟ ହେବ । ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ; ଏହି ମୋର ଆନ୍ତରିକ କାମନା ଓ କଲ୍ୟାଣ ଇଚ୍ଛେ ।

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

ନଂ ୧୪୪

* ଏକ *

ପିଲା ବୟସ କେତେ ସୁନ୍ଦର, କେତେ ହସ ଖୁସି ଆନନ୍ଦ ! ମିଥ୍ୟା, ଲୋଭ, ମୋହ, ଆଶା ଓ ନିରାଶା ସଙ୍ଗେ ସେତେବେଳେ ତାଙ୍କର କୌଣସି ସମ୍ବନ୍ଧ ନ ଥାଏ ।

ଦିନ ପରେ ମାସ ଋତୁର ସମ୍ଭାର ଧରି ବର୍ଷ ପରେ ବର୍ଷ ବିତି ଯାଉଛି । ମନର ପରିବର୍ତ୍ତନ ସଙ୍ଗେ କି ଭାବେ କେଉଁ ନିୟମ ପାଇଁ ଆସେ ଦେହର ପରିବର୍ତ୍ତନ, ସଠିକ ତାହା କିଛି ବୁଝି ହୁଏନା । ପୁରୁଣା ଦେହରେ ନୂଆ ଜାଗରଣର ଛୁଆଁ ଲାଗେ । କିଶୋର ବୟସର ଚପଳତା ଭାଙ୍ଗି ଚହୁଁ ଚହୁଁ ଚଲିଆସେ ଜୀବନେ ଯୌବନ ବସନ୍ତ; ପ୍ରେମର ନିବେଦନ ଘେନି । ମନକୁ ଉଚ୍ଛୃଙ୍ଖଳିତ କରି ପ୍ରକୃତି କେତେ ରଙ୍ଗିନ୍ ଇଙ୍ଗିତ ଦିଏ । ସେଥିରେ ମାଦକତା ମିଶା ଯୌବନ ମମତାର ମୋହ ଅଛି । ଯୁବା ମନ ସବୁବେଳେ ଚାହେଁ ଦେହକୁ ଉପଭୋଗ କରିବ ।

କୁମାର ପୂର୍ଣ୍ଣିମା ନିର୍ମଳ ଜହ୍ନ ରାତିରେ ନେଳିଆ ଆକାଶ ତଳେ ଚନ୍ଦ ଖେଳୁଛି । ମହାନ୍ତି ଘର ମଝି ଅଗଣାରେ ଗାଆଁ ଝିଅ ଯାକ ମେଳହୋଇ ଖେଳୁଛନ୍ତି । ବସ୍ତୁ ପ୍ରିୟା ବି ସେମାନଙ୍କ ସାଙ୍ଗରେ ପ୍ରତି ଖେଳଥାଏ । ସବୁ ଝିଅ ଗୁଡ଼ାକ ଗଳାରେ ଗଳା ମିଳେଇ ଖୁସି ଗୀତ ବୋଲୁ ଥାଆନ୍ତି—

ପୁଚଲେ ଯାଅ ଘଷି, ଭାଇ ଭଉ ପିଣ୍ଡା ଦେଖି ବଇଚ ।
ଗାଈ ଗୁଡ଼ିଦଅ ଘନ୍ତୁ, ବାଲ ଗୁଡ଼ିଦଅ ଅଣ୍ଟାରେ ପଡ଼ୁ,
ଲକ୍ଷେ ଚମ୍ପାଫୁଲ ଝଡ଼ୁ ।

ବସ୍ତୁ ପ୍ରିୟା ଦେଖିବାକୁ ଗୋରି ତକ ତକ—ସୁନ୍ଦର ଚେହେରା—ଲମ୍ବ କୁଞ୍ଚିତ କୁନ୍ତଳ ଫୁରୁଫୁରୁ ହୋଇ ଉଡୁଥାଏ । ଆଖି ଯୋଡିକ ହରିଣୀ ଆଖି ଭଳି—ଭ୍ରୂଲତା ଦର୍ପଣଟିକୁ କିଏ ଯେପରି ତୁଳିରେ ଅଙ୍କି ଦେଲା ପରି ଦିଶୁଛି । କୁନ୍ଦଳ ଗଢ଼ଣ—ସ୍ୱାସ୍ଥ୍ୟବତୀ—ତାଳରୁ ତଳପା ଯାଏ କିଏ କେଉଁଠି ବାଛିବାର ନାହିଁ । କି ସୁନ୍ଦରଅ କଥା ତାର ! ସେ କଥାରେ କଥାରେ ମଣିଷକୁ କିଣି ନେଉ । ମୁହଁର ହସ ସଜଫୁଟା ମଲ୍ଲୀଫୁଲ ପରି ଢୋରା । × × × ×

—କୁମାର ପୂନେଇ ଦିନ ଗାଆଁର ସବୁ କୁଆଁରୀ ଝିଅମାନେ ମିଳାମିଶି ଖେଳିବାକୁ ଆସିଚନ୍ତି ଆଜ ରାତସାରା ଖେଳ ହେବ । ଝିଅମାନଙ୍କ ଗୀତବୋଲା ତୁଣ୍ଡ ରଡ଼ରେ ଫକିରୀ ଅଈର ଭାତ ନଦଠା ଗୁଣ୍ଡିକନା ଭାଙ୍ଗିଗଲା । ସେ ମଝି ଅଗଣାରେ ଆସି ଗୋଡ଼ ହାତ ଲମ୍ବେଇ ଚଉକସ ହୋଇ ବସି, ଝିଅମାନଙ୍କୁ ସବୁ ଠାପେରା କରି କହିଲା—ହଁ ଲୋ, ସୁଅଗ ସୁନ୍ଦରୀ ଛନକା ଟୋକୀଏ ! ଗାଆଁର ଟୋକାମାନଙ୍କୁ ଗଳା ଶୁଣେଇବ ବୋଲି ତମ ମାନଙ୍କ ଗଳା ମୋଟା ହେଇ ଯାଉଚନା କଣ ଲୋ ?

—ଝିଅମାନଙ୍କ ମଝିରୁ ମୁଁ ମୁହଁ ଫେରାଇ ଚାହିଁଲି ପଛକୁ—ଫକିରୀ ଅଈ ବେଢେବେଳୁ ଆସି ଅଗଣା ମଝିରେ ବସିଲାଣି । ହସି ହସି ପଚାରିଲି—କିଲୋ ଅଈ ! ଆଜ କାହିଁକି ତୁ ଏତେ ବେଶ କରିଚୁ କିଲୋ ? ତୋ ପ୍ରତି ଆମ ଅଜା ବୁଢ଼ାଙ୍କର ବଡ଼ ସ୍ନେହ ମମତା ! ସେଇଥି ପାଇଁ ସିନା ତାଙ୍କର ଏତେ ସେବା ନେବା

ଧନ ସ୍ତ୍ରୀ ତୁ କରୁଥାଉ ! ଏ ସ୍ତ୍ରୀ ଅଧରେ ବୁଢ଼ା ମିଶିପ ତୋର ବଧା ଗୋଇଠା ମାଇଲ୍ କଲେ, ସେଇଥି ସେଉଁ ଅସ୍ତବ୍ୟସ୍ତ ହୋଇ ଏଠିକି ପଳେଇ ଆଇଚୁ ? ଆଉ ସେଇ ବୁଢ଼ାଙ୍କ ସାଗ ଅମ ଉପରେ ସାଧୁଚୁନା କଣ ?

କାହାକୁ କଥା କୁହାଇ ନ ଦେଇ ଫକୀରୀ ଆଈ ଗପିଯାଏ, ମନଇଚ୍ଛା ଢ଼ଗ ଉଦ୍‌ଗାରେ—ଅଲୋ ଝୋକାପଲ ! ମୋଠଉଁ ଶୁଣ—

ଯେଝା ଘର ତାକୁ ସରଗ ପୁରୀ ।
ଯେଝା ବର ତାକୁ ଶ୍ରୀବତ୍ସ ପର ॥

—ମୋ ଗେରସ୍ତ ମତେ ମାଇଲେ କେତେ, ଧଇଲେ କେତେ, ସେଥିରେ କଣ ପାପ ଲେଖିବ ? ଅମେ ଲୋ ବାପ ମା'ର ଝିଅ ହେଇଥିଲୁଁ, ଅମ କାଳେ ତମ ପର ଅଣ୍ଡିରଚଣ୍ଡୀ ଝିଅ ଦେଖି ନ ଥିଲି । ଦେହ ଭର ନାକ କାନରେ ରୁପା ଗହଣା ଭର୍ତ୍ତି ଥିଲା । ଅଣ୍ଟୁ ପର୍ଯ୍ୟନ୍ତ ଲୁଗା ଠେକା ଠାକା କରି ପିନ୍ଧୁଥିଲୁଁ । ଦେଖିବାକୁ ଟିନା ଡବେଇ ଭଳି କେଡ଼େ ଶୋଭିକାର ଦିଶୁଥିଲା । ଏବ କାଲି ଝିଅଙ୍କର ସବୁ ରୁପାଚିଜ ଖଣ୍ଡେ ନାକରେ ଅଛି ନା ବେକରେ ଅଛି ? ଉପର ହାତରେ ଆଉ ପାଠିଫୁଲ ବାନ୍ଧୁ ନାହାନ୍ତି । ଦର-ନଙ୍ଗୁଳି ଖୀରସ୍ତାନୀ ଢଙ୍ଗ ଦେଖି ଅମ ନିଜକୁ ଲଜ ଲାଗୁଚି ।

—ଜୋଛନା ଅଲ୍‌ଅରେ ଫକରୀଆଈଆଡ଼କୁ ଅନେଇଲି—ତାର ହସ ହସ ମୁହଁ ! ମୁଁ କହିଲି—ଅଲୋ ଆଈ ! ଏମିତ କାହିଁକି କହୁଚୁ ବା ? ତମ କାଳ ଝିଅ ଗୁଡ଼ାକ ଥିଲେ ଅସଜ୍ଜୀ, ଅପରଚ୍ଛନ୍ନୀ, ମୁଣ୍ଡ ଗୁଚପିଠି ଉକୁଣୀ ଗୁଡ଼ାକ ସାଲୁବାଲୁ କରୁ ଥାଆନ୍ତି । ତାଙ୍କ ଦେହ ଗୁଡ଼ା ଛ'କୋଶକୁ ଭଣଭଣ ଗନ୍ଧ ଛାଡୁଥିଲା । ଏବ ଯୁଗ ନୂଆ ଆଇନ ବଳରେ ତୋ ବୁଢ଼ା ଘଇତାକୁ ଛାଡ଼ପତ୍ର ଦେଇ ବାଧ୍ୟ ସ

ଥିବା ପୁରୁଷ ଦେଖି ଆଦର ରହୁନୁ, ଯେତେ ଭଲ ଭଲକା ସ୍ନୋ, ଅତର, ବାସନା ତେଲ ସବୁ ଲଗେଇଛୁ ।

—ଫକିରୀ ଆଈ ମୁହଁମୋଡ଼ା ମାରି କହିଲା—ଅଲୋ ହେ ! ତମର ଏ ରୂପ ଓ ଯୌବନ ଚିରକାଳକୁ ରହିବନି ଲୋ—ବୟସ ଖସିଲେ ଚମ ଧୋଡ଼କା ହୋଇଯିବ ।

ଝିଅଙ୍କ ମଝିରୁ ପ୍ରେମ ବାହାରି ପଡ଼ି ହସିଦେଇ କହିଲା—

କେଉଁକାଳେ ଥିଲୁ ଲୋ ନାଣ୍ଡି ରୂପସୀ ଷୋଡ଼ଶୀ ?

ଶୀତରେ ଫାଟୁଆ ଦେହ ଗରମେ ଘିମିରି ଘଷି ଘଷି ।

ଆଈରେ ଆମର ଯୌବନ ଆଉ ଥରେ ଫେରି ଆସନ୍ତା କି ! ତା'ହେଲେ ବା ବୁଢ଼ା ମାଙ୍କଡ଼କୁ ପରସ୍ତେ ମାଙ୍କଡ଼ନାଚ ନଚାନ୍ତା !

—ବଡ଼ ମହାନ୍ତିଘର ମାଇପିଙ୍କ ମାମଲତକାର । ଶ୍ୱଶୁର ତ ଆଗରୁ ମରିଥିଲେ—ଗଲାବର୍ଷ ମଲେ ଶାଶୁ । କିଏ ତାର ବାହାରୁ ଭାତ ଲୁଚା କି ଶାଗ ପତ୍ରରେ ହାତ ଦେଉ ତ ଦେଖିବ । ଏବେନେ ଗେରସ୍ତ ଭାରିଯା, ପୁଅ ମିଶି ଘରେ ତିନିପ୍ରାଣୀ କୁଟୁମ୍ବ । ଗେରସ୍ତ ତାର ପରବାସୀ କଳାହାଣ୍ଡି ଚାକିରିଆ ! କୋଡ଼ିଏ ମାଣ ଜମିରେ ଚାଷ ବାସ । ଗୁହାଳେ ଚାରି ହଳ ବଳଦ ବନ୍ଧା ।

—ତାଙ୍କ ଗେଲା ପୁଅ ଶଚୀନ୍ଦ୍ର ଭାରି ବେପରୁଆ ଲୋକ ଅଳ୍ପ ବୟସରେ ବି. ଏ. ପାଶ୍ କରି ଗୋପ ସ୍କୁଲରେ ମାଷ୍ଟ୍ରୀ ଚାକିରି ଖଣ୍ଡେ ପାଇଥିଲେ—ସେ ଘରର ତତ୍ତ୍ୱ କିଛି ବୁଝନ୍ତିନି । ଗାଆଁ ମାମଲତ କରନ୍ତି । ଏ ଗାଆଁରେ ସେ ଏକା ବେଶୀ ପାଠୁଆ । ଦେଶରୁ ବିଦେଶୀ ଇଂରେଜୀ ସରକାରଙ୍କୁ ତଡ଼େଇବା ପାଇଁ ଏବେ ସେ ସ୍ୱଜାତି ସ୍ୱାଧୀନ ଦଳରେ ଯୋଗ ଦେଇଛନ୍ତି । ସେଦିନ ସେ ଘରେ ଏକା । ବୋଉ ତାଙ୍କର ମାମୁଁ ଘରକୁ ଯାଇ ଥାଆନ୍ତି

—ସେତେବେଳକୁ ତିନି ପ୍ରହର ରାତିହେବ । ଜହ୍ନର ଜୋଛନା ଅଲ୍‌ଅ ଅଗଣା ଗୁରୁକାଣ୍ଡ ବିଛେଇ ହୋଇ ପଡ଼ୁଛି । ମୋର ଉଦ୍ଦେଶ୍ୟରେ ସେତେବେଳେ ଶଚୀନ୍ଦ୍ର ବାବୁ ମୂର୍ଚ୍ଛନାଭରା କରୁଣ ସଙ୍ଗୀତଟିଏ ବୋଲୁ ଥାଆନ୍ତି—

—ମରମ କଥାଟି ଗୋପନେ ରଖି ମୁଁ ଗୋ……
ଗୀତ ଗାଇଯାଏ କରୁଣ……
ତମେ ପ୍ରିୟା ମୋର ଜାଣି ନ ଜାଣିଲ……
ବୁଝି ନ ବୁଝିଲ ମୋ ମନ…… ।
କଥାଟି ନ କହି ଗଲେ ତମେ ଚାଲି,
ମଳିନ ମନେ ମୁଁ ସନ୍ତାପିତ ଖାଲି,
ମୋର ଜୀବନର ମଧୁ କଳପନା…
ଅୟି ପ୍ରିୟତମା ମମ…… ॥
ଡାକ ପ୍ରିୟା ଥରେ ପ୍ରିୟତମ ବୋଲି,
ଜାଣେ ମୁଁ ବିରହେ ଜଣାଇଥେ ଗୁମୁରି,
ପ୍ରେମର କୁଆର ଯୌବନ କାଉଁରି……
ବ୍ୟଥା ଦିଏ ଅକାରଣ…… ॥

—ଇସ୍ ! ଶଚୀନ୍ଦ୍ର ବାବୁଙ୍କ ଗୀତ ଶୁଣି, କହି ପାରୁନାହିଁ ମନର ଦରଜ ତାହିଁକି ଏତେ ବଢିଗଲା । ମନ ମୋର ଅସ୍ଥିର ହୋଇ ଉଠେ । ତାଙ୍କ ଗୀତ ସଙ୍ଗେ ଶିର ଶିର ମଳୟ ପବନ ଦେହସାରା ଆଣୁଥିଲା ନବ ଉନ୍ମାଦନା । ତାଙ୍କ ଗୀତ ଭିତରେ ଗୋଟାଏ ଗୋପନ ଉଦ୍ଦେଶ୍ୟ ଛପି ଛପି ରହିଛି । ତାଙ୍କ ଗୀତ-ବୋଲା ବନ୍ଦ ହୋଇଗଲା । ମୁଁ ତାହିଁକି ମୋ ଦୁର୍ବଳତା ପଦାରେ ପକେଇବି ? ଏ କଥା ଶୁଣିଲେ ସାଙ୍ଗ ଝିଅମାନେ ହସିବେ—ଅଜବ ଥଟ୍ଟାକରି ପାଞ୍ଚକଥା କହିବେ । ଉପର ଅଗଣାକୁ ଅନେଇଲି—

ମୁହଁରେ ସେସ୍ପଗ ନାହିଁ, ଶଚିନ୍ଦ୍ର ବାବୁ ଅଗଣାରେ ଠିଆ ହୋଇଚନ୍ତି । ତାଙ୍କ ଶୁଖିଲା ମୁହଁକୁ ଚାହିଁ ରହିଲି ଘଡ଼ିଏ । ବାର ବାର ତାଙ୍କୁ ଦେଖିବା ପାଇଁ ପ୍ରାଣର ପିପାସା ବଳବତୀ ହୁଏ । କେତେବେଳେ ତାଙ୍କର ମୋର ଚାରିଆଖି ହେଲେ ମତେ ଭାରି ଲାଜମାଡ଼େ । ଦେହଟା ଏକ ଅଜଣା ଶିହରଣରେ ଶିହରି ଉଠେ । ମୋର ତନୁ ମନ ହୃଦୟ ଚଞ୍ଚଳ ଓ ଛନ ଛନ ହେଉଥାଏ ।

—ମଙ୍କରୀଆଣୀର ଶୁଖିଲା ମୁହଁରେ ହସଖୁସିର ଆଭା । ଶଚିନ୍ଦ୍ର ବାବୁ ଅଗଣାରେ ନଙ୍ଗର ଢଙ୍ଗର ହେଉଥିବାର ଦେଖି ପାରି ସେ ଛୁଗୁଲେଇ କରି କହିଲା—ନାଉଠୋକା କେଉଁ ସୁନ୍ଦରୀକୁ ଦେଖିବା ବାହାନାରେ ଘୁରି ବକାଳି ଏପାଖ ସେପାଖ ହେଉଚି ?

—ଅଭିନା ଜେନାର ବଡ଼ ଝିଅ ସୁରୁଚୀ ଫୁଲେଇଠା ହସରେ କାବକାର ବାଜି କହିଲା—ଆମ ଶଚିନ୍ଦ୍ର ବାବୁଙ୍କର ବସ୍ତୁ ପ୍ରିୟା ଦେଇଙ୍କ ସଙ୍ଗେ ବଡ଼ ଭାବ ଚାଲିଚି ।

—ଲାଜରେ ମୋ ମୁହଁ ଲାଲ ଯାଉଥାଏ । ଏକଦୃଷ୍ଟିରେ ମୁହୂର୍ତ୍ତେ କାଳ ଚାହିଁ ରହିଲି ସୁରୁଚୀ ମୁହଁକୁ । ନା, ସୁରୁଚୀ ମୋ ମନ ବଢ଼ିବାକୁ ଦେଉନାହିଁ—ମୋ ହୃଦୟ କଥା ସେ କହୁଚି । ଲଜ୍ଜାରେ ପଡ଼ି ଭରସି କରି ତାକୁ କିଛି କହି ପାରିଲି ନାହିଁ । ଆଉ ସାଙ୍ଗ ଝିଅମାନେ ଖେଁ ଖେଁ ଖାଲି ହସୁ ଥାଆନ୍ତି । ଶଚିନ୍ଦ୍ର ବାବୁ ବାର ବାର ଲେଉଟି କଣେଇ କଣେଇ ଚାହିଁ ଚାହିଁକା ଫେରିଗଲେ । ହାସି, ନୀଳା, ଶଇଳ ଆଉ କେତେଜଣ ସାଙ୍ଗ ଝିଅ ବାହାରି ପଡ଼ି କହିଲେ—ସୁରୁଚୀ ଯାହା କହୁଥିଲା ସତ ! ପୂର୍ଣ୍ଣମୀ ଚାନ୍ଦ ରାତିରେ ଯୁଆର ଚାନ୍ଦମୁହଁ ଦେଖିବାକୁ ତାଙ୍କ ମନ ବଳିଲା, ଥରେ ଦେଖି ଗଲେ—ସେ ପାଇଁ ଯୁଆ ଦେହ ଘୋରି ହୋଇ ଯାଉନି । ଯୁବା ପୁରୁଷ—ସତରେ ଏକଲା ନିନ୍ଦ ହେଉ ନ ଥିବ । ଶୁଣି ନ ଶୁଣିଲା

ଘର ଭୂଜା ହୋଇଥିଲି, କଣ ପାଇଁ କେଜାଣି ମୋ ପାଖକୁ ବାହାରିଗଲା—ମିଛକୁ ମୋ ନାଆଁରେ ଅପବାଦ ଦେଇଚ ସିଏ ! ଏ ସଂସାର କେବଳ ମାୟା ମମତାର ଖେଳ ।

* ଦୁଇ *

—ସଞ୍ଜ ପ୍ରହର । ଦିନର ଆଲୁଅ ଲିଭିଲିଭି ଆସିଲାଣି । ଗଳିର ମଝିରେ ମଣିଷ ଚଲା ବାଟ । ଅନ୍ଧାର ହୋଇ ଆସିଥିଲେ ବି ଚିହ୍ନା ବାଟରେ ଆପେ ଆପେ ଗୋଡ଼ ପଡ଼ୁଥାଏ । ମୁଁ ମହାଦେବଙ୍କ ବାଙ୍ଗିରୁ ପାଣିଗରା କାଖେଇ ଲେଉଟାଣି ପଡୁଚି । ସେତେବେଳେ ମୋ ପଛରେ କିଏ ଆସିଲା ଭଳି ମନେ ଲାଗିଲା । ଲେଉଟି ପଛ ପଛକୁ ଚାହିଁଲି—ଶଚନ୍ଦ୍ର ବାବୁ ପାଦ ଚିପି ଚିପି ଆସୁଥାଆନ୍ତି । ଆଜି ସେ ଏକୁଟିଆର ସୁଯୋଗ ପାଇ ମୋ ଆଡ଼କୁ ଚାହିଁ ଶଚନ୍ଦ୍ର ବାବୁ ପଛରୁ କହିଲେ—ଏ ବସ୍ତୁ ପ୍ରିୟା ! ଆଜି କାହିଁକି ଘଉ କର ପାଣି ନେଉଚ ? ବାସ୍ତବିକ୍ ମନର ଏ ରୂପ ଖଣ୍ଡିକରେ କି ମୋହିନୀ ଶକ୍ତି !

—ଶଚନ୍ଦ୍ର ବାବୁଙ୍କ ଭଳି ଭଦ୍ରଲୋକ ପିଲା ମୁହଁରୁ ଏକଥା ଶୁଣିବି ବୋଲି ଆଶାକରି ନ ଥିଲି । ମନର କଥା ପ୍ରକାଶ କରି

ଭଲ ସାହସ ମୋର ନ ଥିଲା   ବରଂ ସେଠିକଥା ଲୁଚାଇବାକୁ ମୁଁ ଯତ୍ପରୋନାସ୍ତି ଚେଷ୍ଟା କରିବାକୁ ଲାଗିଲି । ମୋ ମନ ଭିତରେ ସେତେବେଳେ ଘୋରତେଇ ହେଉଥାଏ—"ବାସ୍ତବିକ୍ ତମର ଏଇ ରୂପ ଖଣ୍ଡିକର କି ମୋହିନୀ ଶକ୍ତି ।" ମତେ ବଡ଼ ସରମ ଲାଗିଲା । ଗମ୍ଭୀର ରହି କହିଲି—ମଣିଷଙ୍କ ମୁହଁ ଯେତେ ଠାଣ, ମନ ସେତିକି ଠାଣ ନୁହେଁ । ମୋର ଏଇ ପୋଡ଼ା ରୂପ ଯୌବନ ପାଇଁ ଦୁନିଆକୁ ମୁଁ ହାଡ଼େ ହାଡ଼େ ଚିହ୍ନିଲିଣି ।

—ଲୋକଙ୍କର ଗଲା ଅଇଲା ବାଟ । ଯୁଆଙ୍କ ସାଙ୍ଗରେ ମୋର କଥା ହେଉଚି ଯଦି କେହି ଦେଖେ ମନ୍ଦ ବୋଲି ଭାବିବେ । ତାଙ୍କ ଆଡ଼କୁ ଅନେଇଲି—ଚାରି ଆଖିର ମିଳନ ହେଲା । ଲାଜରେ ମୋ ମୁହଁ ଟିକିଏ ହେଇଯାଏ । ମୁହଁ ଲେଉଟାଇ ଆଣି ତଳକୁ ଚାହିଁଲି । ମୋ ଛାତି ଭିତର ଦପ୍ ଦପ୍ ହେଉଥାଏ । ତାଙ୍କ ସହାନୁଭୂତି ମଧ୍ୟରେ ଗୋଟାଏ ଉତ୍ତେଜନାର ସୂଚନା ପାଇଲି ମୁଁ ।

—ଦରହସିଲା ମୁହଁ କରି ସେ ମୋ ମୁହଁକୁ ଚାହିଁ, ମୋ କଥା ଉପରେ ଜୋରଦେଇ କହିଲେ—ସୁନ୍ଦର ରୂପକୁ ଦୁନିଆ ଲୋକେ ଆଦର କରନ୍ତି । ତମର ସିନା ସୁନ୍ଦର ରୂପ ଦରକାର ନାହିଁ—ମୋର ଭାରି ଦରକାର ଅଛି ।

—ଛେପ ଢୋକି ଥଙ୍ଗେଇ ଥଙ୍ଗେଇ କହିଲି—ମୁଁ ଗରିବ ନିଆଶ୍ରା ଝିଅ ! ଏକାଳେ ଆମ ଭଳି ଗରିବ ଝିଅ ରୂପ ଯୌବନ ଘେନି ଜନମିବା ଅଭିଶାପ ନିଆଁ ଭଳି । ସେ ଯୁଆଡ଼େ ଯାଏ ଲୋକେ ଅଖିଠାରିବା ମାରନ୍ତି । ତାଙ୍କ ଠାପରା କଥା ମାନ ମନରେ ନିଆଁ ଲଗାଏ । ଗାଆଁରେ ଘର କରି ରହିଚି ସେତେବେଳେ ; ସେ ପାଇଁ ସିନା ତଳକୁ ମୁଣ୍ଡକରି ସବୁ ସହି ଯିବାକୁ ହୁଏ ।

—ତାଙ୍କର ଉଦ୍ଦେଶ୍ୟ ଭଣି ମୁଁ ବୁଝି ସାରିଥିଲି । ଏବେ କେଇ ମାସ ହେଲା ବାଆଁ ରେଇ ହୋଇ କେତେ କେତେ ପ୍ରକାର ଧାଆଁ କରି ମୋ ପାଖକୁ ଆସନ୍ତି । ସେ ମତେ ଆଜି କୁହାଇ ନ ଦେଇ ଅଗ ବଳିପଡ଼ି ମୋ ଆଗରେ ଆସି ଠିଆହୋଇ କହିଲେ—ଏତେ ଦିନ ପରେ ଆଜି ଏଇଠି ଜହ୍ନର ସଞ୍ଜଲୁଇ ତଳେ, ଏମିତିକା ନିଦୋଳା ଜାଗାରେ ତମେ ମୁଁ ଏକୁଟିଆ । ମୋ ମନ କଥା ତମକୁ କହିବି ବୋଲି ବହୁ ଦିନରୁ କଷ୍ଟକରି ତମ ପଛେ ପଛେ ଧାଇଁଛି । ମୁଁ ଯେଉଁକଥା କହିବି—ରଖିବ ତ ?

—ମୁହାଁମୁହିଁ ହୋଇ ଦୁହେଁ ଠିଆହେଇଥାଉଁ । ମୁଁ ମୋ ମନକୁ ମନ ଲଜଗ ହେଲି । ଡରି ଡରି ତାଙ୍କରି ଆଡ଼େ ଅନାଇଲି । ସଙ୍ଗରେ ମୋର ଗୋଡ଼ରୁ ମୁଣ୍ଡଯାଏ ଥରି ଉଠିଲା । ଭୟରେ ପଡ଼ି ଥରିଲା କଣ୍ଠରେ କହିଲି—ତମେ କଣ କହୁଛ—ମୁଁ କିଛି ବୁଝି ପାରୁନାହିଁ !

ହସି ହସିକା ମୋ ପିଠି ଆଉଁସି ଦେଇ କହିଲେ—ମତେ ଦେଖି ତମକୁ ଡର ମାଡ଼ୁଚିନା କଅଣ ?

—ମୁହଁ ଝାଣି କରି ମୁଁ କହେଁ—"ନାଇଁ ମ ! ତମେ ତ ଆଉ ବାଘ ଭାଲୁ ନୁହ ଯେ ଡରିବି !" କେଉଁ ଯୁବକ ସହିତ ନିର୍ଜନରେ ଗୋପନରେ କଥା କହିବା ମୋର ଅଠର ବର୍ଷ ବୟସରେ ଏଇ ହେଲା ପ୍ରଥମ । ମନ ଭିତରେ ଯେତିକି ଆନନ୍ଦରେ ଉଲ୍ଲସିତ ହେଉଥାଏ, ସେତିକି ବେଶୀ ମତେ ଲାଜ ଲାଜ ଲାଗୁଥାଏ । ଅଦେଖା ପୁଲକରେ କେଜାଣି କାହିଁକି ମୋ ଦେହ ଶୀତେଇ ଉଠିଲା । ମୋ କାଖରୁ ପାଣି ଗରା ଓହ୍ଲେଇ ବାଉଁଶ ବୁଦା ମୂଳେ ଥୋଇଦେଲେ । ମୋ ମୁହଁରେ ମୁହଁ ଲଗେଇ କେତେ ଆଦର

ଏଣ କହିଲେ—ଚାଲ ଟିକିଏ ଏଇ ହୁଡ଼ା ବାଉଁଶ ବୁଦା ମୂଳେ ବସି କଥା ହେବା ।

—ମୋ ହାତ ଧରି ଟାଣି ଟାଣିକା ନେଲା ବେଳେ, ଚୁମ୍ବକ ପଥର ଲୁହାକୁ ଟାଣିଲା ପରି ଆପଣା ଛାଏଁ ଛାଏଁ ମୁଁ ତାଙ୍କ ପଛେ ପଛେ ଚାଲିଲି—ଦେହ ଗୋଟାସାରା ଥରୁଥିଲା । ତାଙ୍କର ଏପରି ଅଭଦ୍ର ବ୍ୟବହାର ଦେଖି ପ୍ରତିବାଦ କରି କିଛି କହି ପାରିଲି ନାହିଁ । ତାଙ୍କର ଦେହ ପରଶ ଛୁଆଁ ମୋ ପକ୍ଷେ ସ୍ୱର୍ଗର ଅମୃତ ଭଳି ଲାଗୁଥିଲା । ବାର ବାର ତାଙ୍କ ହାତ ମୁଠାରୁ ମୋ ହାତ ଛଡ଼େଇ ନେଉଥିଲି, ଖାଲି ଉପର ମନରେ ଦେଖେଇ ହେଉଥାଏଁ । ତାଙ୍କର ଏପରି ବ୍ୟବହାର ପାଇଁ ମୁଁ ଦୁଃଖିତ । ମୋ ଆଖିରେ ଲାଜମିଶା ରାଗ ଭାବ ଭଙ୍ଗୀ ଦେଖି ସେ କଅଣ ଅନୁମାନ କଲେ କେଜାଣି ଅଳପ ହସି କହିଲେ—"ଇସ୍ ! ମୋ ଉପରେ ଖୁବ୍ ରାଗି ଗଲଣି ତାହେଲେ ! ତମ ରାଗରେ ମୋର କିଛି ଯାଏ ଆସେନା । ତମ ପାଖରେ ମୋର ମନ ପ୍ରାଣ କେବେଠୁ ବନ୍ଧା ପଡ଼ିକରି ସାରିଛି । ଆସ ଏଇଠି ବସିବା ।" ହାତ ଟାଣିନେଇ ବାଉଁଶ ବୁଦା ମୂଳ ଉହାଡ଼ରେ ବସେଇଲେ । ତାପରେ ସେ କହିଲେ—"ତମ ସାଙ୍ଗରେ ମୋର ଗୁପ୍ତ କଥା ଅଛି—ପାଖକୁ ଟିକିଏ ଲାଗି ବସ, ଏତେ ଦୂରରେ ବସି ରହିଲ ଯେ··· ।

—ପାଠୁଆ ମଣିଷ ଗୁଡ଼ା ବି ଏତେ ନିର୍ଲ୍ଲଜ ହୁଅନ୍ତି, ଆଗରୁ ମୋତେ ଏକଥା ଜଣା ନ ଥିଲା । ମୁଁ ଅବାକାବା ହୋଇ ତାଙ୍କ ମୁହଁକୁ ଚାହିଁ ରହିଲି । ତାଙ୍କ ହସୁରା ମୁହଁ ଖୁବ୍ ସୁନ୍ଦର ଦିଶୁଥିଲା । ମୁଁ କହିଲି—"ପାଣି ଅଣିବାକୁ କେତେବେଳୁ ଆସିଲିଣି । ଏକଥା ବୋଉ ଯଦି ଜାଣିବ, ମତେ ଗାଳି ମନ୍ଦ ଦେବ । ଦୁଇ ହାତରେ ସେ ପୁଣି ମୋ ମୁହଁକୁ ଟେକି ଧରି କହିଲେ—"ପାନ ପତର ପରି

ତମର ଗୃଦ୍ଧ ମୂର୍ତ୍ତିଟି ମୋର ଚିର ଜୀବନର ସମ୍ବଳ ହେବ । ଅଜ୍ଞବା ପର ଅଜ କେବେ ଜୀବନରେ ଏପରି ପରମ ମିଳନ ସୁଯୋଗ ମିଳି ପାରିବ କି ନାହିଁ—ଯିବାକୁ ବସିଲେ ତମକୁ ଛାଡ଼ି ଦେଉଛି ବା କେତେବେଳେ ? ଅଶାକୁରେ, ପ୍ରତି ଦିନ ଖଣ୍ଡେ ଖଣ୍ଡେ ଚିଠି ଦେଉଥିବ । ମୋର ସନ୍ତାପିତ ପ୍ରାଣରେ ଅଶାର ସାନ୍ତ୍ୱନା ବାଣୀ ନିଶ୍ଚୟ ଲେଖିବ ।"

—ଶୁକ୍ଳପକ୍ଷର ଶେଷ ସନ୍ଧ୍ୟା । ଗୁରୁଅଡ଼େ ଜହ୍ନ ଜ୍ୟୋତ୍ସ୍ନାର ଅଲ୍ପଅ ଗଛ ପତ୍ରର ଫାଙ୍କେ ଫାଙ୍କେ ବିଚ୍ଛୁରିତ ହୋଇ ପଡ଼ୁଛି । ସନ୍ଧ୍ୟା ଦେବୀର ଓଢ଼ଣା ତଳୁ ଧୀରେ ଧୀରେ ବହୁ ଆସୁଚି ସୁଲୁସୁଲିଆ ଦକ୍ଷିଣା ମଳୟ ପବନ । ଅଉ ପାଖ ବଣ ବୁଦା ଗହଳି ମଝିରେ ଜାତି ଜାତିକା ଫୁଲ ଫୁଟି ସୁଗନ୍ଧ ଚହଟାଉଚି । ରଙ୍ଗ ବେରଙ୍ଗ ବାଉଦମାଳ ଅକାଶ ପଟରେ ଭାସି ଗୁଲଚନ୍ତି ଅଗକୁ— ।

—ପିଲା ଦିନର ବାଲ୍ୟଖେଳ ଆମର ସତ ହେଲା । ବାଉଁଶ ବଣ ଜହାଡ଼ରେ ମୁଁ ଲୁଚି ହୋଇ ବସିଥିଲି । ଦେହ ଓ ମନରେ ମିଳନ ଅଗ୍ରହର ହୁତାଶନ । ପିଲି ଦିନରୁ ତାଙ୍କ ସାଙ୍ଗରେ ମୋର ଦେଖା ଶୁଣା । ପୁରୁଷ ଦେହର ପରଶ ମୋ ଦେହରେ ଲାଗି ଅଜାଣତରେ ଅଣୁଥିଲା କାଉଁସି ଅଦେଖା ମୋହ । ଯୌବନ ଖୋଜେ ସାଥୀ, ସୌନ୍ଦର୍ଯ୍ୟ ତାକୁ ପଥ ଦେଖାଏ । ମୋହ ଯାହାର ଆବରଣ । ମତେ ଲାଜ ମାଡ଼ିଲା । ପର ମଣିଷ ସେ—ମୋ ପ୍ରତି ତାଙ୍କର ଏତେ ସହାନୁଭୂତି କାହିଁକି ? ତାଙ୍କ ପ୍ରତି ମୋର ବା ସହାନୁଭୂତି କାହିଁକି ? କେଉଁ ସାହସରେ ଟାଣିଆଣି ମୋ ହାତକୁ ଧରି ଏଠି ବସେଇଲେ ? ସେ ମୋର କଉ ଗୁରୁ ଗୋସେଇଁ ହେଇଚନ୍ତି...... ?

—ଗହ୍ମର ମନ୍ଦିରରେ ମହାଦେବଙ୍କ ମଣି ଠାକୁରଙ୍କ ପ୍ରକାଣ୍ଡ ଅନ୍ଧାର ! ମୋ ବୋଉ ହାତରେ ସଞ୍ଜଦୀପ ! ପବନରେ ଲିଭିଯିବା ଭୟରେ ପଣତ କାନରେ ଘୋଡ଼ାଇ ଧରି ମଣିଙ୍କ ଗମ୍ଭୀର ଭିତରେ ପଶି, ସଞ୍ଜବତୀ ଦେଇସାରି, ଦିଅଙ୍କ ପାଦ୍ରେ ମୁଣ୍ଡିଆ ମାରି ଶୁଭ ମନାସୁଚି—"ମୋ ବିସ୍ତୁ ପ୍ରିୟା ପାଇଁ ଗୋଟିଏ ଭଲ ଯୋଗ୍ୟ ବର-ପାତ୍ର ଯୁଟାଇ ଦିଅ ପ୍ରଭୁ ! ସେ ପିଲାକାଳୁ ବାପଛେଉଣ୍ଡ—ଦୁଃଖିନୀ-ଟାଏ !" ତାର ଦୁଇ ଆଖିରୁ ଗଡ଼ୁଚି ଲୁହ । ସେ ତଳୁ ମୁଣ୍ଡ ଉଠାଇ ଅନେଇଲା ଠାକୁରଙ୍କ ଆଡ଼କୁ—ଶିବ ପାର୍ବତୀ ଦୁହିଁଙ୍କ ମୁହଁ ଦିଶୁଚି ଉଜ୍ଜ୍ୱଳ ! ଦୁଇଟି ନିର୍ଜୀବ ପଥର ମୂର୍ତ୍ତି, ଅଜ ଜୀବନ ପାଇଲା ଭଳି ହସୁଚନ୍ତି ।

ମନ୍ଦିର ଘଣ୍ଟା କାହାଳୀ କେତେବେଳୁ ବାଜି ସାରିଲଣି । ସନ୍ଧ୍ୟା ଦୀପ ଜଳିବା ଅଧଘଣ୍ଟାକ ପରେ ବୋଉ ଲେଉଟାଣି ପଡିଲା । ବାଟବନ୍ଧ ଉପରୁ ସେ ଦେଖି ସାରିଲାଣି—ବାଉଁଶ ବୁଦା ମୂଳେ ମୋ ସାଙ୍ଗରେ ଶଚିନ୍ଦ୍ର ବାବୁ ବସିଚନ୍ତି ।

ବୋଉ ମନରେ ବୋଧେ ଭାବୁଥିଲା—

—ଭଗବାନ କଣ ସତେ ଏଇଆ କରିବେ ? ଶଚିନ୍ଦ୍ର ଭଳି ଭଦ୍ରଲୋକ ପାଠୁଆ ପିଲା ସାଙ୍ଗରେ ମୋ ପୋଡ଼ା କପାଳୀର ହାତ-ଗଣ୍ଠି ପଡ଼ିବ ? ବଡ଼ଲୋକ ପୁଅଙ୍କୁ ସବୁ ପତିଆରା ନାହିଁ । ବିଶ୍ୱାସରେ ବିଷ ଦେଇ ଗରିବ ମାନଙ୍କର ସର୍ବନାଶ କରନ୍ତି । ଶେଷକୁ ଝିଅଟା ମୋ କୁଳକୁ କଳଙ୍କ ହେବ ସିନା !

—ମୁଁ ଶଚିନ୍ଦ୍ର ବାବୁଙ୍କ ପାଖରୁ ବିଦା ହୋଇ ପାଣିଗରା କାଖେଇ ବାଟବନ୍ଧ ଉପରେ ହେଇଚି । ବୋଉ ସାଙ୍ଗରେ ଭେଟ ହେଲାରୁ ସେ ଖରଖର କହିଲା—"ମୋ'ର ଝିଅ ହୋଇ ତୁ ଏତେ ଖରାପ ହୋଇ ଗଲୁଣି ? ବେଳ ଘଡ଼ିଏ ଥିଲା ତୁ ପାଣି ଅଣିବାକୁ

ଅସି ରାତି ଦ'ପହରକୁ ଫେରୁଛୁ ! ମହାନ୍ତି ଘର ଟୋକା ସାଙ୍ଗରେ ତୋର ଇମିତି ଲୋଭ ଲାଗିଥିଲା ଲୋ ? ତୁ ତା ପାଖରେ ସାଙ୍ଗ ସରସା ହୋଇ ବସିଥିଲୁ ! କେତେ ଅଳିଅଳ କରି ଡାକେ ବାଡ଼େଇଥିଲା—ସେ। ଫଟା କପାଳକୁ ବଡ଼ଲୋକିଆ ଘର ଝିଅ ବହୁଙ୍କ ପରି ତୁ ଅଲାଜୁକୀ ଫରଫସି ହେଲୁ ।"

—କିମିତି ଆମର ସବୁ କଥା ଜାଣି ପାରି ବୋଉ ବହୁତ ରାଗିଛି । ଭୟରେ ପ୍ରାଣ ଛଟପଟ ହେଉଥାଏ । ଛାତି ଭିତର ଦାଉଁ ଦାଉଁ ପଡ଼େ । ଭରସି କରି ତା କଥାରେ ପ୍ରତିବାଦ କଲିନାହିଁ । କାନ୍ଦ ମାଡିଲା ।

ବୋଉ ଓଲଟି ପୁଣି ଭମ ଭମ ହୋଇ କହିଲା—"କାନ୍ଦୁଛୁ କାହିଁକି ଲୋ ? ଓଲଟି ଚଉକି ଠାଣି ଦେଖାଉଛୁ ! ସେ ଟୋକା ସାଙ୍ଗରେ ସଲ ହୋଇଛୁ ବଣି କୁଳରେ କଳଙ୍କ ବୋଳିବୁ ବୋଲି ? ମାନ ଅଛି—ମହତ ଅଛି—କେଉଁ ସାହସରେ ତୁ ନିଆଁ ଗିଳିବାକୁ ବସିଛୁ ?"

ଛାତି ଭିତରେ ସତେ କି ଛୁରି ଗୁଳିଗଲା । କାନରେ ହାତ ଦେଇ ଘରଅଡ଼େ ଗୁଳିଲି । ଘର ମଝିରେ ବରକୁଆ ହୋଇ କାସ୍ତିଶିନ ଡିବି ଅଳ୍ପଅଠା ଜଳୁଛି । ସେଇଠି ଯାଇ ବସିଲି । ଶଚୀନ୍ଦ୍ର ବାବୁଙ୍କ ଉପରେ ମୋର ଖୁବ୍ ରାଗ ହେଲା । ସେ ବାଟବଣା ଲୋକ ! କାହିଁକି ମତେ ତାଙ୍କ କଥା କହିବାକୁ ଯାଉଥିଲେ ? ମନ ଭିତରେ କିଏ ଯେମିତି କୁହାଟ ଛାଡୁଛି—"ତୁ ତାକୁ ଭଲ ପାଇବାକୁ ଯାଉଥିଲୁ କ'ଣ ଭାବି ? ଭୁଲ କରିଛୁ ! ଜୀବନ ଭରି ବାଇଅଣୀ ହୋଇ ; ତା' ପାଇଁ କାନ୍ଦି କାନ୍ଦି ମରିବୁ...... ।"

## * ତିନି *

—ଆମ ରୁପସା ଗାଁ ବଡ଼ ନ ହେଲେ ମଧ୍ୟ ଯୋପସା, ମାଣ୍ଡ୍ରୁପଦା ଭଳି ଛୋଟ ଗାଁ ନୁହେଁ । ଗ୍ରାମ ବାସିନ୍ଦା ମାନଙ୍କର କାହା ସହିତ କାହାର ମନ ଅମେଳ ନାହିଁ । ପୁରୁଷାନୁକ୍ରମେ ସମସ୍ତେ ଗୃଳକୁ ଗୃଳ ବାନ୍ଧି ଘରଙ୍କର ପଡ଼ି ରହିଛନ୍ତି । ଗୋଟାଏ ପରିବାର ଆତ୍ମୀୟ ଜ୍ଞାତି ଭଳି ସଭିଏଁ ସଭିଙ୍କ ଆପଦ ବିପଦ ବେଳେ ସାହାଯ୍ୟ ସହାନୁଭୂତି କରିବାକୁ ବାହାରି ପଡ଼ନ୍ତି ।

—ସେଦିନ ସଞ୍ଜବେଳ ଠାରୁ ମୋ ମନରେ ଗୋଟାଏ ଦିଗ ଥାଏ । ଖାଲି ଅପବାଦ ଭୟରେ ବେଳେ ବେଳେ ଛାତି ଭିତରଟା ଶଙ୍କି ଉଠୁଥିଲା । ଲଜରେ ପଡ଼ି ଶଶିନ୍ଦ୍ର ବାବୁଙ୍କ କଥା ମୁଁ ଚିନ୍ତା କରୁ ନ ଥିଲି । ସତକୁ ସତ ; ଯୁଆଡ଼ିକି ଚାହେଁ ଖାଲି ତାଙ୍କର ହସୁଖି ମୁଖ ଛବି ଯେପରି ଦିଶି ଯାଉଛି ! କାହିଁକି ବା ସେ ମତେ ଭଲ ପାଆନ୍ତି ? ପ୍ରକୃତ କ'ଣ ବିବାହ କରିବା ଆଶାରେ ? ?

—ସେ ସବୁ ମନର ସ୍ପୃହା ଅନୁଭୂତି କଥା ଭାବିଲେ ଆନ-ନ୍ଦରେ ଛାତି ପୁଲକି ଉଠେ । ବାସ୍ତବିକ୍ ଭଗବାନ ମନୁଷ୍ୟ ଜାତି ଭିତରେ ଏପରି ଉଚ୍ଛୃଙ୍ଖଳ ପ୍ରତ୍ୟେକଙ୍କ ଜୀବନରେ ପ୍ରାୟ କଞ୍ଚ-

ଜନ ପାଇଁ ଅସେ । ସେତେବେଳେ ଯୁବତୀ ମନ ଚାହେଁ ତା ମନ ମୁତାବକ ପ୍ରେମିକ ! ତା'ର ପାଇଁ ତାର ସେ ଜଣକ ଦୁନିଆରେ ଶ୍ରେଷ୍ଠ, ସୁନ୍ଦର, ରମଣୀୟ ବସ୍ତୁ ହୁଏ । ଏଣିକି ଦିନ ରାତି ତାଙ୍କର କଥାମାନ ଶୁଣି ହେଉଛି ।

—ଘର ପାଇଁଟି ସାରୁ ସାରୁ ମାଇପି ଗାଧୁଆବେଳ ହୋଇ ଯାଇଥାଏ । ବାଡ଼ପଟେ ଅମ୍ବତୋଟା ପାଖ ଗୋଚରରେ ଗୋବୁଆଲ ଗୋଠ ବାନ୍ଧି ଚଳୁଚନ୍ତି । ଗାଈ ଜଗୁଆଳ ଟୋକା ଅଗାଧୁ ଅମ୍ବ ଡାଳରେ ଦୋଳି ମାଙ୍କୁଡ଼ି ଖେଳ ଢଗ ଢଙ୍ଗରେ ଗୀତ ଗାଉଛି—

ଗାଈ ଛାଡ଼ି ଦେଲି ଘଞ୍ଚ, ବାଳ ଛୁଉ ଦଅ ଅଣ୍ଟାରେ ପଡ଼ୁ,
ନୂଆବୋଉ ଲୋ, ଲକ୍ଷେ ଚମ୍ପାଫୁଲ ଝଡ଼ୁ ।
ମହକୁଛି ବଣମଲ୍ଲୀ, ନାଗର ଅସିବ କହୁଛି ଭାଲି ଲୋ,
ଚନ୍ଦ୍ରବଦନୀ, ଗଣ୍ଡ ଛୁଆଇଁବୁ ଥିବ ଥିବ ।
ଅମ୍ବ ବଉଳର ବାସ, ଯୁବତୀ ଉପରେ ଯୁବାର ଆଶ ଲୋ,
ଦେଖିଥା ଟେଭା ନାରଙ୍ଗ, ଯୁବା ଅଖିରେ କାମିଆଁ ବଣ ।
ଯା ପ୍ରେମେ ମଜ୍ଜେ ଯା ମନ,
ନ ବାଛୁବ କେବେ ପାଣି ପଠାଣି ଲୋ—
ଷୋଳବୟସୀ, ତା ବିନା ତାକୁ ସୁନ୍ଦର ନ ଦିଶେ ଆନ ।

—ମୁଁ ପୋଖରୀ ତୁଠ ମାଙ୍କଡ଼ା ପଥର ପାହାଚ ଉପରେ ବସି ଦାନ୍ତ ଘଷି ତା ଗୀତ ଶୁଣୁଥିଲି । ଏ ଟୋକାର ସାହସ ତ କମ୍ ନୁହେଁ ! ସେ ଟୋକା ଦରହସିଲା ଓଠ କରି ମୋ ମୁହଁକୁ ବାର ବାର ଚାହୁଁଥାଏ । ଗାଈ ରଖୁଆଳ ଟୋକାର ଭେଟେରସା ଗୀତ ଶୁଣି ମନ ମୋର ଚହଲିଗଲା—ପ୍ରାଣ ପୁଲକିତ ହୋଇ ଉଠିଲା । ଯୁବା ବୟସ ବେଳେ ସମସ୍ତଙ୍କର ସ୍ୱଭାବ ବଦଳି ଯାଏ । ତେଣେ ଦାସଘର କିଆରୀରେ ଗୋବୁଆଲ ପଶିବାର ଦେଖି,

ଅଗାଧୁ ଦୋଳାରୁ ଓହ୍ଲେଇ ପଡ଼ି ଠେଙ୍ଗା ଉଠେଇ ଗିରକ୍ ଗିରକୁ ବୋଲି ଡାକ ଛାଡ଼ି ଦଉଡୁଛି । ଭାବେ—ଏ ଟୋକାର ମତଲବ ବଡ଼ ଖରାପ !

—ପୋଖରୀ ହୁଡ଼ା ଉପରେ ଗୋଟାଏ ବଅଁଳା ବାଛୁରୀ ତା' ମାଆଠଉ ଦୁଧପିଇ ତା' ପଛରେ ଉଅଁ ମାରି ଦଉଡୁଛି । ଭାବେ—କଅଣ ପେଇ ଶଶିନ୍ଦ୍ର ବାବୁ ଦୁଇମାସ ହେଲା ମୋ ପିଛା ଧରିଚନ୍ତି ? ମୋ ପେଟ ଭିତରୁ କିଏ ଯେପରି କହୁଛି—ଅଲୋ ! ଶଶିନ୍ଦ୍ର ବାବୁଙ୍କୁ ତୁ ଏ ଜୀବନରେ ଭୁଲି ପାରିବୁ ନାହିଁ । ସେ ତୋ'ର ଜନ୍ମ ଜନ୍ମାନ୍ତର ସାଥୀ । ବିଧି ବିଧାତା ତୋ ପାଇଁ ତାଙ୍କୁ ପସ ଗଢ଼ିଛି !

—ଜାଉଳାବୋଉ ମୋର ଲେଖାରେ ଅଛି ହବ । ପୋଖରୀ ଘାଟ ପାଖରୁ ଟିକିଏ ଦୂରେଇ ସୁନୁସୁନିଆ ଶାଗ ତୋଳୁଥାଏ । ଏତିକି ବେଳେ ସମ୍ମୁଖର ନୀଳା ନୂଆବୋଉ ଗାଧୋଇବ ବୋଲି ହୁଠର ଅଣ୍ଟାଏ ପାଣିକି ପଶିଲାଣି । ଉପରେପଡ଼ି ଜାଉଳା ବୋଉ ନୀଳା ନୂଆବୋଉକୁ ଅଣ୍ଟିରିବା ମାରି ଦେଖେଇ ଉଲେଇ ହୋଇ କହିଲା—ଆମ କାଳେ ଲୋ ନାତୁଣୀ ବୋହୂ, ଅଠବର୍ଷ ବୟସ ବେଳେ ଝିଅଙ୍କୁ ଗୌରୀଦାନ ଦେଇ ବାହା କରାଇ ଦେଉ-ଥିଲେ । ଏବକୁ ଏମିତିକା ସ୍ୱାମୀଛେଳେକା ଅଭଲ କାଳ ହେଲା ଯେ ଘରଯୋଗ୍ୟ ଝିଅମାନେ ବାପଘରେ ବୁଢ଼ୀ ଧେଙ୍ଗଡ଼ୀ ହୋଇ ଯାଉଚନ୍ତି । ଅରେ ମୋର ଶକ୍ତ ପ୍ରିୟା ଚବାଉ ସାଥୀରେ ଦେଖା-ହେଲେ ମୁଁ ଅଲ୍ଲାକର ପରସ୍ତେ ତାଙ୍କୁ ଶୁଣେଇ ଦେବି ।

ମୁହଁ ମୋଡ଼ି, ନାକ ଟୁଆଁଡ଼ି ନୀଳା ନୂଆବୋଉ ମୋ ମୁହଁକୁ ଚାହିଁ କହିଲା—ମରଦ ଜାତି ନାନା ଭଙ୍ଗିରେ କଥା କହନ୍ତି । ମନ ଭେଗ ମେଣ୍ଟେଇବାକୁ କେତେ ସୁଅଗ କରନ୍ତେ ।

ସତରେ କାମ ମେଣ୍ଟିଗଲେ ଆଉ ଧରିଛୁଅଁ ଦେବେନାହିଁ । ତାଙ୍କ ନ୍ଦରେ ପଅଡ଼ନା ନଣନ୍ଦ ! ପଡ଼ିଚୁ ଉ ; ମରିଚୁ !

ବାଉଳା ବୋଉ ଚୋଟଆଡ଼କୁ କିଛି ସମୟ ନିରେଖି ହିଁବା ପରେ ମୋ ମୁହଁକୁ କଟମଟ କରି ଚାହିଁ କହିଲା—ଚୋଟା ଡେ଼ ତାହାଙ୍କ ଅନାଇରୁକିଲେ ? କାହାକୁ ଅସିବାକୁ କଣ୍ଢି ଦାଇଚୁ ନା କଣ ? କେଉଁ ଉଦାରଲୋକ ସେ, ତୋ ରୂପରେ ମିଛ ଲୋଭେଇ ପଡ଼ିଛି ?

ନୀଳା ନୂଆବୋଉ କଥାକୁ ଅଡ଼ୁରି ସତ ଫଳେଇଲା ପରି ହିଲା—ହଁ, ଏତେବେଳକେ ଏ ଯେଉଁ କଥା କହିଲ—ମନକୁ ଇଲା । ଯୁଆଙ୍କ ଢଙ୍ଗରୁ ଦେଖୁନ, ଝୁରି ଝୁରି କାହା ଚିନ୍ତାରେ ଆମ ଷ୍ଟ ପ୍ରିୟା ଦେଈ ଶିଶୁ ଦାଉଡ଼ି ହୋଇ ଗଲେଣି—

—"ମାଇକିନା ଝିଅ ଜନମ ପାଇ
କେ କହିବ ମନ ଚହଲି ନାହିଁ ।
ଅକଥାକୁ କଥା କର ନାହିଁ,
ସତୀ କୋଟିକରେ ଗୋଟିଏ ମିଳିବେ ନାହିଁ ।"

ଲା ବୟସ ଥାଉଁ ଥାଉଁ ଯଦି ମାଇକିନିଆ ଝିଅ ସଂସାର ନ କରିବ, ଉ କଣ ବୁଢ଼ୀକାଳେ ଯାଇ ଗେରସ୍ତ ଖୋଜିବ !

—ମିଛକୁ ସତକରି ଏମାନେ ମୋ ନାଆଁରେ ଦୁର୍ନାମ ଠାଉଛନ୍ତି । ମୁଁ ରାଗରେ ମୁହଁ ଲୁହୁଲେଇ କହିଲି—କଣ୍ଠା ଡ଼ରେ ଲୁଗା ଦେଇ ମୋ ସାଙ୍ଗରେ କଳି କରିବାକୁ ବଇଠ ଲେ ? ମୁଁ ବାଧା ହେଲି କେତେ ନ ହେଲି କେତେ, ଆମ ଘର ଥାରେ ଉତେ ଉଲେଇ ହେବାକୁ କିଏ ଡାକୁଚି ? ଅଲେ ଲେଇ ଲେପସି ଧାଙ୍ଗଡ଼ୀ ବୁଢ଼ୀ ! ମିଛକୁ ମୋ ନାଆଁରେ ର୍ନାମ ଦେଉଚୁ ; କଣ ପାଇବୁ ?

ଅଖିଲ ଢାଳରେ ମୁହଁ ଘଷୁ ଘଷୁ କଥା ବାଆଁରେଇ ମାଙ୍କୁ ନୁଆବୋଉ କହିଲା—ନିଜ ଦୁଃଖରେ ହାଣ୍ଡି ବାଉସି ନାହିଁ । ହଁ, ତୋ ମୁହଁରେ ନିଆଁ ଲୋ ନିଅଂଶୀ ! ପର ପରମେଶ୍ୱର, ତାହା ଝିଅ ବୋହୁ କଅଣ କଲେ ନ କଲେ ଆମେ ତାହିଁକି ସେ କଥା ବିଚାରିବା ? ତା ଘର କଥା ପଦେ ପଡ଼ି ଯିବାରୁ ସେ କହିଲା—ଅଜ ଅଜ ମଣିଷ ସବୁ କଂଗ୍ରେସ କରୁଚନ୍ତି ନା ଆମର ମିଶିପେ ଏକା କଂଗ୍ରେସ କରୁଚନ୍ତି । ଧନ ତୋଳି ଘଡ଼ି ସମିତି ଘରଠେଇଁ କହୁଚି । ଶଚନ୍ଦ୍ର ମହାନ୍ତି ବୋଲି ଯେଉଁ ବାବୁ ଜଣକ ଭାରି ସ୍ନେହୀ ମେଲାପି ମଣିଷ ! ତାଙ୍କର ଭଲ ଗୁଣ ପାଇଁ ଆମ ଏ ଆଖ ପାଖ ଦଶ ବୋଡ଼ଏ ଖଣ୍ଡି ଗାଆଁରେ ସଭିଲେ ତାଙ୍କୁ ଆଦର ସନମାନ କରନ୍ତି । ସେ ବଡ଼ଲୋକଙ୍କ ଘର ପୁଅ ହେଲେ ବି କଣ ହେବ କୁଟି-ପେଖିଆ ନୁହନ୍ତି । ତାଙ୍କର ଧନ ସମ୍ପତ୍ତି ଉପରେ ମୋଟେ ନିଘା ନାହିଁ ।

ବାଉଲା ବୋଉ ପାନଖିଆ କଳା କଟିକଟି ଦାନ୍ତ ଗୁଡ଼ାକ ଦେଖେଇ ଫେଁ ଫେଁ କରି ହସି କହିଲା—ମିଛ କଥା ମୁଁ କହୁନାହିଁ । କଥାରେ ନଥା ଲଗେଇ କହିବା ମତେ ଜଣା ନାହିଁ । ଗଲି ଅଇଲି, ଯାହା ଶୁଣିଥିଲି ସେୟା କହିଲି । ଏକଥା ଆଜକୁ ଅଠଧାନ ହେଇ ଗଲାଣି । ସଞ୍ଜ ବେଳ । ବାଉଁଶ ବୁଦା ମୂଳ ଅନ୍ଧାରରେ ବସି ବିଷ୍ଣୁପ୍ରିୟା ସଙ୍ଗେ ଶଚନ୍ଦ୍ର ମହାନ୍ତିର ଯିମିତି କଥା-ବାର୍ତ୍ତା······ହେଉଥିଲେ, ଖରାପ କଥା ବୋଲି ଦେଖିବା ଲୋକେ କହୁଚନ୍ତି । ସେ କଥା ପାଇଁ ଗାଆଁରେ ଏତେ ଧର ପଗଡ଼ ଲାଗିଚି, ଯା ଭିତରେ ଅଜ କିଛି ଗୋପନ କଥା ଥିବ ବୋଲି ସିନା !

—ଗାଆଁ ମାଇପି ଗୁଡ଼ାଙ୍କର ବାଦବୁଦିଆ ପରଚର୍ଚ୍ଚା ନିତି-ଦିନିଆ ସ୍ୱଭାବ ହେଇ ଗଲାଣି । କଥା କଥାକେ ତେଢା ଭଲ ମୁହଁ,

—କଜାଅ, ତୁଟି ଧଗଧର । ଏବେନେ ଏ ବଂଶବୃକ୍ଷର ନାଅଂଶୀଙ୍କ
ଆଗରେ ତୁଣ୍ଡ ଫିଟେଇଲେ ଝଂଠାପଠା କଜାଅ ଲଗେଇବେ ।

—ଖାଲି ଏ କାହିଁକି ? ଆଜ ଆଜ ମାଇପି ମାନେ ତାଙ୍କୁ
ଉପଲକ୍ଷ୍ୟ ଦେଇ ପରିହାସରେ ମୋର ଦୁର୍ନାମ କଥା କହୁଚନ୍ତି ।
ସେମାନଙ୍କ କଥା ଦାନ୍ତୁଆ କୁକୁର ପରି ଛାତି ଫୁଟାଏ । ପ୍ରକୃତ ସତ
କଥା, ମୁଁ ଶଶାଙ୍କ ବାବୁଙ୍କ ଗୋପନ ପ୍ରେମରେ ପଡିଚି । ଭିତର
ମନରେ ମୁଁ ସବୁ କଥା ବୁଝିଲେ ବି ଉପର ମନରେ ମୁହଁ ଠାଣି
ରି ରହି ରହି କହିଲି—ତୋହର ପରି ବେହଲ ନିର୍ଲଜ୍ଜାଙ୍କ କଥା
ଶୁଣିବାକୁ ମୋର ବେଳ ନାହିଁ ।" ମାଡ଼ ମାଇଲା ପରି ତା କଥା
ଗୁଡ଼ାକ ମତେ ଲାଗିଲା । କଂସା ବାସନ ଧୋଇ ସାରି ତରବର
ହୋଇ ପୋଖରୀ ତୁଠରୁ ପଳେଇ ଆସିଲି ସିନା, ଗୋଡ଼ ଚଳୁ
ନ ଥାଏ ।

—ମୁହଁ ମୋଡ଼ି ଛୁଗୁଲେଇ କରି ବାଉଳା ବୋଉ ମୀଳା
ବୁଆବୋଉକୁ କହିଲା—ଦେଖିଲୁ ତ ଏ ଟୋକୀର ଢଙ୍ଗ ? ଆଲୋ
ବାଖାଇ ଚାହେଁରୀ ! ଲାଜ ଲାଗୁଚି ନା, ଗୋଡ଼ ଦୁଇଟି ଦିଶୁଚି । କଥା
ଗାଇ ହାଟରେ ପଡ଼ି ବାଟରେ ଗଡ଼ ଗଡ଼େଇଲାଣି । ଏଇ କେଇ-
ଦିନ ଭିତରେ ଦେଖୁନୁ ତାର······କଣ ହବ ମ ।

—ଆସିଲା ବେଳେ ଅଧ ବାଟରେ ଶଶାଙ୍କ ବାବୁଙ୍କ ସଙ୍ଗେ
ଦେଖା ହେଲା । ତାଙ୍କ ମୁହଁ ଶୁଖିଲା ଶୁଖିଲା ଦିଶୁଚି । ମତେ ଦେଖି
କେଇ ହସି ହସି କହିଲେ—"ପ୍ରାଦେଶୀକ କଂଗ୍ରେସ କମିଟି"ରୁ
ଡକରା ଆସିଚି, କାଲି ମତେ କଟକ ଯିବାକୁ ହେବ ।

—ମୁଁ ଅଶ୍ରୁର୍ଯ୍ୟ ହେଇ ପଚାରିଲୁ ମୁହଁ ଫେରାଇ ବିରକ୍ତ ହେଲା
ରି ପଚାରିଲି—କଣ ପୁଣି ହେବ ଯେ ? କଂଗ୍ରେସବାଲାଙ୍କୁ
ଡକରା ପଡିଚି—କାହିଁକି ?" ଦୁର୍ନାମ ଭୟରେ ଗୁରି ଅଳିକୁ

ତରଙ୍ଗ ତରଙ୍ଗ ହୋଇ ଚାହୁଁଥାଏ । କିଛି ନ ହେଉଣୁ ତ ମୋ ନାଆଁରେ ଗାଁ'ଟା ଯାକ ଅପବାଦ ଉଠେଇଲଣି । କାଳେ କିଏ କେଉଁଠି ଥିବ, ଦେଖି ପକେଇଲେ ମୋ ଇଜ୍ଜତ ବାରଣ୍ଡା ଧଇଡ଼ା କରିଦେବ । ମନ ଭିତରର ପଗୁରିଲା—ମିଛ ଅପବାଦ ଦେବାକୁ କାହିଁକି ମୋ ପିଛା ଧରିଚ କହିଲ ?

ଶଚନ୍ଦ୍ର ବାବୁ ଠୋ ଠୋ ହୋଇ ହସି କହିଲେ—ବାଘ ବାଘକୁ ଦେଖିଲେ ଆନନ୍ଦିତ ହୁଏ । କୁକୁରର ପ୍ରକୃତି ଭଲ ମନ୍ଦ ନ ବୁଝି ଭୁକେ । ଯେ ଭଦ୍ରଲୋକ ସିଧା ସଳଖ ଚାଲିଯିବ । କୁକୁର ଭୁକି ଭୁକି ତୁନି ପଡ଼ିବ ।

—ତାଙ୍କ ମୁହଁରୁ ଏପରି ଉପଦେଶପୂର୍ଣ୍ଣ କଥା ଶୁଣି ମୋ ମନରୁ କେତେକ ସନ୍ଦେହ ଅଳିଆ ଧୋଇ ହୋଇଗଲା । ଲାଜରେ ତାଙ୍କ ମୁହଁକୁ ସିଧା ସଳଖ ଚାହିଁ ପାରୁ ନ ଥାଏଁ । ମୋ ହାତକୁ ଖଣ୍ଡେ ଚିଠି ବଢ଼େଇ ଦେଇ ଭଲକୁ ମୁହଁ ପୋଛି ସେ କହିଲେ—ମୁଁ ତମକୁ ଭଲ ପାଇ ଏପରି କିଛି ଭୁଲ କରିନାହିଁ । ଏ ଚିଠି ଖଣ୍ଡିକ ପଢି ଆଜି ରାତିରେ କେଉଁଠି କି ଭାବେ ଦେଖା ସାକ୍ଷାତ ହେବ, ତାର ବ୍ୟବସ୍ଥା କରି ଚିଠିଦେଲେ ଦେଖା ହେବ ନିଶ୍ଚୟ ତାଙ୍କୁ ପାଖରୁ ବିଦାକରି ଦେବାକୁ ମନ ମୋଟେ ଡାକୁ ନ ଥିଲା ।

—ଏତିକିବେଳେ ଆମ ବାହାରୁ ବୋଉ ଡାକିଲା—ହାଁ ଲୋ, ତୁ [illegible]ସନ ଦୁଇଖଣ୍ଡ ଧୋଇବାକୁ ପୋଖରୀ ତୁଠକୁ ଯାଇ ଏଠି ଏତେବେଳଯାଏ କଅଣ କରୁଚୁ କହ୍ତୁ ? ଏ ପାଇଁ ମତେ ବାବୁ ଲୋକ ଚାରି କଥା କହୁଚନ୍ତି ।

—ବୋଉର ତୁଣ୍ଡ ଶୁଣି, ଶଚନ୍ଦ୍ର ବାବୁ ଶାନ୍ତ ପିଲାଟି ପ ଧୀରେ ଧୀରେ ଚାଲିଗଲେ ଅମ୍ବତୋଟା ଭିତରକୁ । ତରବର ବ

ୂଟେଇ ଶଠି ଖଣ୍ଡିକ ମୁଁ ଅଣ୍ଟାରେ ଗୁଞ୍ଜିଦେଲି । ମତେ ଭଗ୍ନ
ଗଜ ମାଡ଼ିଲା । ତଳକୁ ମୁହଁ କରି ଘରକୁ ଆଇଲି ।

—ଶ୍ରେଷ୍ଠେଇ ଘରେ ପଶି ଚୁଲ୍ଲୀ ଲଗାଉଥାଏଁ । ଖୁଣ୍ଟିଲା
ାଙ୍କ ପଥର—ନିଆଁ ହୁ ହୁ ହୋଇ ଜଳି ଉଠିଲା । ବୋଉ ଶାଗ
ାଟିବାକୁ ବସି ସତର୍କ କରି କଥା ଥଙ୍ଗେଇ କହିଲା—ଦେ'ଣ
ନେ'ଣର ଏ ଦୁନିଆ । କିଛି ସ୍ୱାର୍ଥ ନଥିଲେ କେହି ପଦୁଟିଏ କଥା
ହିବେ ନାହିଁ । ମନରେ କଉ ଅଭିଳାଷ ଅଛି ବୋଲି, ତୋ
ାଙ୍ଗରେ କଥା ହେବାକୁ ଛଟପଟ ହୁଏ । ଭଗ୍ନ ଜଟଣ ଲୋ ସେ !
ା ଢଙ୍ଗ ଦେଖି ମତେ କାହିଁକି ଭଲ ଲାଗୁନାହିଁ । ତୋର ଏଇ
ବେଲଜ୍ଜୀ ବେସରମୀ ପଣ ମୁଁ ଆଖିରେ ଦେଖିବାକୁ ଚାହେଁନି ।

—ମନ ଭିତରେ ଅପବାଦର ନିଆଁ ଜୁହୁଳୁଥିଲା । ବଡ଼-
ଲୋକଙ୍କ ଘର ମାନଙ୍କରେ କେତେ ପରପଞ୍ଚ କଥାମାନ ହେଉଛି ।
ଛରେ କିଏ କଣ କହନ୍ତି ସିନା ତାଙ୍କ ମୁହଁ ଉପରେ କିଏ କିଛି
କହି ପାରଛି କି ? ଢାଣୀ ବଳେଇର ଅସରପା ଉପରେ
ଯେତେକ ରାଗ । ଆମେ ଗରିବ ନିଆଣ୍ତି ବୋଲି ମିଛ ସତରେ
ଅପବାଦ ଚଟେଇ ଛୁ'ଛୁଙ୍କର କରି ଛୁଗୁଲେଇ କହିବେ । ଏ
ଯୁଗରେ ମଣିଷର ଦରିଦ୍ର ଅପେକ୍ଷା ପାପ ନାହିଁ । ସବୁ ପାପଠାରୁ
ଅତି ନିକୃଷ୍ଟ ପାପ ହେଉଛି ଏହି ଦରିଦ୍ର ପଣିଆ ।

—ତାଙ୍କ ଦେଇଥିବା ଶଠି ଖଣ୍ଡିକ ଯେତେବେଳେ ପଡି-
ବାକୁ ବସିଲି ମନର ଏତେ ରାଗ ଆପଣା ଛାଏଁ ନଇଁଗଲା । ତାଙ୍କ
ଠିକୁ ଚୁନି ଚୁନି କରି ପଢିଲି । କବିତା ଆକାରରେ ସେ
ଲେଖିଚନ୍ତି—

—"ହେ ମାନସୀ ପ୍ରିୟା ! ହେବ କି ଅର୍ଦ୍ଧାଙ୍ଗୀ—
—ମୋର, ହେ ଶର ଷୋଡ଼ଶୀ !

ରତ୍ତ ହୋଇଅଛ ମନେ, କେବେ ସତୀ ହୋଇ
ଆମ ଘରେ ଆସିବ ପ୍ରେୟସୀ ?
ଶତପଦ୍ମ ବାସେ ବାସିତ ତନୁ ତବ,
ତମେ ମୋର ପ୍ରିୟତମା !
ପୀରତ କମ୍ପନ ଦେଲ୍ ମୋର ହୃଦେ,
ମୋର ହୃଦରାଜ୍ୟ ତିଲୋତମା !

ପ୍ରଣୟ ଉନ୍ମାଦେ ମତ୍ତ ମନ ପ୍ରାଣ,
ଅହରହ ବିରହେ ହୁଏଁ ଅସ୍ଥିର ।
ମନମୋହିନୀ ଗୋ ! ପଢ଼ାଇଲ ମତେ
ଅଭୁଲା ପ୍ରେମ ମନ୍ତ୍ରର ।
ଭାବେ—କହିବାକୁ ମନ କଥା ଖୋଲି,
ଲାଜେ ନ ପାରଇଁ କହି ।
ପ୍ରଣୟ ପୟୋଧି ଅତଳ ବାରିରେ
ମୋ ହୃଦଯନ୍ତ୍ର ଗର୍ଜଇ ରହି ରହି ।

—ଖରାବେଳ । ଗୃହଅଡ଼ ନିସ୍ତବ୍ଧ—ନିଶବଦ । ଚଟି ଖଣ୍ଡିକ ପଢ଼ିଲା ବେଳେ ପେଟ ଭିତରୁ କୋହ ଉଠୁଥାଏ । ମୁଁ ଏ କେଇଦିନ ହେଲା ପେଟପୂରା କରି ଗଣ୍ଡିଏ ଭାତ ଖାଇ ପାରୁନି । ଦିପହର ବେଳା ଶୋଇ ଶୋଇ ଖାଲି ଭାବି ହେଉଥିଲି । ଆମ ଗାଁ ଯାକ ମାଇପେ ମତେ ଖରାପ ଆଖିରେ ଦେଖନ୍ତି । ଶଚୀନ୍ଦ୍ର ବାବୁ ଆଜି ରାତିରେ ଯଦି ମୋ ଶୋଇବା ଘରେ ପଶିବେ, ତା' ହେଲେ କାଲି ସକାଳୁ ଗାଁ ମାଇପେ ପଞ୍ଚା ପଞ୍ଚା ଦଳ ବାନ୍ଧି ପାଞ୍ଚ ମାଇପଙ୍କ ମଝିରେ ପଞ୍ଚେଇ ହୋଇ, ତିଲକୁ ତାଳ କରି କହିବାର ସୁବିଧା ତାଙ୍କୁ ମିଳିଯିବ । ମୁଁ ସେଇ ସବୁ କଥା ଚିନ୍ତା

ଗା ତା........ ରାଉରକେଲା


ାଲବେଳେ ତାଲରେ ଝୈନ୍ଦ୍ରକିଅ ବିଛ୍ଛ କାମୁଡ଼ିଲା ପରି ଯନ୍ତ୍ରଣା ଅନୁଭବ କରେ ।

—କେବେ କେଉଁଦିନ ସଞ୍ଜବେଳେ ପଦୁଟିଏ କଥା ତାଙ୍କ ସାଙ୍ଗରେ ହୋଇଥିଲି ବୋଲି ଗୃହବୁଝିଏ ଦେଖେଇ ଛଲେଇ ତାଙ୍କଠେ ଅପବାଦ ଦେଇ ନାହାନ୍ତି !

—ଦେଖିଲି ବଡ଼ଘରେ ବୋଉ ନିଘୋଡ଼ ନିଦରେ ଶୋଇ ଅଛି । ଦୁଆତ କଲମ ଓ କାଗଜ ଆଣି ନିରୋଳାରେ ଖଣ୍ଡିଏ ଚିଠି ଲେଖିବାକୁ ବସିଲି ।

ପ୍ରିୟ ଶଚନ୍ଦ୍ର ବାବୁ !

ମୋର ପ୍ରୀତିପୂର୍ଣ୍ଣ ନମସ୍କାରଟି ନେବ ।

ତମେ ଏ କେଇଦିନ ହେଲା ମୋ ଅନ୍ତର ଅନ୍ତଃସ୍ଥଳେ ଯେଉଁ ମମତା ପୂର୍ଣ୍ଣ ଆବେଗ ସୃଷ୍ଟି କରେଇଛ, ସେ କଥା ଏ କ୍ଷୁଦ୍ର ଚିଠିରେ ପ୍ରକାଶ କରି ହେଉନି । ଏପରି ଗୋପନ ପ୍ରେମକୁ ଅନ୍ୟାୟ ବୋଲି ଜାଣିଥିଲେ ମଧ୍ୟ ପ୍ରଶ୍ରୟ ଦେଇ ଥିବାରୁ ମୁଁ ନିଜକୁ ନିଜେ ଲଜ୍ଜିତ ହେଉଛି । ତଥାପି ହୃଦୟ ତମରି ପାଖେ ସମର୍ପଣ କରି ସାରିଛି । ତମେ ବୋଧେ ଜାଣନି, ଏ ଦୁନିଆରେ ମୁଁ କେତେ ଦୁଃଖିନୀ—କେତେ ଅଭାଗୀ !

ତମ ପ୍ରେମ ମତେ ସ୍ୱର୍ଗସୁଖ ପରି ଲାଗିଛି । ଯେତେ ଭୁଲି-ବାକୁ ଚେଷ୍ଟା କରୁଛି—ସେତିକି ବେଶୀ ମନେ ପଡ଼ି ଯାଉଛି ।

ମୁଁ ତମର ଗୋପନ ପ୍ରେମିକା ବୋଲି ଯଦି ବାହାରେ ଘୋଟ ହୁଏ, ଶେଷକୁ ମା'ର ଅବସ୍ଥା ବାରଣ୍ଡା ଦ'କଡ଼ା ହେବ । ମର ବିରହ ଭାବ ପୂର୍ଣ୍ଣ ଲେଖାର ଚିଠି ଖଣ୍ଡିକ ପଢିବାକୁ ମତେ ଖୁବ୍ ଭଲ ଲାଗିଲା । ଆମ ବାରିପଟ ତୋଟା ପାଖକୁ ଆସି ସଙ୍କେତ ଦେଲେ ମୁଁ ଜାଣି ପାରିବି । ଆଉ ବେଶୀ କଣ ଲେଖିବି ? ଏ

ଚିଠିରେ ଗୋଟିଏ କବିତା ଲେଖିବାକୁ ଇଚ୍ଛା ବଳିଲା—ଲେଖିଲି, ପଠିବ ।

—"ପ୍ରାଣାଧିକ ! ତବ ଛୁଅଁ ଦେଲା
ଅଟଖା ମହୁଆ ଆଶ ।
ତମର ସ୍ନେହ ବିନା ଦୁନିଆରେ ଯେତେ
ସବୁ ତ ଲାଗଇ ବିଷ ।
ପ୍ରେମ ପୀରତି ବଡ଼ ଦରଦିଆ
ଉଚ୍ଛୁଳି ମନ ।
ତମେ ଯେ ମୋର କେତେ ଆଦରର
ଜୀବ ଜୀବନ ।
ଏ ପୋଡ଼ା କପାଳୀ ହେବ କି ସତେ
ତମର ଯୋଗ୍ୟ ତମର ସର ।
ନିତି ହାହାକାର ନଦୀ ବହିଯାଏ
ମୋ ହୃଦୟ ପ୍ରତିକୋଣ ବିଦାରି ।"

—କେତେ ଦିନ ପରେ ଆଜି ଶରତ୍ ବାବୁଙ୍କ ସଙ୍ଗେ ସତରେ ଦେଖା ହେବ. ସେ ପାଇଁ ଯେତିକି ଆନନ୍ଦ ହେଉଥାଏ ସେତିକି ବେଶୀ ସଂକୋଚ ମୋ ମନକୁ ଅଂଟବାର ବସୁଥାଏ ।

—ଚିଠିଟି ଲେଖିସାରି ତାଙ୍କ ଘରକୁ ଗଲି । ସେତେ-ବେଳକୁ ଶରତ୍ ବାବୁଙ୍କ ବୋଉ ପାନ ପେଟେଇ ପାଖରେ—ଗୁଆ କାଟିବାର ଠୁକୁର ଠୁକୁର ଶବ୍ଦ ଶୁଭୁଥାଏ । ଅଗଣାରେ ଥାଇ ଅନେଇ ଅନେଇ ଦେଖିଲି—ଶରତ୍ ବାବୁ ଖଟ ଉପରେ ଶୋଇ କଣ ଖଣ୍ଡିଏ ବହି ପଢୁଥାଆନ୍ତି । ମୁଁ ଧୀରେ ଧୀରେ ସେ ସେ ଘର ଭିତରେ ପଶି, ଚିଠି ଖଣ୍ଡିକ ଖଟ ଉପରକୁ ଫିଙ୍ଗିଦେଇ ସିଧା ସଳଖ ଆମ ଘରକୁ ପଳେଇ ଆସିଲି ।

—ବୋଉ ପାଖରେ ଚୁପ୍‌ଚାପ୍ ବସି ତାଙ୍କର କଥା ଭାବୁଚି ।
ମୋର ଏ ଲକ୍ଷଣରୁ ବୋଉ ଜାଣି ପାରୁଥିଲା ନୋଟିଲ୍‌ ବୋଲ୍‌ଜିଣି,
ହେଲା—ଶଚିନ୍ଦ୍ରକୁ ତାର ବାପା କହୁଥିଲେ ଆଉ ଅଧିକ ପାଠ
ପଢିବାକୁ, ସେ ନ ପଢି ଦେଶ ସ୍ୱାଧୀନ କାମରେ ମାତିଚି । ଚଳ-
ଣି ଘର । ଘୋଉକଥା ତାକୁ ଅଭାବ ନାହିଁ । ସେଥିପାଇଁ
ନା ସେ ଦେଶର କାମ କରି ନାଆଁ କିଣିବାକୁ ଚାହାଁଇଚି !
ଜଥି ପେଇଁ ତାର ଚିନ୍ତା ହେବ ?

—ଏଣିକ ଲେ ମାଆ ତୋର ଭଲମନ୍ଦ ସବୁ ଜାଣିବା
ଦରକାର । ସବୁ ଜାଣି ଶୁଣି ଭଲ କରି ଭାବି ବିଚାରି ଯେମିତିକା
ଭଲ ଭାବିବୁ ତୁ କର । ମିଣିପେ ଜଣ ମାଇପେ ଜଣ ସବୁଦିନ
ସମସ୍ତଙ୍କର ଦାନ ଭଲରେ କଟେନାହିଁ । ରକ୍ତ ମାଂସର ଦେହ ଧରି
ଯୌବନ ଧରି ପାଅଁଠାଙ୍କ ଧାଙ୍ଗରେ ମିଶିଲେ, କେତେବେଳେ
କେଉଁ ଭାବ ମନକୁ ଆସେ, ମଣିଷର ପାଅଁମନ ପଚାଶ ପ୍ରକୃତି
କେତେବେଳେ କଣ କରିବାକୁ ଇଚ୍ଛା ହୁଏ ।

—କେଉଁ କଥାକୁ ଉପଲକ୍ଷ୍ୟ ଦେଇ ବୋଉ ମତେ ଏ କଥା
କହୁଚି ବୁଝି ନ ବୁଝିଲା ପରି ତାଅରି ମୁହଁକୁ ଅନେଇ ରହିଲି ।
ଏଥର କାହିଁକି ବୋଉ କଥାରେ ଙ୍ଗାଉଁଲ ଗଲା ପରି ହେଲି ।

—ସଞ୍ଜ ପହର ଠାରୁ ଏପାଖ ସେପାଖ ଅନଉଥାଏଁ । ସେ
ଆସିବେ ପରା ! ଅନେଇ ଅନେଇ ଏତେବେଳେଯାଏ ଆସିଲେ
ନାହିଁ । ସଞ୍ଜଲାଗି ଆସିଲାଣି । ତାଙ୍କର ଡେରି ହେବା ଦେଖି
ସଞ୍ଜବତୀ ତୁଳସୀ ଚଉଁରା ମୂଳେ ଦେଇ ମୁଣ୍ଡିଆ ମାରି କହୁଚି—

—"ମା ବୃନ୍ଦାବତୀ ! ତାଙ୍କର ମଙ୍ଗଳ କର ।"

—ସେ କେତେବେଳୁ ଆସି ମୋ ପଛରେ ଠିଆ ହେଉ-
ଛନ୍ତି ମୁଁ ଜାଣି ପାରିଲି ନାହିଁ । ମତେ ଆଉ ଅମୃ ଡୋଟାକୁ

ସାତ ଝକାଳ ପିବାକୁ ହେଲା ନାହିଁ । ଚଉଁରା ପାଖରୁ ଉଠି ପଛକୁ ଗୃହିଁ ଦେଖେଁ ତ ସେ ଠିଆ ହୋଇଚନ୍ତି । ତାଙ୍କ ଉଠିଲା ପରି ମୁହଁ ନୁଆଁଇଲି । ଶୀତକାର କରିବାକୁ ମୋର ମନ ହେଲା । ତୁଣ୍ଡ ଖୋଲିଲା ନାହିଁ—ବଡ଼ ଲାଜ ଲାଗିଲା । କିଛି ନ କହି ମୁହଁ ପୋତି ଠିଆହେଲି । ଶରତ୍ ବାବୁ ଛକିଲା ପରି ଗୃହିଁ ହସୁଥିଲେ । ମୋ ହାତ ଧରି ମଝେ ତାଙ୍କ ଛାତିକୁ ଅଜାଣତେ ନେଇ ହସି ହସି ପଗ୍ଧରିଲେ—କାହାର ମଙ୍ଗଳ ହେବ ବସ୍ତୁ ପ୍ରିୟ୍ୟା ?

—ସେ କଥା ସେ ଶୁଣି ପାରିଚନ୍ତି । ତାଙ୍କୁ କଣ ଉତ୍ତର ଦେବ । ମୋର ବୁଦ୍ଧି ହଜିଗଲା । ଆଗରେ ଠିଆ ହୋଇଚନ୍ତି ଶରତ୍ ବାବୁ—ତାଙ୍କ ମୁହଁକୁ ଗୃହିଲି । ଅଗଣା ମଝିରେ ଏପରି ଠିଆହୋଇ ରହିବାଟା କିମିତି ବେଢଙ୍ଗ ବେଢଙ୍ଗ ଲାଗିଲା—କହିଲି—ଏମିତି ଠିଆହୋଇ ରହିଲି କାହିଁକି ? ଘରକୁ ଗୃଲ ।

—ବଅସ ବେଳେ କୁଅଁତକ ଭ୍ରୂକ୍ଷେପ ନ କରି ଆମେ ଯେଉଁ ଗୋପନ ପ୍ରେମ କରିବାକୁ ଯାଉଥାଏ, ଶେଷରେ ଆମର ନିନ୍ଦା ଅପବାଦ ଗୃରିଆଡ଼େ ରଟିବ । ଶରତ୍ ବାବୁ ! ଏ ଦୁର୍ନାମ ନିଆଁ ମରିବା ପର୍ଯ୍ୟନ୍ତ ଲିଭିବନି ।

ମୋ କଥାରେ ଶରତ୍ ବାବୁ ନାକରେ ହସି ଧୀର ଗଳାରେ କହିଲେ—ମନ ଦମ୍ଭ କରି ଲୋକଙ୍କ କଥାରେ କାନ ନ ଦେବା ଭଲ । ଭଲକରି ଭାବି ଦେଖ, ମୁଁ ତମର ଶରତ୍ ବାବୁ ନୁହେଁ—ଜନ୍ମ ଜନ୍ମାନ୍ତର ସାର୍ଥୀ ! ଯେଉଁ କଥାକୁ ତମେ ଲୋକେ ବୋଲି ଅଳ କରୁଚ, ସୃଷ୍ଟିର ଆରମ୍ଭରୁ ସେଇ ଭଲ ପାଇବା ପ୍ରେମ ଏତ ବିଳାସ ଉନ୍ମାଦତା ରୂପେ ଯୁଗଠାରୁ ଯୁଗାନ୍ତର ପର୍ଯ୍ୟନ୍ତ ସ୍ଥାୟୀଭାବ ଭରି ଅସୁଚି ।

ପ୍ରତ୍ୟେକ ମନୁଷ୍ୟ ମନେ ନିଜଙ୍କ ସ୍ତ୍ରୀ ଦ୍ୱାରା ଭୋଗ ବିଳାସ ଆଡମ୍ବର ପୋଷଣ କରଥାଏ । ମୁଁ ସେସବୁ ଅନ୍ଧ ଯୁଗର ବର୍ବରଙ୍କ ଭଳି ରୂପ ଯୌବନବତୀ ନାରୀର ଦେହକୁ ଲୋଡ଼ନାହିଁ । ମୁଁ ଖୋଜୁଥିଲି ସୁଖ ଦୁଃଖର ସାଥୀ—ପ୍ରାଣ ସଙ୍ଗିନୀ ! ତୁମର ପରି ଗୋଟିଏ ଆଦର୍ଶମୟୀ ସର୍ବଂସହା ନାରୀ ! ତୁମର ସତେ ଏତେ କୋମଳ ହୃଦ, ମତେ ଅତେଇ ରଖିବାକୁ ଚାହେଁ ! ତୁମର ଏଇ ମନ-ଭୁଲା ମୋହିନୀ ରୂପ ମତେ ଅସ୍ଥିର କରି ଦେଉଛି । ତମେହିଁ ଏକ-ମାତ୍ର ମୋର ଚିର ସ୍ମରଣୀୟା ପ୍ରିୟା !

—ମୋ ଓଠରେ ତାଙ୍କ ଓଠର ଉଷ୍ମ ଚୁମ୍ବନଟି ଅଙ୍କି-ଦେଲେ । ମୋର ସେତେବେଳେ ସାରା ଦେହରେ ଅକୁହା ପୁଲକ ଜାଗି ଉଠିଲା—ସରମରେ ଟାଳିଲି ପଡ଼ିଲି । ମୁଁ ଭାବିପାରି ନାହିଁ ମୋ ପାଖରେ ଏପରି କଅଣ ଅଛି ଯେ ତାଙ୍କ ମନକୁ ଏତେ ଆକୃଷ୍ଟ କରୁଛି ।

—ହସି ହସି ମୋ ଖୋଲା ବେଣୀଟାକୁ ଟିକିଏ ଟେକିଦେଇ କହିଲେ—ନିଶ୍ଚୟ ଗୃହରେ ମୋ ମନ କାମନା ପୂର୍ଣ୍ଣ କରିବ ତ ?

—ତାଙ୍କର ଏତେ ଆତୁରତା କଥା ଦେଖି ମତେ ଭଲ ଲାଗୁଥାଏ । ମୁଁ ତାଙ୍କ ମୁହଁକୁ ଚାହିଁଲି—ଦୁହେଁ ଦୁହିଁଙ୍କ ଆଡ଼କୁ ଚାହିଁ ରହିଲୁଁ । ତାଙ୍କ ଦେହର ଉଷୁମ ପରଶ ଲାଗି ମୋ ଦେହରେ ଝୁଙ୍କିଲା ହରଷ ଆନନ୍ଦ ଖେଳିଗଲା । ବର୍ତ୍ତମାନ ସେ କଥା ମନେ ପଡ଼ିଗଲେ ଦେହଟା ମୋର ଶୀତେଇ ଉଠେ । ବାସ୍ତବିକ୍ ମୁଁ ତାଙ୍କୁ ଅନ୍ତର ଦେଇ ଭଲ ପାଇଥିଲି । ତେଣୁ ତାଙ୍କ ସଙ୍ଗ ଆଗ୍ରହରେ ବାଧା ଦେଇ ପାରିଲି ନାହିଁ । ତାଙ୍କର ବାହୁ ପାଶରେ ମତେ ନିବିଡ଼ ବନ୍ଧନରେ ବାନ୍ଧି ଥାଆନ୍ତି । ମୁହଁରେ ତାଙ୍କର ମନ

ପୁଲକିତ ହୁଏ । ମନର ଭାବନା ମୋର ମନରେ ମଲା—ତାଙ୍କ ପାଖରେ ମୁଁ ମନ ଖୋଲି କିଛି କହି ପାରିଲି ନାହିଁ ।

—ମୁଁ ପ୍ରାଣନାଥ ମାଷ୍ଟରଙ୍କ ପାଖରେ ଆମ ଗାଆଁ ସ୍କୁଲରେ ପଢୁଥିଲି ବେଳେ ସେ କୁତୁବଗଙ୍ଗ ମାଇନର ସ୍କୁଲରେ ପଢୁଥାଆନ୍ତି ମୋପରି ଗୋଟାଏ ଦୁଃଖିନୀ ଝିଅ ପ୍ରତି ତାଙ୍କର ଏତେ ସ୍ନେହ ଆଦର କାହିଁକି ? ଲାଜରେ ହୋଇ ଭୟେ ଭୟେ ତାଙ୍କ ମୁହଁକୁ ମୁଁ ଚାହିଁଲି । ତାଙ୍କ ଆଖି ସଙ୍ଗେ ମୋ ଆଖିର ଅଦଳ ବଦଳ ହେଲା ହସିଲା ମୁହଁରେ ମୋ ମୁହଁକୁ ସେ ମୁଗ୍ଧ ହୋଇ ଚାହିଁ ଥାଆନ୍ତି । ମୋ ରୂପ ତାଙ୍କୁ ବିମୋହିତ କରିଛି । ଅଲିଙ୍ଗନ ଉତ୍ତେଜନାରେ ଆତ୍ମହରା ହୋଇ ମୁଁ ତାଙ୍କ କୋଳକୁ ଢଳି ପଡ଼େ । ଆଖିରେ ମୋହ, ମନରେ ଭେଳିକି ଲଗେଇ ସେ ନିଜର କରି ନେବାକୁ ଚାହାନ୍ତି ମତେ ; ସହଧର୍ମିଣୀ ରୂପେ ସୁଖ ଶାନ୍ତି ଆନନ୍ଦରେ ସଂସାର ଗଢ଼ିବାକୁ । କହିଲି ବେଳକୁ ୯୦ ଥରୁଥାଏ । ଅଖିରୁ ଲୁହ ଝରିଲା—ପଣତ କାନିରେ ପୋଛି ନେଲି । ହଠାତ୍ ନିଜକୁଣ୍ଠା ତୁଣ୍ଡରୁ ମୋର ବାହାରି ପଡ଼ିଲା—ଶରତ ବାବୁ ! ମୁଁ ଜୀବନରେ କେବେ ତମକୁ ଭୁଲି ପାରିବି ନାହିଁ । ତମେ ମୋର ହୃଦୟର ଉପାସ୍ୟ ଦେବତା । ଆଚ୍ଛା ସତ କହିଲ, ମୋ ଭଳି ଗରିବ ଝିଅକୁ କାହିଁକି ଭଲ ପାଅ ?

—କେତେ ଖୁସିରେ ମୋ ମୁଣ୍ଡକୁ ତାଙ୍କ ଛାତି ଉପରକୁ ଅଉଜାଇ ନେଇ, ପୁଣି ଡାହାଣ ହାତରେ ମୋ ମୁହଁକୁ ଟେକି ଧରି କହିଲେ—ତମର ଏଇ ଶାନ୍ତଶୀଳ ଚନ୍ଦ୍ରମା ମୁହଁଟି ମୋର ତାପିତ ପ୍ରାଣରେ ସାନ୍ତ୍ୱନା ଦେବ ।

—ସେତେବେଳକୁ ଆମ ଘରେ କେହି ନ ଥାନ୍ତି । ବୋଉ ସଞ୍ଜ ଦେବାକୁ ମହାଦେବଙ୍କ ମନ୍ଦିରଠାକୁ ଯାଇଥାଏ । ଲାଜ

ସଙ୍କୋଚ, ଛପିଲା ଭୟ, ଜଳିଲା ଅଭିମାନ, ନିନ୍ଦା ଅପବାଦର
ବାଣ୍ଟ ସେ ସବୁ ଦୂରେଇ ଦେଇଛି । ମୁଁ ଯାହା କରିବାକୁ
ାଉଛି ସେଇଟା ଯେ ଭୁଲ ନୁହେଁ ତାହା କହି ପାରିବ ନାହିଁ ।
ାରଣ, ଯେତେବେଳେ ଦେହରେ ଯୌବନ ଆସେ ସେତେ-
ବଳେ ମନୁଷ୍ୟ ଦୁନିଆରେ କେତେ ଗୁଡ଼ିଏ ଅପ୍ରାସଙ୍ଗିକ କର୍ମ
ାବାକୁ ଯାଏ । କାହିଁକିନା, ସେଇଟା ତାକୁ ସୁନ୍ଦର ଦିଶେ ଅଭ
ଣିକ ସୁଖ ଦିଏ ।

—ନାରୀର ଯେଉଁଟା ମୂଲ୍ୟବାନ୍ ସମ୍ପଦ ସେ ତାହା ଲୁଣ୍ଠନ
ରିବାକୁ ଆସିଚନ୍ତି । ଦୁହେଁ ଦୁହିଁଙ୍କି ଚାହିଁ ଟେ'ରେ ଆଖି ନୁଆଇଁ
ନେଉଥାଉଁ । ମୋ ଆଖିର ନୀରବ ଭାଷା ତାଙ୍କୁ କ'ଣ ଇଙ୍ଗିତ ଦେଇ-
ଥିଲା ମୁଁ ଜାଣେନା । ମୋ ଚିବୁକକୁ ମୃଦୁ ଭାବରେ ଦୋହଲାଇ
ମୋ ଗାଲରେ ସରୁ ଚୁମ୍ବନଟିଏ ଦେଲେ । ମୁଁ ସେଥିଲେ ଏତେ
ଜନ୍ମୟ ହୋଇଥିଲି ଯେ ମୋର ଓଠ ଖାଲି ଖାଲି ହେଉଥିଲା ତାଙ୍କ
ହିଁକୁ ଟାଣି ଆଣି ଗୋଟିଏ ଚୁମ୍ବନ ଦେବାକୁ । ବଡ଼ ଲାଜ
ଗିଗଲା । ସେ ମୋ ହାତ ଛାଡ଼ିଦେଇ କହିଲେ—ମୁଁ ଯାଉଛି ।
ବୋଉ ଆସିବା ବେଳ ହେଲାଣି ।

—ସେ ଚାଲିଗଲେ । ମୁଁ ତାଙ୍କ ଯିବା ପଥକୁ ଚାହିଁ ରହିଲି ।
ନ୍ଦ୍ରାରେ ଭରସି ତାଙ୍କୁ କିଛି ପଚାରି ପାରିଲି ନାହିଁ ।

## ✽ ଚୂର ✽

—ଅଳ୍ପକ ଚୂରଦିନ ହେଲା ବୋଉର ଦେହ ଭଲ ନାହିଁ। ଦେହରେ ହାଡ଼ ଗୁଡ଼ିଖଣ୍ଡ ରହିଲାଣି—ଫୁଙ୍କିଦେଲେ ସତେ କି ଉଡ଼ି ପଡ଼ିବ !

—ଆଶ୍ଚର୍ଯ୍ୟ ହୋଇ ଭାବେ ଆମ ଗାଁ ମାଇପି ମାନଙ୍କ ଢଙ୍ଗ। ସଜ ମାଛରେ ପୋଡ଼ି ଦେଇବେ ପରା ! ଦେଖେଇ ଦେଖେଇ ବୋଉକୁ ମୋର କେତେ ଲୋକ ଆସି କେତେ କଥା କହିଲେଣି। —କିଲୋ ! ଝିଅଟାକୁ ବାହା ନ ଦେଇ ଘରେ ସାଇତି ରଖିବୁ ନାହିଁକି ? ଆଉ ଅଧିକ ଦିନ ଡେରି କଲେ, ସେ କହିବ କନିଆଠା ବୁଢ଼ୀ ! ସୁନ୍ଦର ବଅସୀଅ ଟୋକା କେହି ସେତେବେଳେ ବାହା ହେବାକୁ ମଙ୍ଗିବେ ନାହିଁ। ତମେ ମୋ କଥାକୁ ମନ୍ଦ ଭାବିଲେ ଭାବୁଥା' ପଛେ, ତମର ଭଲ ବିଚାର କହୁଚି।

—ଏ କଥାମାନ ବୋଉକୁ ଉଚ୍ଛୁଳିଲା ଗାଁ ପର ଲାଗିଲା। ଗୃହ ଦିନ ହେଲା ଖାଇବା ପିଇବାରେ ତାର ଟିକେ ଠିକଣା ନାହିଁ। କରୁଆ ଦେହ—କି ବୁଦ୍ଧି ସେ କରିବ। ନିଃସହାୟ ଅଶ୍ରୁରେ ଗୁହିଁ ବୋଉ କହିଲା—ଝିଅକୁ ମୋର ବାହା ଦେଲା ଭଳି ସ୍ୱଚ୍ଛଧା ବରପାତ୍ରଟିଏ ମିଳୁନାହିଁ।

—ଅଜ ପର୍ବ ପହିଲ ରଜ । ଗାଆଁର ପିଲ ଛୁଆ, ବୁଢ଼ା ଢ଼ୀ, ଯୁବକ ଯୁବତୀ ସାମସ୍ତଙ୍କ ମନରେ ଆନନ୍ଦ । କୁଆଁରୀ ଝିଅ-ନେ ନାନା ରଙ୍ଗର ନୂଆଶାଢ଼ୀ ପିନ୍ଧି, ଚୌପି ୪ଠାପି ଚନ୍ଦନ ବିନ୍ଦୁ ପାଲରେ ନାଇ ରଜ ପାଳନ୍ତି । ସାଇ ପଡ଼ଶା ଦାନ ଜଳଖିଆ ଅ ନିଅ ଚାଲିଛି ।

—ସେଇ ଦିନଠୁ ମୋ ନାଆଁରେ ଗାଆଁସାରା ଯେଉଁ ଅପ-ାଦ ସୃଷ୍ଟି ହୋଇଛି । ଲୋକଙ୍କ ମୁହଁରୁ ହଜାର କଥା ଶୁଣିଲେ ଦ୍ଧା ବୋଉ ମୋର ସେମାନଙ୍କ କଥା କାନକୁ ନିଏନାହିଁ ।

—ବୋଉ ବାଡ଼ ଦୁଆର କାନ୍ଥରେ ଗୋବର ଘଷି ପାରୁ-ଲା । ଘଷିପର୍ବ କାମ ଅଧା ପକେଇ, ମୋ ପାଖକୁ ଆସି, ହସିଲ ହଁ ଲୁହ ଛଳ ଛଳ ଆଖିରେ ମୋ ଔଠ ଚର କହିଲା—ମୋ ମଲ ାଗରୁ ତୋର ଟିକଏ ସୁଖ ଟିକଏ ଆନନ୍ଦ ସତେ ଦେଖିବୁ ? ମୋ ନା ମାଆଟି ପର୍ବ ! ଯାଆ, ମାହାନ୍ତିସାଇ ସଭିଙ୍କ ଘରେ ଗୁଆ ଗୁଆ ଣ୍ଡି ପାନ ତୋ ହାତରେ ଭାଙ୍ଗିନେଇ, ଚଉଁଲ ଦେଇକରି ଚାଲି ସିବୁ ।

—ଜନ୍ମକଲା ମାଆ ! ସେ ଅନ୍ତ ଫାଡ଼ି ଜନ୍ମ ଦେଇଛି ଛେ । ମୋ'ର ସୁଖ ଦୁଃଖ ଆଉ ଭବିଷ୍ୟତ ପାଇଁ ଅନବରତ ାବି ଭାବି ଦେହରେ ତାର ହାଡ଼ ଗୁଡ଼ଖଣ୍ଡି ରହିଲାଣି । ଦୁଃଖ ଓ ଙ୍କରେ ମୋର ମୁହଁ ଜଳିଯାଏ । ବୋଉର ଏତେ ଚିନ୍ତା କାହିଁକି, କବଳ ମୋ'ର ପାଇଁ ସିନା ! ମୋ ଲାଗି ବୋଉକୁ ସମସ୍ତେ ନା ଅପବାଦ ଦେଉଛନ୍ତି । ବୋଉ କଥାରେ ହଁ ଭରିଲି ।

—ପାନ ପେଡ଼ିଟା ଖୋଲି ରଜ ଦୋଳିରେ ବସି ପାନ ଭାଙ୍ଗୁ-ାଏ । ବାର ଚାଳିଲିଆ ଚିନ୍ତା ମନ ଭିତରେ ତୋଳ ପାଡ଼ ାରୁଥିଲା ।

ମନେ ପଡ଼ିଲା—ଅଜ ଦିନେ ମିଶ୍ରଘର ମଝିଆ ନୁଆବୋଉ ପୋଖରୀ ତୁଠରୁ ପାଣି ଆଣି ମାଇପଙ୍କ ମେଳରେ ଫେରୁଥିଲା ବେଳେ କରକର ହୋଇ ହସି କହିଲା—ଏବ କାଳ ଝିଅମାନଙ୍କ ବେଳକୁ ମାଇପେ ସ୍ୱାଧୀନ ହେବେ ବୋଲି ଶୁଣା ଯାଉଛି। ମେଏମେ ପରିକା ମରଦ କାନ୍ଧରେ ହାତ ପକାଇ ବୁଲିବୁ ଭଲ ବସ୍ତୁ ! ଲେଖାରେ ଅଛି ହେବ ଦାସଘର ବୁଢ଼ୀ। ସେ ବି [illegible] କହିଲା—ଚଣ୍ଡାଳଘର ଝିଅ ପୁଣି, ତାର ତୋରପଣ ଏକା ବର୍ଷରେ ଜନ୍ମ। ସେ ଏଇନେ ଦୁଇଟା ପିଲାର ମାଆ ହେବାକୁ ବସିଛି। ଏପେଇଁ ତମ ମାଆ ଝିଅଙ୍କୁ କେବେ କଣ ଭଲ ବନ୍ଧୁଚନ୍ତ୍ର କଲେ ? ଅଭିଆଡ଼ୀ ଟୋକାଙ୍କୁ ଦେଖିଲେ ଟୋକାଏ କମିତ ହୁଅନ୍ତି ମତେ ଜଣାଅଛି। ଆଖି ବୁଜି ବିରାଡ଼ି ଯେପରି ଅଠିକାରୁ ଦୁଧପିଏ, ଟୋକାଏ ସେମିତି ଆଖି ବୁଜି ଦୁଧ ପିଇବାକୁ ବସିବେ।

—ଭାରି ଚାଲୁପଣି ବୁଢ଼ୀଟାଏ ସେ। ତା କଥା ଶୁଣିବାକୁ ମତେ ତାହାଙ୍କ ଭାରି ଝରାପ ଲାଗିଲା। ତାହା କଥାରୁ ମତେ କଣ ମିଳିବ। ଥକ୍କା ହୋଇ ଭାବି ହେଲି—ମାଇପି ସ୍ୱାଧୀନତା କଥା। ପୁରୁଷ ନାରୀକୁ ଚିରକାଳ ଠକେଇ ଆସିଛି। ନାରୀ ଜାତିକୁ ସ୍ୱାଧୀନତା ଦେଲା ବା ଦେବ ବୋଲି ଗୋଟାଏ ଫନ୍ଦ ଫିକର କରୁଛି। ମାଇପିଙ୍କର ଯାହାକି ଯତ୍‌ସାମାନ୍ୟ ସ୍ୱାଧୀନତା ଥିଲା, କୌଶଳ କର୍ମରେ ସ୍ୱାଧୀନତାର ନାଆଁ କରି ସେତକ ବି କାଢି ନେବ। ନାରୀ ସମାଜ ଉପରେ ସଂସାର ଓ ବାହାର ଦାୟିତ୍ୱ ଦେଇ ପୁରୁଷ ସମାଜ ସଂସାର ଜଞ୍ଜାଳରୁ ଆଂଶିକ ପରିତ୍ରାଣ ଲାଭ କରିବା ପାଇଁ ଏ ଗୋଟାଏ ନୂଆବାଟ ସୃଷ୍ଟି କରୁଛି। ମାଇକିନାଝିଅମାନେ ଅଫିସରେ ମରଦମାନଙ୍କ ସାଙ୍ଗରେ ବସି କଲମ ଚଳେଇବେ, ସମ ଅଧିକାର ନେଇ କଲ କାରଖାନା କାମରେ ଯୋଗ ଦେବାକୁ

ଥି ହେଲେ [illegible] ଗାଲରେ ରୁଜ୍, ଓଠରେ ଲିପିଷ୍ଟିକ୍ ରଙ୍ଗ ବୋଳି
ଛିଲା ଶାଢ଼ୀ ଉଳେ ଦେହର ଶିରା ଦେଖେଇ, ନାଚୁଆ ସାଜି
ଜାପଡ଼ ଭଳି ଫର ଫର ହୋଇ ଖାଲି ବୁଲିବେ ସିନା, କିନ୍ତୁ
ଲିକ ସମାଜରେ ଅଗ ଭଳି ମାତୃତ୍ୱର ସମ୍ମାନ ରହିବ ନାହିଁ ।

—ପାନ ଦେବାକୁ ଶଚିନ୍ଦ୍ର ବାବୁଙ୍କ ଘରକୁ ଗଲି । ମନେଭ
ସ୍ୱୀ ଲାଜ ମାଡ଼ିଲା । ତାଙ୍କ ବୋଉଙ୍କ ହାତରେ ରଜପାନ ଚୂରଖଣ୍ଡ
ଧାଇ ପକେଇ, କାହାକୁ କିଛି ନ କହି ଫେରିଲି । ସହଳ ସହଳ
ଫେର ଆସୁଥାଏଁ ଅମ୍ବତୋଟା ବାଟେ ଘରକୁ । ତୋଟା ଭିତରେ
ଶିନ୍ଦ୍ର ବାବୁ ଛକିକରି ଏଣି ବାଟରେ ଠିଆ ହୋଇଥିଲେ । ତାଙ୍କୁ
ଦେଖି ଲଣ୍ଡ ଭଣ୍ଡ ହୋଇ ପଳେଇ ଆସିବାକୁ ବସିଥାଏଁ, ସେ ମୋ
ାଗ ଓଗାଳି ଆସି ଠିଆହେଲେ । ପରି ହାସରେ ଶୁଖିଲା ହସ ହସି
ମ କହିଲେ—ମୋ ରଜପାନ କାହିଁକି ଦେଲ ନାହିଁ ।

ମୁଁ କହିଲି—ଘରେ ଦେଇ ଆସିଛି ପରା ! ତମ ଲାଗି
ଲଗା କରି ପାନ ଆଣି ନାହିଁ ।

—ଖାଲି ଗୁରିଅଡ଼କୁ ଲକ୍ଷ୍ୟ କରୁଥାଏଁ ମୁଁ—କାଳେ କିଏ
ସି ପଡ଼ିବ । ହସି ହସି ଶଚିନ୍ଦ୍ର ବାବୁ ଗୋଟାଏ ରଜନୀଗନ୍ଧା
ଲ ଆଣି ମୋ ଗଭରେ ଖୋସି ଦେଇ କହିଲେ—ତମର
ମାର ପ୍ରୀତି ବନ୍ଧନ ଏଇ ସଦ୍ୟ ପ୍ରସ୍ଫୁଟିତ ରଜନୀଗନ୍ଧା ଫୁଲ ପରି
ର ଜୀବନ ଉଜ୍ଜ୍ୱଳ ରହିବ ।

—ତୋଟା ଅମ୍ବଗଛ ଗହଳ ମଝିରେ ବଙ୍କେଇ ବଙ୍କେଇ
ାଷ ରାସ୍ତା ବାଟ । କାଳେ କିଏ ଆସି ପଡ଼ିବ, କେବଳ ଏଇଥି
ଁ ମୋର ଡର ବେଶୀ ଥିଲା । କୃତ୍ରିମ ରାଗ କରି କହିଲି—
ଠିଲୁ ଉଠ ମ ! ଦିନ ଦ୍ୱିପହରଟାରେ ବାଟରେ କାହିଁକି ହଟା
ଗାଳୁଛ ?

ମୋ କଥାକୁ ସେ ଥଟ୍ଟା ବୁଝି, ମୋ କାନ୍ଧରେ ହାତ ପକାଇ ଟିକିଏ ଗମ୍ଭୀର ହୋଇ କହିଲେ—ଚାହିଁକ ମ ! ଏ କଥ ବାଡ଼ ସେ ପାଖକୁ ଚାଲ !

ଯୌବନର ଧର୍ମ ହେଉଛି ଏକତା । ଯୌବନ ସମସ୍ତଙ୍କୁ ସବୁ ସମୟରେ କହୁଛି—ସକଳେ ଏକତ୍ରିତ ହୁଅ । ପୁରୁଷ, ନାରୀ—ନାରୀ, ପୁରୁଷ ମଧ୍ୟରେ ଐକ୍ୟ ଭାବେ ମିଳିତ ହୁଏ ।

ବିଶ୍ୱର ମଧ୍ୟେ, ରାଜ୍ୟଲୋଭୀ ବିକ୍ରମପ୍ରିୟ ଯୁଦ୍ଧଖୋର ଚଣ୍ଡ ଅଶୋକଙ୍କୁ ଏଇ ଓଡ଼ିଶା କେବଳ ଶିକ୍ଷା ଦେଇ ପାରିଥିଲା ମାନବ ମିଳନର ଅହିଂସା ମହାମନ୍ତ୍ର । ଏଇ ବଡ଼ଦେଉଳ ଚୂଳ ଉପରେ ଦେଖି ପାରୁଚ, ଯେଉଁ ଅହିଂସାର ପ୍ରତୀକ ନୀଳଚକ୍ର ଦିଶୁଛି—ସେଇ ନୀଳଚକ୍ରକୁ ଚାହିଁ ଆମେ ଶପଥ କରିବା, ଆମେ ଦୁଇଟି ପ୍ରାଣୀ ଗୋଟାଏ ଜୀବନ ! ଆମ ଦୁହିଙ୍କୁ କେହି ବିଚ୍ଛିନ୍ନ କରି ପାରିବେ ନାହିଁ । ଆଜିଠାରୁ ମୁଁ ହେଲି ତମର ପ୍ରିୟ ଆଉ ତମେ ହେଲ ମୋର ପ୍ରିୟା ! ଏତିକି କହି, ମୋର ହାତ ଧରି ସେ କଥ ବାଡ଼ ପାଖକୁ ନେଇଗଲେ ।

—ମୁଁ ଟିକିଏ ଶଙ୍କିଗଲି । କିନ୍ତୁ, ତାଙ୍କ ହାତରୁ ହାତ ଛଡ଼େଇ ଆଣି ବାଟ ଭାଙ୍ଗି ଯାଇ ପାରିଲି ନାହିଁ । ତଳକୁ ମୁହଁ ପୋତି ଧୀରେ ଧୀରେ କହିଲି—ଦଇବ ଯାହାର ସାହା ନାହିଁ ଆଉ କିଏ ତାର ସାହା ହେବ ବାବୁ ? ବାପା ଯା'ର ନାହିଁ, ତା'ର ହୋଇ ଆଉ କିଏ ଦୁଃଖ ବୁଝିବା ଲୋକ ଅଛି ?

—କେହି କାଳେ ଦେଖିଲେ, ଅପବାଦ ଦେଇ ବାର କଥ କହିବେ । ସେଠି ଭିତରୁ କୋହ ଉଠିଲା—ଆଉ କଥା କହି ପାରିଲି ନାହିଁ । ସେତେବେଳକୁ ଶଶାନ୍ତ ବାବୁଙ୍କ ଛାତି ଉପରେ

ଇ ପଡ଼ିଥିଲି । ସେ କେଡ଼େ ଖୁସିରେ ମୋ ମୁଣ୍ଡକୁ ତାଙ୍କ
ଠ ଉପରକୁ ଅଉଜାଇ ନେଇ କହିଲେ—

—ଯାହାକୁ ଡରିବ, ସେ ତମକୁ ବେଶୀ ଡରେଇବ । ଅପ-
ଦର କାଳ ବୋଲି ଦେବାକୁ ଆମ ଦେଶରେ ବହୁ ଲୋକ
ଛନ୍ତି । ସୁଖ ବା ସୁନାମ ଯଶ କୀର୍ତ୍ତି କୌଣସି ଲୋକର ଯଦ
ଦେଖିଲେ, ଆମ ଲୋକମାନେ ହିଂସାପଣରେ ଭଳି ରାଗରେ ଜଳି
ଯାଇ ମରନ୍ତି ।

—ମୁଁ ବାହ୍ୟଜ୍ଞାନ-ଶୂନ୍ୟ-ହୋଇ ଭାବିଲି—ଭଗବାନଙ୍କର
ମହିମା ଅପାର ! ଯା' ମନ ଯାହାକୁ ଖୋଜେ, ତା' ସହିତ ତାକୁ
ଯୋଗାଇ ଦିଅନ୍ତି । ସେତେବେଳେ ଭକ୍ତିରେ ମୋ ଆଖିରୁ ଦୁଇ
ଟୋପା ଲୁହ ଗଡ଼ି ପଡ଼ିଲା । ଦେହଟା ଭଲ ଲାଗୁ ନାହିଁ । କେଳକୁ
ଜଳ ମୁଣ୍ଡ ଝାଇଁ ଝାଇଁ ମାରି ଯାଉଛି । ଆଖିକୁ ସବୁ ମାୟାର
ଶୂନ୍ୟ ପରି ଦିଶୁଛି ।

—ସେ ମତେ କୁଣ୍ଢାଇ ଧରି ମୋ ଗୁଡ଼ ବ୍ଲାଉଜ ଭିତରେ
ଟି ଖଣ୍ଡିଏ ଗୁଞ୍ଜିଦେଲେ । ଦେହ ମୋର ଥରୁଥିଲା । ଉଦୁଉଦିଆ
ପହର ବେଳ । ହସିଲା ମୁହଁରେ ଅନାଇଁ ରହିଛି ମୁଁ ତାଙ୍କର
ଦ୍ରକୁ । ତାଙ୍କ ଘରର ନବା ଦେଖୁ ଦେଖୁ ତୋଟା ଭିତରକୁ
ଣି ଆସିଲା । ଆମ ଉପରେ ତା' ଦୃଷ୍ଟି ପଡ଼ିବା ମାତ୍ରେ, ସେ
ଙ୍କ ଉଠିଲା ପରି ହୋଇ ଗୁହାଁଲା । ତା'ର ଖାଉନ୍ଦଙ୍କ ପୁଅ ଶଚନ୍ଦ୍ର
ବାବୁଙ୍କୁ ଦେଖି, ନିଜକୁ ଅପରାଧୀ ମଣିଲା ପରି, ଘୃଣାରେ ମୁହଁ
ଲକୁ କରି ଅନ୍ୟବାଟରେ ଚାଲିଗଲା ସେ ।

—ଆଖି ଉପରେ ଏପରି ଘଟଣା ଘଟି ଯିବାର ଦେଖି
ଚନ୍ଦ୍ର ବାବୁଙ୍କ ବୁଦ୍ଧି ହଜିଗଲା । ସାରା ଦେହ ତାଙ୍କର ଝାଳେଇ

ଉଠିଲଣି । ତୁହେଁ ଯଦି ବା ଟିକିଏ ଦୂରେଇ ରହି ଠିଅହୋଇ ପାରି ଥାଅନ୍ତୁ··· ।

ସେ ଥିଇରି ଗଳାରେ ଥଙ୍ଗେଇ ଥଙ୍ଗେଇ କହିଲେ—ମୋର ଏଥିପାଇଁ କିଛି ଭୟ କରିବାର ନାହିଁ, ଖାଲି ତମରି ଲାଗି ଭାବୁଛି । ସେ ଆମ ଘର ଗୁଳଚ ! ତାକୁ ମନା କଲେ ସେ ମୋ କଥା ମାନି ତାହା ଆଗରେ ଏ କଥା ପ୍ରକାଶ କରିବ ନାହିଁ ।

—ମୁଁ ଧଡ଼ପଡ଼ ହେଇ ପଡ଼ିଲାଇ ଅଣ୍ଡିବାକୁ ବସିଲି । ଅପବାଦ ଭୟରେ ମୁଣ୍ଡ ଭ୍ରମିବାକୁ ଲାଗିଲା । ଅପବାଦ ଅଶାନ୍ତିରେ ସାରା ଜୀବନ ପଡ଼ି ସହିବାକୁ ହେବ । ମନରେ କୁତୁକୁତିଆ ଉଲ୍ଲାସ ଆନନ୍ଦ ଆଉ ନ ଥାଏ । ଛାତି କରିଛି ହୋଇଯାଏ । ମନଠାଣି କରି ପେଟର କୋହ ଲୁଚେଇ ରଖିଲି । ଭୟରେ ଦେହ ଝାଳେଇ ଉଠିଲଣି । ଲାଜରେ ମୁହଁ ଲାଲ ପଡ଼ିଗଲା । ଆଜି କଥା ଯଦି ବାହାରେ ବ୍ୟକ୍ତ ହୁଏ, ଆଉ କାହାକୁ ମୁହଁ ଦେଖାଇବି ?

ଶରତ୍ ବାବୁ ମୋ ମନର କଥା ବୁଝିଲେ । ମୋ ହାତ ଛୁଇଁ ଦେଇ କଅଁଳେଇ ଟେଳେଇ ହୋଇ କହିଲେ । ଆଜିର ଘଟଣା ପାଇଁ କୌଣସି ଭୟ କରନା । ଏ ପାଇଁ ନିଶ୍ଚିନ୍ତ ଥାଅ । ଛି ! ଏମିତି ଅଧୀର ହୁଅନି । ଲକ୍ଷ୍ମୀଟି ମୋର ! ···ହେଉ, ଏବେ ଘରକୁ ଚାଲିଯାଅ ତମେ ।

—ମୁଁ ସେମିତି କାନ୍ଦ କାନ୍ଦ ଆଖିରେ ତାଙ୍କୁ ଚାହିଁ ରହିଥିଲି । ତାଙ୍କୁ ତୁଣ୍ଡ ଖୋଲି କଥା କହିବାର ସାହସ ମୋର ନାହିଁ । ଏକୁଟିଆ ଯାଇଥିଲି, ଏକୁଟିଆ ଫେରି ଆସିଲି । ସିଧା ସିଧା ଚାଲିଥାଏ ଘରକୁ । ଦାଣ୍ଡରେ ବସିଚନ୍ତି ଗାଆଁର ଭେଣ୍ଡିଆ ଟୋକା ମାନେ । ତାଙ୍କ ମଝିରେ ବସିଥାଏ ବୁଢ଼ା ଅଭିନା ଜେନା । ସେ

ଅନ୍ତୁକୁ ଅନେଇଁବାକୁ ସାହାସ ହେଉନ। ଶୁଣିଲି, ଅଭିନା ବୁଢ଼ା
ହୁଚି—"ଏ ଟୋକୀ ଭାରି ଛଇ ଛଟିକା ଅଛୁ।"

❋ ପାଂଚ ❋

—ପନ୍ଦର ଦିନ ହେଲା ଗାଁ' ମାଇପଙ୍କ ସାଙ୍ଗ ମେଳରେ
।ଣି ଅଣିବାକୁ ଗହିର ଠାକୁରାଣୀଙ୍କ କୂଅକୁ ଯାଉନାହିଁ। ଶଚନ୍ଦ୍ର
।ନ୍ଧୁଙ୍କ ପ୍ରେମ ମତେ ଏତେ ଉଛଳା କରିଚି ଯେ, ଅପବାଦ,
।ଳଙ୍କ, ଚନ୍ଦନ ପରି ଦେହକୁ ଲାଗୁଚି। ଖରାବେଳେ ବସି, ସେ
ଦାଇଥିବା ଚିଠି ଖଣ୍ଡିକ ପଢ଼ିଲି। ତାଙ୍କ ଚିଠି ପଢ଼ିବାରେ ମତେ
।ମୃତ ସୁଖ ଠାରୁ ଅଧିକ ଅଧିକ ସୁଖ ଆନନ୍ଦ ଦେଉଥାଏ। ଅଠ-
।ନ ହେଲା ତାଙ୍କ ସାଙ୍ଗରେ ମୋର ଦେଖା ସାକ୍ଷାତ ହୋଇ ନାହିଁ
ବାଲି ସେ ଏପରି ଅଭିମାନିଆ ଚିଠି ଲେଖିଚନ୍ତି—

—"ମିଳନ ନଦୀରେ ବୁଡ଼ାଇଲ କିଆଁ
ବିରହ ଅଛୁଣ୍ଡା ସୂଅ ?
ସୋହାଗିନୀ ଗୌରୀ ମାନସୀ ବଧୂ ଗୋ !
ଥରେ ମନ ଖୋଲି କୁହ।

ପ୍ରେମ ଜଗତରେ ମୋ ସ୍ମୃତରେ କରେ—
ପ୍ରେମ ମଞ୍ଜରିକା ନାଚେ,
ତୁମ ପ୍ରୀତ ସୁଖ ଚିନ୍ତନ ପାଇଁକି
ମନ ମୋ ଅତ ଉଛାଟେ ।
ପ୍ରେମର ପୁଲକେ ନାଚିବ ସ୍ୱପନେ
କ୍ଷଣେ କ୍ଷଣେ କରେ ବାଇ,
ମୋ ଆଖିରେ ନାଚେ ଅହରହ ତବ—
ରୂପ ଯଉବନ ସ୍ମୃଇ ।
ଅଗୋ ପ୍ରିୟତମ ! ଅର୍ଦ୍ଧାଙ୍ଗିନୀ କରି
ଲଭିବାକୁ ତମ କର,
ହୋଇଥିଲେଁ ଅମେ ପ୍ରଣୟୀ ପ୍ରଣୟିନୀ
ଜନମ ଜନମାନ୍ତର ।
ଲେଖି ରଖିଅଛୁ ମୋ ମାନସ ଭୂମେ
ତୁମ ନାମ ସ୍ୱର୍ଣ୍ଣାକ୍ଷରେ,
ମନଭୁଲା ତୁମ ଯଉବନ, ତୁଙ୍ଗ—
ଉରୋଜ, ବରଦେହ ଝୁରେଁ ।
ବୁକୁକୁ ମଦନ କରେ ଜରଜର
( ଉଠେ ) ମିଳନ ବାସନା ମାତ,
( ତମ ) ଯଉବନ କୁଞ୍ଜେ ଅଭିସାର ହେବ
କାଲି ଦ୍ୱିପହର ରାତ ।"

—ଶଚନ୍ଦ୍ର ବାବୁଙ୍କର ଅମ ଘରକୁ ଅସିବାଟା ଲୋକଙ୍କ ଆଖିରେ ସନ୍ଦେହର କାରଣ ହୋଇ ପଡ଼ିଲା । ତାହାର ଶିଳ ସ୍ତ୍ରୈ କଲା ଗ୍ରୈରଣୀ ମନ ଦହିଲା, କାଲେ ଅକାଳେ ବେଳଁଟି ବାଜିଲ ବୋକ୍ତ ସାଙ୍ଗ ଦେଖା ହେଲେ ମୋର ହଂସା ଉଡ଼ିଯାଏ । ମୋ'ର

କଥାକୁ ନେଇ ମାଇପି ମହଲରେ କେତେ ମୁହଁମୋଡ଼ା, ଆଖିଠାର ଠଗ, ଥାହୁଲ ଥାପେସ ଚାଲିଛି। ଢିଙ୍କିଶାଳରୁ ପୋଖରୀ ତୁଠ ଯାଏ ବି ମାଇକିନିମାନେ ମେଳ ବାନ୍ଧି ଆମର ଘର ଚର୍ଚ୍ଚା ପକାନ୍ତି। ଆଉ କେତେକ କହନ୍ତି—ଶଚୀ ମହାନ୍ତି ଭେଣ୍ଡିଆ ଟୋକାଟା……। ଦାସଘର ମାଇକି ଘର—ମାଆ ଝିଅ ଦୁଇପ୍ରାଣୀ ! ଘରେ ଗୋଟିଏ ଘରଯୋଗ୍ୟ ଝିଅପୁଣୀ ଟୋକୀ ଅଛି। ସେ ଟୋକା କାଇଁ ଏତେ ତାଙ୍କ ଘରକୁ ଯା’ ଆସ କରୁଛି ? ତା ମତଲବ ଖରାପ !

—ସେ ଗୃଭୁସ୍ତଙ୍କ ଅପବାଦ କଥାରେ ମୁଁ କାନ ଦେବି କାହିଁକି ? ଯାହାକୁ ଡରିବ, ସେ ଡରୁଥିବ। ଡରିବି କାହିଁକି ? କଅଣ ପାଇଁ ? ତାଙ୍କ-ମୋର ମନ ମିଳନ ଯଦି ଏ ଜୀବନରେ ନ ହୁଏ, ସେଥି ଲାଗି ମୋ ମନରେ ତିଳେ ଅନୁଶୋଚନା ନାହିଁ। ମୋର ଏ ଦୁନିଆ ଶଚୀନ୍ଦ୍ର ବାବୁଙ୍କ ଛଡ଼ା ଆଉ କିଛି ଲୋଡ଼ା ନାହିଁ। ପୁରୁଷ ସେ—ତାଙ୍କର ପ୍ରେମ-କାଉଁରୀ ଛୁଆଁ ମୋ ଦେହରେ ଲାଗିଛି। ଦେହରେ ବଳୁଅଛି ଛୁଆଁ ବାଜିଲେ ଦେହ କୁଣ୍ଢେଇ ହୁଏ। ତାଙ୍କ ଛୁଆଁରେ ମନ ଉତଳା କୁଣ୍ଢିଆଣି ରହିଛି।

× × × ×

—“ଇଂରେଜ ସର୍କାର ଭାରତ ଛାଡ଼ !” ୧୯୪୨ ମସିହାରେ ଖୁବ ଜୋର ସୋରରେ ଆନ୍ଦୋଳନ ଚାଲିଥାଏ। ସେ ଦିନ ଆମ ଗାଁ ମୁଣ୍ଡ ପଡ଼ିଆରେ ସଭା ବସିଛି। ଶଚୀନ୍ଦ୍ର ବାବୁଙ୍କ ପୌରୋହିତ୍ୟରେ ହେଉଛି ଶୁଣି ପାରି, ସଭା ଦେଖିବାକୁ ମୋର ଭାରି ଇଚ୍ଛା ଥାଏ।

—ପାଣୁଆ ବୋଉ ମାଠିଆ କାଖେଇ ପାଣି ଆଣିବାକୁ ଯାଉଥିଲା। ମୁଁ ଦାଣ୍ଡ ଦୁଆର କବାଟ ପାଖେ ଠିଆ ହୋଇଥାଏଁ।

କଅଣ ସୁଖ ପାଇଁ କାଉପଲ ଘଡ଼ିକି ଘଡ଼ି ଝାଅ ଝାଅ ଘର ଛାଡ଼ି ଛୁଡ଼ି ଯାଉଚନ୍ତି ?

ପାଣୁଆ ବୋଉ ମୋ ଅଡ଼କୁ ମୁହଁ ଲେଉଟାଇ କହିଲା—ତମେ କଣ ସଭାକୁ ଯାଇନ ଯେ ଦେଇ ? ଗାନ୍ଧୀ ମହାତ୍ମା ହୁକୁମ କରିଚନ୍ତି ପରା—"ଇଂରେଜ ସର୍କାର ଭାରତ ଛାଡ଼ !" ଗାଆଁ ଯାକ ମିଣିପେ କବା ମାଇପେ ସମସ୍ତେ ସଭାକୁ ଯାଉଚନ୍ତି ! ତମେ ଶୁଣିନ କି ଦେଇ ? ଗାଆଁ ଚଉକିଆ ଅନନ୍ତ ମଲିକ କହୁଥିଲା—ଆଜି ଯେତେ ଲୋକ ସଭାକୁ ଯିବେ, ସରକାର ଲୋକ ଆସି ତାଙ୍କୁ ଧରି ନେଇଯିବ ।

—ପାଣୁଆ ବୋଉ କଥାରେ ମୁଁ ହସି ହସି ଗଡ଼ିଗଲି । ତାକୁ ମୁଁ ବୁଝେଇ କରି କହିଲି—ମଲା ଖଲବା ସବାଖାଇ ! ସମସ୍ତଙ୍କୁ ନୁହେଁ । ଯେତେ ଧବୁ କଂଗ୍ରେସ କର୍ମୀ ଅଛନ୍ତି, ତାଙ୍କୁ ସବୁ ଗିରଫଦାର କରି ନେଇ ଗାରଦରେ ପୁରେଇବ ।

ପାଣୁଆ ବୋଉ ଆଉରି ସତ ଫଲେଇ କହିଲା—ଅଲୋ ଦେଇ ! ଅମ ଗାଆଁ ଯାକ ସମସ୍ତେ ଗରିବ—ମୂଲିଆ ମୁଣ୍ଡ ! ଏମାନେ ସର୍କାରଙ୍କର କଣ କରିବେ ? ସେ ବଡ଼ବଡ଼ିଆ ଯାହା କରିବେ ସେଇଆ ତ ହବ । ଇଂରେଜ ଭାରତ ନ ଛାଡ଼ିଲେ ଅମର କଅଣ ଭାସି ଯାଉଚି, ଆଉ ଜଣେ କିଏ ସର୍କାର ହେଲେ ଅମକୁ ଖାଇବାକୁ ନା ପିନ୍ଧିବାକୁ ଦବ ? ତାର ମୂଲିଆରେ ଗାଆଁ ନୁହେଁ, କି ତାର ଚୁଲିରେ ଦାଆ ନୁହେଁ ଲୋ ଦେଇ !

—କହୁଚି ଶୁଣ, ତମକୁ ଯେତେ ବୁଝାଇଲେ ବୁଝିବନି । ଅମ ଅଞ୍ଚି ଉପରେ ବିନା ଅପରାଧରେ ଅମ ଦେଶର ନେତା ମାନଙ୍କୁ ସରକାର ଧରି ନେଇଯିବ । ଏପାଇଁ ଅମମାନଙ୍କର ସାମାନ୍ୟ କ୍ଷମତା କଣ ନାହିଁ ? ଏଥିପାଇଁ ଯଦି ମାଡ଼ ଫଣ୍ଟିକ ହେବ, ହେଉ ।

ତାଙ୍କୁ ଡରିଲେ ଚଳିବ ନାହିଁ । ତାହାଲେ, ମଣିଷ ଯାହା କରିବ
ସବୁ ଦୋଷ ହେବ ତା'ର ।

ପାଣୁଆ ବୋଉ କାଖରୁ ମାଠିଆ ତଳେ ଥୋଇ ଦେଇ
କହିଲା—ସତେ କେ ଦେଇ ! ଏ କାଳକୁ ବଡ଼ ଅନ୍ୟାୟ କଥା
ହେଲାଣି, ନ୍ୟାୟ ଚଳିବ କିପରି ? ଆମଘର କଥାରୁ ମୁଁ ବୁଝିନି !
ବରଷକ ଯାକ ଖରା ତରାରେ ଦେହରୁ ଝାଳ ନିଗାଡ଼ି, ମହନାବାପ
ଆମର ଯାହା ଧାନ ଗଣ୍ଡାକ କରୁଥିଲା, ସେ ହେମନ୍ତ କରି ବରଷକ
ପାଇଁ ପେଟକୁ ନଅଣ୍ଟ । ଖଜଣା, ପଥକର, ଜଳକର, ଟିକସ ଦେଇ
ନ ପାରିଲେ ଘର ଚୋରଙ୍ଗ କରି ଖାଇବା ଥାଳି କଂସା ଉଠାଇ
ନେଉଚନ୍ତି । ତାଙ୍କ ସାଙ୍ଗରେ ବାଦୁଡ଼ିତା କରି ଆମେ କଅଣ
ଜିଣି କରି ପାରିବା… ?

✲ ଛଅ ✲

—ବେଳକୁ ବେଳ ରାତି ବେଶୀ ହୋଇ ଆସୁଚି । ନେଳିଆ
ଆକାଶରେ ଜମିଲା ଖଣ୍ଡ ଖଣ୍ଡ ବଉଦ ମାଳ ଭାସୁଚନ୍ତି । 'ଠ' ଭଳି
ଜାଉଁଳି ଜହ୍ନ ଆକାଶରେ ହସୁଚି ।

—ରାତି ନିର୍ଜନ ହେଲା । କାହୁ ଏ ପର୍ଯ୍ୟନ୍ତ ଚୈତ୍ର ବାବୁ
ଆସିଲେ ନାହିଁ । ମନେ ହେଲା—ଏତେବେଳଯାଏ ତାଙ୍କୁ କ

ଦେଖି ମୁଁ ଯେପରି ପ୍ରାଣହୀନ ହୋଇ ପଡ଼ିଛି । ସେ କି ମନ୍ତ୍ର କରିଥିଲେ କେଜାଣି, ଖାଲି ଭାବି ହୋଇ ମରୁଥିଲି ତାଙ୍କର କଥା । ମୋର ଭୋକ ଶୋଷ ନ ଥାଏ । ମତେ ଲାଗୁଥାଏ ସପନ ଦୁନିଆରେ ଅଛଯାଉ ହେଲାପରି ।

—ସଞ୍ଜ ଆଗରୁ ମୁଣ୍ଡ କୁଣ୍ଡାଇ ନେଇଥିଲି, ବେଣୀ ସଜାଇ ପରିପାଟୀ କରି । ଚିକ୍କଣ ଭାବେ ସାବୁନରେ ମୁହଁ ଧୋଇ, ସ୍ନୋ ବୋଳି ହେଲି । ପାଉଡରର ପ୍ରଲେପ ଦେଇସାରି କପାଳରେ କଜ୍ଜଳ ବିନ୍ଦୁ ଦେଲି । ଖୋସାରେ ମଲ୍ଲୀ ଫୁଲମାଳ ବାନ୍ଧିଥାଏଁ । ଗୋଡ଼ରେ ସରୁଗାର ଟାଣି ଅଳତା ପିନ୍ଧିଲି । ବାଛି ବାଛି ଦେହକୁ ସାଜିଲା ଭଳି ଭଲ ପତଳା ଶାଢ଼ୀ ଖଣ୍ଡେ ପିନ୍ଧିଲି । ନିଜେ ଦର୍ପଣ ଆଗକୁ ଯାଇ ନିଜକୁ ଲାଜରେ ଚାହିଁ ପାରିଲି ନାହିଁ ।

—ନିଦଭୋଳା ଆଖିରେ ବାର ଅମ୍ବ ତୋଠା ଅଡ଼କୁ ଅନେଇଲି—ଠିକ୍ ଅଳୁଅ କିଏ ପକେଇଲା ପରି ଦିଶୁଛି । ସେ କେତେବେଳୁ ଆସି ଅରମା ବଣ ଭିତରେ ନଅର ପଅର ହେଉଛନ୍ତି, ମୁଁ ନିଅଂଶୀ ନିଶ୍ଚିନ୍ତ ହୋଇ ଘରେ ଶୋଇଛି । ମୋର ନିଆଁ ଲଗା ଲୁଛଠା ଖାଲି ଦପ୍ ଦପ୍ ହେଉଥାଏ । ଯାହାକୁ ପାଇବାକୁ ମୋର ଭାବନା ଥିଲା, ସିଏ ମୋର ସ୍ୱପ୍ନର ଦେବତା ! ଯାହାକୁ ମନେ ମନେ ନିଜର କରି ଭାବିଥିଲି । ସେ ଦିନ ତାଙ୍କ ଦେହର ଟିକିଏ ପରଶରେ ଶିହରଣ ଉତ୍ତେଜନା ପାଇଥିଲି । କଥା କହିଲା ବେଳେ ଆଖିରେ ଆଖି ମିଳୁଥିଲେ ଲାଜ ସଙ୍କୋଚରେ ମୁଣ୍ଡ ନଇଁ ପଡୁଥିଲା ।

—ନର ନାରୀଙ୍କର ମଧ୍ୟେ ପ୍ରେମ ଭଲ ପାଇବା ସ୍ୱର୍ଗୀୟ ସୁନ୍ଦର ମଧୁମୟ ହୋଇପାରେ । ତା'ର ଶେଷ ପରିଣତି ହୁଏ କିନ୍ତୁ

ଦେହିଙ୍କ ମିଳନର ମଧ୍ୟେ । ଯୌନତୃଷ୍ଣାର ଆବେଗ ନାରୀ ପୁରୁଷକୁ, ପୁରୁଷ ନାରୀକୁ କରେ ସଙ୍ଗମ ଆଲିଙ୍ଗନ ।

—ଆଠ ଦିନ ହେଲା ବୋଉର ଦେହ ଭଲ ନ ଥାଏ । ସ୍ନାଇ ଲେଉଟାଣି ହଉଲେ ତା' ଦେହ ତାତେ । ଗୋଡ଼ ହାତ ଘୋଳା ଛଡା କରେ । ସେ ଯଦି ସ୍ୱତରେ ବାହାରକୁ ଉଠେ, ବାଡ଼ି କବାଟ ମେଲା ଦେଖିଲେ, ମତେ ଘରେ ନ ଦେଖି ମନରେ କଣ ଭାବିବ ? ବୋଉକୁ ମୋର ଭାରି ଡର ଥାଏ ।

—ଥିର ଥିର ଯାଇ ବାଡ଼ି କବାଟ ଖୋଲି ଅମ୍ବ ତୋଟା ଭିତରକୁ ଗଲି । ମତେ ଯିମିତି ଶରତ ବାବୁ ଦେଖିଚନ୍ତି—ମୋର କିଛି କହିବା ଆଗରୁ ସେ ବଳିପଡ଼ି, ତାଙ୍କର ଲମ୍ବା ହାତରେ ମୋ ଚିବୁକ ଧରି ହସି ହସି କହିଲେ—ତମର ଆସିବାକୁ ବଡ଼ ଡେରି ହେଲଣି !

—ତାଙ୍କ ମୁହଁ ଆଡ଼କୁ ଅକୁଳ ଆଖିରେ ଚଲ ବଲ କରି ଗୁହିଁଲି । କଥା କହିଲା ବେଳକୁ ଓଠ ମୋର ଥରୁଥାଏ । ଅଞ୍ଜୁରିଅ ହୋଇ କହିଲି—ଅକ୍ଷମଣୀୟ ଅପରାଧ କରିଚି, ଦୋଷ କ୍ଷମା କରିବ । ତମେ ଏତେ ଶୀଘ୍ର ଏଇଠିକି ଆସି ପାରିବ, ମତେ ଜଣା ନାହିଁ ।

—ଶରତ ବାବୁଙ୍କ ଆଖି ପରିଷ୍କାର ସୂଚନା ଦେଉଥାଏ—ଅଶାନ୍ତ ଆତ୍ମାର ଅଗ୍ରହଭରା ଆହ୍ୱାନ । ତାଙ୍କ ମନର ଗୋପନ କଥା ସେ ଅତି ଗୁନ ଗୁନ କରି କହିଲେ—କେତେଥର ଲୁଚି ଲୁଚି ତମ ଘରକୁ ଯାଇଚି । ବାଟରେ ବାଟ ଓଗାଳି କେତେ ହଟ ଲଗେଇଚି ତମ ସାଥିରେ । ବହୁ ଦିନ ହେଲା ତମକୁ ଗୋଟାଏ କଥା କହିବ ବୋଲି ଭାବିଚି, ମାତ୍ର ଲଜ୍ଜାରେ କହିପାରୁନାହିଁ ।

ଉତ୍କଳ ସଂଘ

ଯଦି କିଛି ମନେ ନ କର…, ତାହାହେଲେ ମୁଁ କହେଁ—ବାସ୍ତବିକ ତମ ରୂପର ମୋହିନୀ ଶକ୍ତି ମତେ ପରାସ୍ତ କରିଛି ।

ଅଚ୍ଛା ତପେସ କହିଲି—ଜଣେ ଜଣକୁ ଭଲ ପାଇଲେ, ସେ ତା'ଠାରୁ କଣ ଚାହେଁ ?

—ତାଙ୍କ କଥା ଶୁଣି ମୋ ଦେହରେ କିପରି ଗୁଡେଇଆ ଅନୁଭବ କଲି । କିଏ କେଉଁଠି ଥିବ ଭାବି, ଏଣିକି ତେଣିକି ନାଘ ପକେଇ କହିଲି, ଭବିଷ୍ୟତରେ ତମେ ମତେ ଭୁଲି ନ ଯାଇପାର ।

—ମୋ ହାତ ଛାଡ଼ିଦେଇ, ଅମୃତଚଛକୁ ଭସିଦେଇ ମୁହଁ ଶୁଖିଲି କରି ମୋ ମୁହଁକୁ ଚାହାଁନ୍ତି । ଜହ୍ନ ଆଲୁଅରେ ଶଚୀନ୍ଦ୍ର ବାବୁଙ୍କ ସୁନ୍ଦର ମୂର୍ତ୍ତି ଫୁଟିକି ଉଠୁଛି । ଫୁଙ୍କାଳିଆ ମୋଟା ଅମୃତଗଛ । ଏ ପାଖରେ ଠିଆ ହେଲେ ସେ ପାଖକୁ ଦେଖା ଯାଏନା । କେତେ ବେଳେ ଯାଏ ମୋ ମୁହଁକୁ ଚାହିଁ ଥରେଇ ଥରେଇ କହିଲେ—ପିଲା ଦିନ ବେଳେ ଧୂଳିଖେଳ କଥା ତମର ମନେ ଅଛି କିଛୁ ? କେତେ କଜିଆ ହେଉ, ଢେଲା ପକାପକି । ସାଥୀ ପିଲାଙ୍କ ମଧ୍ୟରେ ମୁଁ ଥାଏଁ ଟିକେ ବଳୁଆ ! ଝଗଡ଼ା ଲାଗିଲେ ମୋର ଜିତ ହୁଏ । ତମର ଏଇ ରୂପ ପାଖରେ କିନ୍ତୁ ମୁଁ ଆଜି ପରାଜିତ ହୋଇଛି । ମୁଁ ତମକୁ ଏ ଜନ୍ମରେ ଭୁଲି ପାରିବି ନାହିଁ । ତମେ ମୋର ଚିର ସ୍ମରଣୀୟା ପ୍ରିୟସଙ୍ଗିନୀ ହୋଇ ରହିବ । ଆମେ ଦୁହେଁ ମିଳି ସୁଖ ଦୁଃଖର ସଂସାର ଗଢ଼ିବା ମୋର ଇଚ୍ଛା ।

—ସେ ମୋର ହାତ ଧରି ଅହୁଇ ପାଖକୁ ଟାଣିଲେ । ପକେଟରୁ ଗୋଟିଏ ଫୁଲମାଳ ବାହାର କରି ମୋ ଗଳାରେ ଲମ୍ବେଇ ଦେବେ ବୋଲି ଭାବି କହିଲେ—ଟିକିଏ ପାଖକୁ ଆସ ! ମୁଁ ସଜେଇ ଦିଏଁ ।

ମୁଁ ଖପ୍ କରି ତାଙ୍କ ହାତ ଧରି ପଚାରି ଥରିଲା ସ୍ୱରେ ହ୍ଲି—ଏ କଣ କରିବାକୁ ବସିଚ ? ଏମିତି ଉମର ଇଚ୍ଛାଟା କେବେ ବଳେଇଲ ଶୁଣେ ? ଶେଷକୁ ଲୋକହସା କରେଇବ । କ'ଣ ?

—ଅଉ କ'ଣ ସେ କହୁ ଥାଆନ୍ତେ ମୁଁ ଜାଣି ନାହିଁ । ବାଉ ଥର ମୁହଁରୁ ବୋଉର ପାଠି ଶୁଭିଲା । ବୋଉ କହୁଚି—ମୁଁ ଇଁ କାଣରେ ପେଲି ହେଇ ମରୁଚି, ଏତେ ବଡ଼ ଝିଅଟେ ହେଲାଣି ।' ବୁଢ଼ି ଦେଖ ! ରାତି ବାଜିଲା କେତେବେଳେ କଉ କଥା । ।ଓ କବାଟ ମେଲା ରଖି କୁଆଡ଼କୁ ଗଲା ?

—ଆମ ଦୁହିଁଙ୍କର ଏତେ ବଡ଼ ମନର ଆଶା. ସ୍ୱପ୍ନ ସରଗ ଉଜିଗଲା । ମୁଁ କାଠ ପିତୁଳା ପରି ଠିଆହୋଇ ରହିଥାଏଁ । ଚିନ୍ତୁ ବାବୁ ଚମକି ଉଠି ଚଇଁଲା ହୋଇ କହିଲେ—ମୁଁ ଚାଲି ।ଉଚି, କାଲି ରାତିରେ ନିଶ୍ଚୟ ଦେଖା କରିବ ।

—ଆମେ ଦୁହେଁ ମିଳି ଯେଉଁ "ମିଳନ-ସୌଧ" ଗଢୁଥିଲୁଁ, ।' ବ୍ୟର୍ଥ ହେଲା । ବୋଉ ଅଝଟା ଧମକାଣ ଦେଇ କହୁବ— —"ଏ ସବୁ କି ବେସରମ କଥା ! ମୁଁ ଏପରି କଥାକୁ ପସନ୍ଦ କରେନା । ଏ କଥାମାନ ସବୁ ଦାଣ୍ଡ ବଜାରୁଣୀ ମାନଙ୍କୁ ଶୋଭି ।ଏ ।" ଏପରି ନିଜକୁ ପ୍ରଶ୍ନକରି ଯେତିକି ଭାବୁଥିଲି, ମୋ ଆଖିରୁ ସେତିକି ଗଡ଼ି ପଡୁଥାଏ ଅବୁଝାମଣା ଲୁହ ।

✽ ସାତ ✽

ଅନ୍ୟାୟ ଅଧର୍ମ ଚିରସ୍ଥାୟୀ ନୁହେଁ । ଅଧର୍ମୀ ଓ ଶୋଷଣ-କାରୀ ମାନଙ୍କୁ ଦିନେନା ଦିନେ ପରାଜୟ ଗ୍ଲାନି ନେବାକୁ ହେବ । ହାତୀ ମାରି କୁଲା ଘୋଡ଼ାଇଲେ ଲୁଚିବ ନାହିଁ ।

୧୯୪୨ ମସିହାରେ ବୀର ଦର୍ପେ "ଅଜାଦହିନ୍ଦ୍ ଫୌଜ" ବର୍ମା ରେଙ୍ଗୁନ୍ ଦଖଲ କରି, ଇଂରେଜ ସୈନ୍ୟ ବାହିନୀକୁ ଲଢ଼େ-ଇରେ ହରେଇ ଆଗେଇ ଆସୁଚନ୍ତି ଜନ୍ମଭୂମି ଭାରତ ଅଭିମୁଖେ । "ଦିଲ୍ଲୀ ଚଳ !" "ଭାରତ ସ୍ୱାଧୀନତା କାଏମ୍ କର—ନହେଲେ ମର !" ବ୍ରିଟିଶ ସାମ୍ରାଜ୍ୟବାଦ୍‌କୁ ଦେଶରୁ ତଡ଼ାଇବା ପାଇଁ ନେତାଜୀ ସୁଭାଷ ଚନ୍ଦ୍ରଙ୍କ ନେତୃତ୍ୱରେ ଗଠିତ ହୋଇଛି ଏହି "ଅଜାଦହିନ୍ଦ୍ ଫୌଜ ।"

ଦେଶବାସୀଙ୍କ ପକ୍ଷେ ଇଂରେଜ ସୈନ୍ୟ ମାନଙ୍କର ଅତ୍ୟା-ଚାର ଦିନକୁ ଦିନ ଅସହ୍ୟ ହୋଇ ଉଠିଲାଣି । ସମୁଦ୍ର ଉପକୂଳ-ବର୍ତ୍ତୀ ସହର ଓ ଗ୍ରାମ ମାନଙ୍କରୁ ମଟର, ସାଇକେଲ, ଗୋରୁଗାଡ଼ି, ନୌକାଦି ଯାନବାହାନ ସବୁ ସରକାର ଜବତ କରି ନେଇଚନ୍ତି ।

ପୁରୀ ନୂଆନଈ ମୁହାଣ ପାଖରେ ମିଲେଟାରୀ ଫୌଜ ଛାଉଣି ପକେଇ ରହିଲା ଦିନଠାରୁ ସିପାହୀ ଓ ମିଲେଟାରୀ ଅଫିସର

ମାନଙ୍କ ଭୟେ ହାଟ ବଜାର ଦୋକାନ ପସରା ପ୍ରାୟେ ସବୁ ବନ୍ଦ । ଟସମାନେ କେହି କେହି ବା ଜିନିଷର ଦାମ ଦେଉଛନ୍ତି କେହି ଜିନିଷର ଦାମ ନ ଦେଇ ପଣ୍ୟ ଦ୍ରବ୍ୟମାନ ଜବରଦସ୍ତି ନେଇ-ଯାଉଛନ୍ତି । ଝିଅ ବହୁମାନଙ୍କର ଘରୁ ବାହାରିବାର ଉପାୟ ନାହିଁ ।

ମାସ ଦୁଇ ଆଗେ ଦାସ ବାବୁଙ୍କ ଝିଅକୁ ଧରି ନେଇ ଯାଇ-ଥିଲେ । ଦାସ ବାବୁ ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସର । ଝିଅଟା ପାଠୋଇ । ଥାନାକୁ ଥାନା ହୁଲିଆ ଜାରି କରି ତା'ର କୌଣସି ପତ୍ତା ମିଳୁ ନ ଥିଲା । କେତେ ଦିନ ପରେ ମିଲେଟାରୀ ମାନେ ତାକୁ ଗୋପାଳ ପୁର ପାଖରେ ଛାଡି ଦେଇ ଯାଇଥିଲେ ।

—ଏ ଯୁଗରେ ସତ୍ତକୁ ଭାତ ମିଳିବ ନାହିଁ । ଅନ୍ୟାୟ କୁଟ କପଟ ପେଞ୍ଚରେ ଦୁନିଆ ଚାଲୁଛି । ପୂର୍ବ ପୁରୁଷେ କହି ଯାଇଛନ୍ତି ପରା—"ସ୍ୱର୍ଗକୁ ନିଶୁଣୀ ନାହିଁ, ବଡ଼ଲୋକଙ୍କୁ ଉତ୍ତର ନାହିଁ ।" ମୋ ପରିକା ଗରିବ ଦୁଃଖିନୀ ଝିଅ ହୋଇଥିଲେ, ତା' କପାଳରେ କେତେ ଦୁର୍ଦ୍ଦଶା ଥାଆନ୍ତା, କଥାରେ କହିଲେ ସରନ୍ତା ନାହିଁ ।

—ଗାଈ ଲେଉଟାଣି ବେଳ । ଗାଆଁ ଲାଇବ୍ରେରୀ ଘରେ କଅଣ ସବୁ ମନ୍ତ୍ରଣା ସଭା ବସିଛି । ଏବେ କେଇଦିନ ହେଲା ଶେଖର ବାବୁ, ଆଉ କେତେଜଣ ତାଙ୍କ ସହକର୍ମୀଙ୍କୁ ନେଇ, ଗାଆଁ ଗଣ୍ଡା ଯାଇ ଯାଇ ବୁଲି ଏକନିଷ୍ଠ ଭାବେ ସ୍ୱାଧୀନତା ଆନ୍ଦୋଳନ ପାଇଁ ସାଧାରଣ ଲୋକଙ୍କୁ ମାତଉଛନ୍ତି । ସରକାରଙ୍କ ଆଇନ ବିରୁଦ୍ଧ କାମ କରିବାକୁ ପ୍ରବର୍ତ୍ତାଉଛନ୍ତି ।

—ଆମ ଗାଁ' ଆଖ ପାଖ ଗାଆଁ ମାନଙ୍କରୁ ବହୁ ଲୋକ ଆସି ଲାଇବ୍ରେରୀ ଘରେ, ବାହାରେ ଭିଡ଼ କରି ଜମିଲେଣି । ପ୍ୟାରି ସ୍ୱାଇଁ ଅଛୁଟ ମଳିକକୁ ଛୁଇଁ, ତା' ଦେହରେ ଦେହ ଲଗେଇ ଟଙ୍କା ଯେତେକ ବର୍ଷି ବେପରୁଆ ହୋଇ କହିଲା—ଜାଣିଲେ ଶଶି ବାବୁ !

ଗୋରା ସୈନ୍ୟ ଗୁଡ଼ାକ ଆସି ମୁହାଣ ମୁହଁରେ ରହିଲେ ଦିନଠୁଁ ଆମ ପାଖ ପଡ଼ଶା ଗାଆଁ ଲୋକଙ୍କୁ ସବୁ ଉଚ୍ଛନ୍ନ କରି ଦେଲେଣି ।

ବାଁ ହାତ ନେଉଡ଼ରେ ଗୁଣ୍ଡିପତ୍ର ରଖି, ଡାହାଣ ହାତ ବୁଢ଼ା ଅଙ୍ଗୁଳି ଟିପରେ ଜୁଛୁବ ମଳିକ ରଗଡ଼ିବାରେ ଲାଗିଥିଲା—ପ୍ୟାରି ସ୍ୱାମିଙ୍କ କଥାର ଜବାବ ଦେଇ କହିଲା—ଏଇ ଯେଉଁ ଯୁଦ୍ଧ ଲାଗିଛି, ଏଇ ଯୁଦ୍ଧରେ ସବୁ ଲଙ୍ଗାମୁହାଁ ଇଂରେଜୀ ଶଳାଏ ମରିବେ । ବନ୍ୟା ମହାମାରୀ, ଦୁର୍ଭିକ୍ଷ ମଡ଼କ ଆମ ଚଷି ମୂଲିଆଙ୍କ ଦେହର ମାଉଁସ ଖାଇ ହାଡ଼ ପଞ୍ଜରା କେଇଖଣ୍ଡ ରଖିଛି । ଏପରି କୁକୁର ଲୋକଙ୍କ ଘର ପୁଲିସ, ସିପାହୀ, ମିଲେଟାରୀବାଲାଙ୍କ ଠେଙ୍ଗା ବାଧା ଗୋଇଠା ମାଡ଼ ଖାଇ ବେଲଜ୍ଜାଙ୍କ ପରି ବଞ୍ଚିବା ଅପେକ୍ଷା ସ୍ୱାଧୀନ ଆନ୍ଦୋଳନରେ ପ୍ରାଣ ଦେବା ଢେର ଭଲ—ମରଦ ପଣିଆ ।

—କଟକରୁ ବାଞ୍ଛାନିଧି ବାବୁ ବୋଲି ଯେଉଁ ଭଦ୍ରଲୋକ ଜଣକ ଆସିଛନ୍ତି, ସେ ଶଚିନ୍ଦ୍ର ବାବୁଙ୍କ ସାଙ୍ଗରେ ଭୁନ ଭୁନ ହୋଇ କ'ଣ କଥା ହେଉ ଥାଆନ୍ତି । ନାରଣ ଦାସ, ରମା ଦେବୀ, ମୋହନ ଦାସ, ଜପ ମହାନ୍ତି, ଜମ୍ବୁ ବାବୁ ଓ ଆଉ କେତେଜଣ କଂଗ୍ରେସ କର୍ମୀ ବସି ଖବର କାଗଜ ପଢୁ ଥାଆନ୍ତି, ଆଉ କେଉଁଠି କେଉଁଠି ସବୁ ଆନ୍ଦୋଳନ ହେଉଛି, ସେ ସବୁ କଥା ଘେକଇ ଥାଆନ୍ତି । ମୁଁ, ଅଉ କେତେକ ମାଇପେ ଗୋଟାଏ ପାଖରୁ ବସିଥାଉଁ । କ'ଣ ସବୁ ଦେଶ ସ୍ୱାଧୀନତା କଥା ହେଉଛି—ଶୁଣିବୁ ବୋଲି— ।

—ମହାତ୍ମା ଗାନ୍ଧୀ ଦେଶବାସୀଙ୍କୁ ନିବେଦନ କରି ଯେଉଁ ମହତ ବାଣୀ ଶୁଣାଇଛନ୍ତି—ଶଚିନ୍ଦ୍ର ବାବୁ ସେ ଇସ୍ତାହାର ପଢି ଶୁଣାଇଲେ—"ଇଂରେଜ ଭାରତ ଛାଡ଼ !" "ନୋହିଲେ ଦେଶବାସୀ ଆଇନ ଅମାନ୍ୟ ଆନ୍ଦୋଳନ କରନ୍ତୁ ।" ସେଥିପାଇଁ କଂଗ୍ରେସର

ଅଚ୍ଛା ଅଚ୍ଛା ନେତାଙ୍କୁ ପୁଲିଶ ଗିରଫ୍ କରି ନେଉଛି । ଅପଣ ମାନେ କଣ ଏ ବେଳରେ ତୁନି ହୋଇ ବସି ତାମସା ଦେଖିବେ ? ଏ ବିଷୟରେ ବିବେଚନା କରି କଣ କରିବାକୁ ହେବ କୁହନ୍ତୁ ?

ଲୋକମାନେ ବସି ମୁହଁ ଚୁହାଁଚୁହିଁ ହେଉ ଥାଆନ୍ତି ; କିଏ କଣ ଅଗେ କହୁଛି ଶୁଣିବେ ।

—ଆମ ଗାଆଁ ଭିତରେ ବଣିଆ ମହାପାତ୍ର ଭାରି ଟାଉଟରିଆ ଲୋକ । ସେ ସବୁ କଥା ବୁଝି ପାରୁଥିଲେ ବି ପୁଣି ଥରେ ଶଚୀନ୍ଦ୍ର ବାବୁଙ୍କୁ ପଚାରିଲା—କାହିଁକି ? କଂଗ୍ରେସବାଲା ସରକାରଙ୍କର କି ଦୋଷ କଲେ ଯେ ସେମାନଙ୍କୁ ଧରି ନେଇ ଜେଲରେ ପୁରାଉ-ଛନ୍ତି । ଶଚୀନ୍ଦ୍ର ବାବୁ କିଛି ନ କହୁଣୁ ଅଗ ବଳ ପଣ୍ଡା ଘ୍ୟାସି ସ୍ୱାଇଁ ଠୋ ଠୋ ହୋଇ ହସି କହିଲା—

—ତମର ଅଗରେ ସାତକାଣ୍ଡ ରାମାୟଣ ପଢ଼ା ସରିଲା, ସୀତା ରାମଙ୍କ ସ୍ୱାମୀ କି ରାମ ସୀତାଙ୍କ ସ୍ୱାମୀ ହେବେ, ଏକଥା ଏ ପର୍ଯ୍ୟନ୍ତ ବୁଝି ପାରିଲ ନାହିଁ ? କଂଗ୍ରେସ କର୍ମୀମାନେ ଇଂରେଜ ସରକାରଙ୍କୁ ଦେଶରୁ ତଡ଼ାଇବା ପାଇଁ ତାଙ୍କ ସାଙ୍ଗରେ ବିରୁଦ୍ଧତା କରୁଛନ୍ତି । ତେଣୁ ପୁଲିଶ ସେ ସବୁ ଲୋକଙ୍କୁ ଅରେଷ୍ଟ କରି ନେଇ, ଜେଲ ଜୋରିମାନା ମାଡ଼ ଫଜିହତ ଦେଇ ବହୁ କଷ୍ଟ ଭୋଗାଉଛି । ଏ ପାଇଁ ଅମେ ମାନେ କଣ କରିବା କୁହ ?

—ଏକଥାରେ ବଣିଆ ମହାପାତ୍ର ଟିକିଏ ମୁହଁମଡ଼ ଦେଇ କୁଟିଳ ହସ ହସି କହିଲା—ଅହେ ସ୍ୱାଇଁ ଭାଇ ! ଅଜ ହବ କଣ ? ଅମେ ଗାଁର ମୂଲିଆ ମୁଣ୍ଡ, ଗରିବ ଗୁରୁବାମାନେ ସରକାରଙ୍କ ବିରୁଦ୍ଧରେ କଣ କରି ପାରିବା ଭଲା ? କଥାରେ ଅଛି—ଗରିବ ମାଇପ ସମସ୍ତଙ୍କର ଭାଉଜ !

—ମୁଁ ମନ ଭିତରେ ଗୁଣି ହେଉଥିଲି କଣିଆ ମହାପାତ୍ରର ସେଇ କେଇପଦ କଥା । ଗାଆଁରେ ସଭିଏଁ ଚାଷି ମୂଲିଆ । ମୁଣ୍ଡ ଝାଳ ତୁଣ୍ଡରେ ମାରି, ଦେହ ମେହନତ କରି ଯାହା ଭେଇଲେ— ପେଟକୁ ନିଅଣ୍ଟ । ସୁଖେ ଦୁଃଖେ ସଂସାର ନାବ ଠେଲୁଚନ୍ତି । ନିଜ ଭାଇ ଭାଇ ଭିତରେ କଳି କଜିଆ, ମାନ ମନାନ୍ତର ନେଇ ଗାଆଁ ଲୋକେ ମାତିଚନ୍ତି । ଆମ ଦେଶର କୋଟି କୋଟି ଲୋକଙ୍କ ଭିତରୁ ଇଂରେଜ ସରକାର ବାହାଦୁରଙ୍କ ସଙ୍ଗେ ଲଢ଼େଇ କରି-ବାକୁ କେଇଜଣ ତିଆରି ହୋଇ ବାହାରିବେ ? ଏ କଥା ମନରେ ଯେତେ ପାଞ୍ଚିଲେ ବି ସେପରି ଆସ୍ଥାବୋଧ ହେଲା ନାହିଁ ।

—ଗୋପ ଥାନାର ବଡ଼ କର୍ମୀ ନାରଣ ଦାସ କହିଲେ— ଦେଶ ସ୍ୱାଧୀନତା ଲାଭ କରିବା ପର୍ଯ୍ୟନ୍ତ କଂଗ୍ରେସ ସମସ୍ତଙ୍କର । ଦେଶ ସ୍ୱାଧୀନ ହେଲା ପରେ ଦେଶବାସୀଙ୍କ ହାତ ମୁଠାରେ ଶାସନ କ୍ଷମତା ରହିବ । ଗଣ ଦେବତା, ସତ୍ୟାଗ୍ରହ ଆନ୍ଦୋଳନ କରିବାକୁ ସମସ୍ତେ ବାହାରି ପଡ଼ ।

—ତାଙ୍କ ସମାଲୋଚନା ଶୁଣିବାକୁ କଉତୁକ ଲାଗେ । ମୁଁ ଖୁବ୍ ଉତ୍ସାହିତ ହୋଇ ହସେଁ । ସମସ୍ତେ ତୁନି ହୋଇ ବସି ଶୁଣୁ ଥାଆନ୍ତି । ସବୁ ଠାରୁ ଦୁଃଖ ମଣିଷର ଆତ୍ମ-ମର୍ଯ୍ୟାଦାର ଅପମାନ । "ଇଂରେଜ ସରକାର ଭାରତ ଛାଡ଼ !" ଗାନ୍ଧୀଜୀ ଯେଉଁ ପ୍ରସ୍ତା ବ କରିଚନ୍ତି ; ଆମେ ସମସ୍ତେ ସମର୍ଥନ କରୁଚୁଁ ମନ ଜୀବନ ଦେ କାର୍ଯ୍ୟକାରୀ କରିବୁଁ । ଦେଶ ଓ ଜାତି ପାଇଁ ମୋର ଏ ଉଦ୍ଦେଶ୍ୟ ଦେଶବାସୀ ସୁଖରେ ରହନ୍ତୁ । ସର୍ବ ସାଧାରଣଙ୍କୁ ଜଣାଇବା ପାଇ ଏ ବିଷୟରେ ଘରଆଡ଼େ ବିଜ୍ଞାପନ ଦିଆଯାଉ ।

ନାରଣ ଦାସ କଥା କହିଲା ବେଳେ ତାଙ୍କ ତୁଣ୍ଡରେ ବାଡୁଲି ବାଜୁ ନ ଥାଏ । ସଭା ଭାଙ୍ଗିବାରୁ ସମସ୍ତେ ନିଜ ନି

ଘରକୁ ଫେରିଲେ । ବଡ଼ଲୋକ ମୁହଁରୁ ବଡ଼ କଥା ଶୋଭାପାଏ । ଗରିବ ମୁହଁର ଭଲ କଥା ଲୋକଙ୍କୁ ପରିହାସ ପରି ଲାଗେ । ମଣିଷ ଦରିଦ୍ର ହେଲେ ତା ଜୀବନର ସୁଖ ଆନନ୍ଦ ସବୁ ଦୂରେଇ ଯାଏ । ବଞ୍ଚି ରହିବାଟା ମନେ ହୁଏ ଗୋଟାଏ ଅଭିଶାପ ପରି । ପାଣି ଭଉଁରିରେ ଶୁଖିଲା ପତ୍ର ଭ୍ରମିଲା ପରି ମନ ଭ୍ରମେ । ଏ ସବୁ କଥାରେ ମୋର ମନ ବୁଝିଲା ନାହିଁ । ତାର ଅଡୁ ତାର କଥା ଆସି ପେଟ ଭିତରଟା ଘଣ୍ଟି ମନ୍ଥି ପକେଇଲା ।

—ଶଚନ୍ଦ୍ର ବାବୁଙ୍କ ବ୍ୟବହାରରୁ ମନର ଅକୁହା କଥାର ମର୍ମ ବୁଝି ପାରିଥିଲେ ମଧ୍ୟ, ସଙ୍କୋଚ ଅଭିମାନରେ କବାଟଭିଡ଼ା ଦେଇ ଦୂରେଇ ରହୁଥିଲି । ମୁଁ ଜାଣେ—ଜଣେ ଜଣକୁ ଅନ୍ତରରେ ଭଲ ପାଇଲେ, ତା ପାଖରୁ ଦୂରେଇ ରହି ପାରିବ ନାହିଁ ।

### * ଆଠ *

ଆକାଶରେ କଳାଘୁମର ମେଘର ମାଳ । ବିଜୁଳି ଚମକ ଘଡ଼ଘଡ଼ିରେ କାନ ଅତିଷ୍ଠ ପଡୁଛି ।

—ନିଜ ପ୍ରାଣର କଥା କାହା ଆଗେ ବଖାଣି ପାରିବିନି । ଟୋକାକୁ କହିବାକୁ ମନ ଡାକିଲେ ବି କିପରି ଲାଜ ମାଡୁଛି । ...ବ ଲକ୍ଷ୍ମୀ, ଅଲକ୍ଷ୍ମୀ ବାଲ୍ୟସଖୀ ବୋଲି ଭଲ ଦିନରେ ମୋ ଉପରେ ...ସ ଟଣଡ଼ । ଏଇନେ ଜାଣିକରି ତ ବେମାରରେ ପଡୁଛି ।

ମନ ହେଉଛି—ମୁଁ ଯେପରି କଣ ହଜେଇଛି । ଯୁଆଡ଼କୁ ଯାଏଁ, ମୋ ଆଖି ଦି'ଟା ଏ କନ୍ଦ ସେ କନ୍ଦ ବୁଲି ତାହାକୁ ଖୋଜେ । ଶରତ୍ଚନ୍ଦ୍ର ବାବୁଙ୍କୁ ଦିନେ ନ ଦେଖିଲେ ମୋ ପ୍ରାଣ ଅସ୍ଥିର ହୋଇ-ଯାଏ । ସେ ଚିଠିରେ ଲେଖିଛନ୍ତି; ସାତ ଦିନ ପରେ କଟକରୁ ଫେରିବେ । କଟକ ସ୍ୱରାଜ୍ୟ ଆଶ୍ରମରେ କଂଗ୍ରେସବାଲାଙ୍କର କୋଉଠାଏ ମିଟିଂ ଅଛି । ସାତ ଦିନ ମୋତେ ସାତ ବରଷ ପରି ଲାଗିଲା । ଯାହାଙ୍କ ଦେହର ପରଶ ମୋ ବକ୍ଷରେ ଲଟାଇଥିଲା ନାଆଁ । ସେ କମିତ ମଙ୍ଗଳରେ ଫେରି ଆସନ୍ତୁ । ତାଙ୍କର ଶୁଭ ପଥେ—ମଣି ଠାକୁରଙ୍କ ପାଖରେ ଭୋଗ ମାନସିକ କରେଁ । ଦେହଟା ଏତେ ଅବଶ ଲାଗୁଥାଏ ଯେ, ବସିବା ଠାରୁ ଉଠିବାକୁ ଇଚ୍ଛା ହେଉ ନ ଥାଏ । ମତେ ଅବା ଜୀବନର କୌଣସି ମୂଲ୍ୟ-ବାନ ସମ୍ପଦ ହଜି ଯାଇଛି ! !

—ବୋଉର ପଦୁଟିଏ ଡାକରେ ମୁଁ ତା' ପାଖକୁ ଯାଇ ବସିଲି । ବୋଉ ଦେହଟା ନାଆଁ ପରି ଛାଡ଼ିଛି । ଜର ତାଉଲରେ ତାର ଅସଂଯତ, ଅସ୍ତବ୍ୟସ୍ତ ଢଙ୍ଗ । ବେଡ଼େ ସାବଧାନରେ ମୁଠି ମୁଠି କରି ମୁଁ ଗୋଡ଼ ଘଷି ବସିଲି ।

—ବୋଉ ମୋ ମୁଣ୍ଡରେ ହାତ ରଖି, କପାଳ ଅଉଁସି ଦେଇ ଅନେଇ ଅନେଇ କହିଲା—ହଁ ଲୋ ମାଆ ! ଜନମ ମରଣ ବରଷା, ଏହା ନ ଜାଣନ୍ତି ପୁରୁଷା । ସଂସାରରେ ତ ଏମିତିକା ଜନ୍ମ ମରଣ କେତେ ଘଟିଛି—ସେ ପାଇଁ ଏତେ ଡର କାହିଁକି ? ମୁଁ ବଞ୍ଚି ଥାଉଁ ଥାଉଁ ତୋର ବାହା ଦେଇ ପାରିଲେ ଭଲ, ନୋହିଲେ ସାଇ ଭଉଣୀଏ ଟାହି କରି ହସିବେ ।

—ବୋଉ ମୋର ବିଷାଦ ଭୋଳା ମୁହଁ ଦେଖି ବ୍ୟଥାଭରା ଚାହାଣୀରେ ମୋ ମୁହଁକୁ ଚାହିଁ କହିଲା—ଅଧ ଓଳିଏ ଖାଇ ହେଲଣି, ଯା ରଜା ବାହା କରବୁ ।

—କଅଣ ବା କହନ୍ତି ? ଘରେ ଚାଉଳ ବୋଲି ଗୋଟିଏ ନାହିଁ । ସପ୍ତ ଘର ମାଲା ନୂଆବୋଉ ଠାରୁ ହାତ ଉଧାର ପାଞ୍ଚଟା ଟଙ୍କା ଆଣିଥିଲି, ଆଜି ଯାଏ ସେ ଟଙ୍କା ତାକୁ ସୁଝି ପାରିଲି ନାହିଁ । ଅଭାବ ଅଁ କରି ଗୃହଅଙ୍ଗ ଘେରି ଅସୁର । ଦୁଃଖର ସଂସାର— ଦୁନିଆରେ ସାହା ସମ୍ବଳ ହୋଇ କେହି କେଉଁଠି ନାହିଁ ।

—ଶଚନ୍ଦ୍ର ବାବୁ ବହୁବାର ଆର୍ଥିକ ସାହାଯ୍ୟ ଦେବା ପାଇଁ କହିଚନ୍ତି । ତାଙ୍କର ବଦାନ୍ୟତା, ସାହାଯ୍ୟ ସହାନୁଭୂତି ମୁଁ ନେଇ ନାହିଁ ନିଜ ଆତ୍ମ-ମର୍ଯ୍ୟାଦା ଭୟରେ । ସେ ଦେବାକୁ ଆସୁଥିଲେ ବେଳେ ମୁଁ ଦୂରେଇ ଯାଉଥିଲି ।

ମନରେ କେତେ ଆଶା କରି ମହାନ୍ତି ଘର ଫକୀର ଅଜାଙ୍କ ହାର ବନ୍ଧକ ଥୋଇ କେଇଟା ଟଙ୍କା କରଜ ଆଣିବାକୁ ଗଲି । ଅଇଲେ ଯାଇ ଘର ପାଇଛି କରବ । ମୁଁ ସିନା ତାକୁ ବଳେଇ ଭଳ ମାଗିବି, ସେ ଶ୍ରେଷ୍ଠୀ ଯଦି ମନା କରବ ? ପର ମଣିଷଙ୍କ ଉପରେ ଜୋର ଚଳିବନି । ଏମିତିକା ମନରେ ଦୋ ଦୋ ପାଞ୍ଚ ହୋଇ ଭାବ ଭାବିକା ତାଙ୍କ ଘରକୁ ଗଲି । କେବଳରୁ ସୁନା ହାର କାଢି ହାତ ମୁଠାରେ ଧରିଚି । ଫକୀର ଅଜା ତାଙ୍କ ହାଣ୍ଡିଶାଳ ଘର ଦୁଆରମୁହଁ ଶିଳ ପାଖରେ ବସି ଅଷ୍ଟାଙ୍ଗ ଶରୀର ଦୋହଲାଇ ହଳଦୀ ବାଟୁଚି । ନାହାକ ସବ ଧୁରୁବା ବୋଉ ମଲେ ଦେଖି ହସି ପଡେଇ କହିଲା—ବାସ୍ତୁ ପ୍ରିୟା ! ଏବେ କେଉଁଠି ପାସ ଗାନ୍ଧୀ ମହାତ୍ମା ହୁକୁମ କରଚନ୍ତି, କି ମାଇପେ କି ମରଦ ସମସ୍ତେ ମଣି

ସରକାରଙ୍କୁ ଡକେଇ ଦେବେ ? ଅମ ଧୁରୁବା ବାପ ସଭାକୁ ଯାଇ-ଥିଲ ଯେ, ଏ କଥା ଅସି ଘଡରେ ଶୋଇଲା ବେଳେ ଗପୁଥାଏ ।

ଫକୀରି ଅଇ ମୁହଁ ମୋଡ଼ି କହିଲା—ଯେଉଁ ସରକାର ବାହାଦୁର ବାଘ ଛେଳିଙ୍କୁ ଏକା ଘାଟରେ ପାଣି ପିଆଉଚି, ସେ ଏବେନେ ଏ କାତୁଆ ମରଦ ମାନଙ୍କୁ ଦେଖି ଡର ପଳେଇ ଯିବ ?

ଫକୀରି ଅଇ କଥାରେ ଧୁରୁବା ବୋଉ ହସି ହସି ଗଡ଼-ଗଲ ! ଛୁଗୁଲଇଲା ପର କହିଲା—ଏ କାଳ ଅଉ ହେବନି ଲୋ ମାଆ ! ଯୋଉ କଥାମାନ କାନ ଉଠିଲାଠଉଁ ଶୁଣା ନ ଥିଲା, ଏ କାଳକୁ ସେ ସବୁ କଥା ଶୁଣାଗଲା । ଭମେ ସେ କଥା ଶୁଣିକ ପରି ସାଆନ୍ତାଣୀ ? ଅମ ଗାଆଁର ଅଉ କେତେ ଝିଅ ବୋହୂ ସଞ୍ଜବେଳେ ସଭାକୁ ଯାଇଥିଲେ । ଛି’ ଛି’ ! ଯେତେ ହେଲେ ମାଇକିନିଆ ଝିଅ—ମରଦ ପୁଅ ନୁହଁନ୍ତି । ଏ ଗୁଡ଼ାକ ଏଡ଼େ ନିର୍ଲଜ୍ଜା !

ଫକୀରି ଅଇ ହସିଲା ମୁହଁରେ କହିଲା—ଅଲୋ ଗୁରୁସି ! କାହା ଦୋଷ ଗୁଣରୁ ଅମକୁ କଣ ମିଳିବ ?

—ଫକୀରି ଅଇ ମୁହଁକୁ ଚାହିଁଲା—ମନେ ଲାଜ ମାଡ଼ିଲା । ଟଙ୍କା ନେବାକୁ ଅସିଚି ବୋଲି ଭରସି କର ତାକୁ କିଛୁ କହ ପାରୁ ନ ଥାଏ । ମୁହୂର୍ତ୍ତେ କାଳ ତା ମୁହଁକୁ ଚାହିଁ ରହିଲ ।

ଫକୀରି ଅଇ ମନେ ଭାବିଲା—କି ଲୋ ନାତୁଣୀ ! କଣ ଲାଗି ଅସିଚୁ କହୁନୁ—ଭୁନା ହୋଇ ଠିଆ ହେଇଚୁ କଣପାଇଁ ? ଅଖିରେ ଅଗ୍ରହ, ଓଠରେ ଦରହାସ । ସତେ କି ସେ ମୋ ମନ କଥା ବୁଝିଲା ପର କହିଲା—ତୋର ଅଉ ଧୋବା ଖଟୁନି କି ଲୋ, ଏତେ ମଇଳା ଲୁଗା ପିନ୍ଧିଚୁ ? ନୁଖୁର କର ମୁଣ୍ଡଟାକୁ ଯେମିତ

ପରବା ଚାଲୁଣି, ତଥେ କଣ ଦ'ଟା ପଇସା ଦେଇ କିଣି-ବାକୁ ମିଳୁନି ?

—ମଣିଷକୁ ବାଘ ନଖାଟା ଯେତିକି ନ ବାଧେ ବାଘ ଡୋଷସ୍ତ ସେତିକି ବାଧେ । ଥକ୍କା ହୋଇ ଘଣ୍ଟାଏ କାଳ ଫକୀରା ଅଇ ମୁହଁକୁ ଗୃହିଁ ରହିଲ । ମୋ ଆଖିରୁ ଝର ଆସିଲା ଲୁହ । ଥିର ଗଳାରେ କହିଲି—ତଥେ ମୋ ସୁଣ ଅଛୁ, ଅଜ କାହାକୁ ଏ ସବୁ କଥା କହିବୁ ନାହିଁ । ଗୋଟାଏ ଦରବ ଅନୁରୋଧ କରି ମାଗିବାକୁ ଆସିଛି । ଅବଶ୍ୟ କଥା ରଖିବୁ ଅଇ !

ଧୁରୁବା ବୋଉ ବସିବା ଜାଗାରୁ ଉଠି ଠିଅ ହୋଇ ଟିକିଏ ଭାବିଲା ପରି କହିଲା—ହଁ'ମ ମୁଁ ଶୁଣିଛି ସାଅନ୍ତାଣୀ ! ଏଇ ବିଷ୍ଣୁ-ପ୍ରିୟା ଦେଈଙ୍କ ସଙ୍ଗେ ଶଚନ୍ଦ୍ର ବାବୁଙ୍କ ନାଁରେ······

—ତୁମ ହ'ଲେ ନାହାକ ଘର ବୋହୂ ! ବିଷ୍ଣୁପ୍ରିୟାକୁ ତୁ ଚିହ୍ନିନାହୁଁ । ଦେଖିଲୁ କି ସୁନ୍ଦର ରୂପ ତାର କଣ ହେଲାଣି ?

ଫକୀରା ଅଇ ମୁହଁ ବୁଲାଇ, ଅଖି ଠରିଟି କହିଲା ।

ନାକ ଟେକି ସ୍ୱରରେ ଉମ ଉମ ହୋଇ ଧୁରୁବା ବୋଉ କହିଲା—ସାଅନ୍ତାଣୀ ! ପିଲାଟା ମୋର ଘରେ ଡେଙ୍ଗେ ବାଦବଣି, ତା' ବାପ ତାକୁ ସମ୍ଭାଳିବାକୁ ଦରକାର ହେଉଥିବ—ମୁଁ ଯାଏଁ ।

—ସେ ଚାଲିଗଲା । ତା' ଯିବା ବାଟକୁ ମୁଁ ଏକ ଧ୍ୟାନରେ ଅନେଇଥାଏଁ । ପେଟରୁ କୋହ ଉଠିଲା । ପାଞ୍ଚଲେକେ ତ ଏଣୁ ତେଣୁ ପାଞ୍ଚ ପଦ କହିବେ—ଧୁରୁବା ବୋଉର ମୁହଁ ମୋଡ଼ା ଅଡ଼କୁ ଚାହିଁବ କାହିଁକି ?

ଫକୀରା ଅଇ ଟଙ୍କା ଦେବାକୁ ମଙ୍ଗୁ ନ ଥିଲା । ତା' ସାଙ୍ଗରେ କେତେ ଶୁଶ୍ରୂଷା ହେବାରୁ ହାର ବଳକ ରଖି କୋଡ଼ିଏଟା ଟଙ୍କା ଦଶଥର କରି ଗଣି ମୋ ହାତରେ ଦେଲା । ଏତିକିରେ କେତେ

ଦିନ ଘର  ଖରଚ ଚଳିବ ଚଳୁ !  ଯେତେ ଚାକର ଧରିଲେ ବି ଘଡ଼ା ଭର୍ତ୍ତି ହେବ ନାହିଁ । ପରଙ୍କ ପାଖରୁ ଉଧାର ଧାର କରି କଣ ଚିର ଦିନ ପେଟ ପାଟଣା ଚଳିବ ?

❊ ନଅ ❊

—ତାଙ୍କର ସେଇ ମଧୁମୟ ଓଠର  ସ୍ପର୍ଶ  ପାଇ ମୁଁ  ହରାଇ-ଥିଲି ମୋର  ବିବେକ ଜ୍ଞାନ ବୁଦ୍ଧି ।  କେଇ ଦିନ  ହେଲା ଶଚନ୍ଦ୍ର ବାବୁଙ୍କୁ ନ ଦେଖି ମୋର କ୍ଷୋଭ ହୁଏ ।  ବେଳେ ବେଳେ ଭଇଁ ଭଇଁ ହୋଇ  କାନ୍ଦ ଉଠେଁ ।  ଲୁଚ ଲୁଚି ଅଖିରୁ ଲୁହ ଗଡ଼ାଏଁ । ଦେହ ଉତ୍ପୃଟ ଲାଗେ । ଶଚନ୍ଦ୍ର ବାବୁ ଭେରୁ ମହୁମାଛି ପରି ପୁଷ୍ପିତା ସଞ୍ଜାରରୁ ମହୁ ପିଇ ସାରି କଣ ଦୂରେଇ ରହିଲେ ?

—ଝରକା ବାଟେ  ଆକାଶକୁ ଅନାଇ ବିରହିଣୀ  ଯକ୍ଷବଧୂ ପରି ତାଙ୍କ  କଥା ଭାବି  ଭାବି ଧୀର  ଗଳାରେ  ଗୋଟିଏ ଗୀତ ଗାଇଲି—

—ପ୍ରିୟ ମୋ ଗଲେ ଚାଲି        ବିରହ ଦେଇ ଖାଲି,
ମିଳନେ ମୋ ଦୁଇ ଅଖି ଅଭିମାନେ ଯିବ ଭରି ।
ତାଙ୍କ ସେ ସ୍ନେହ ଆଦର        ଅଙ୍ଗ ଲାଗେ ଗୁରୁଭାର,
ଯେ ଯାର ସେ ତାର ହେବ ତାଙ୍କୁ ନ ପାରିବ ଭୁଲି ॥

ତାଙ୍କର ଏ ଆଚରଣ      ହେଲା ବଡ଼ ବିଷମ,
ମନ କଥା ମନେ ମରେ ତାଙ୍କ କଥା ଭାଳି ଭାଳି ॥
ଦୂରେ ହେବାରୁ ଅନ୍ତର      ବଢ଼ଇ ଦହେ ଅନ୍ତର,
ହୃଦ ଦେଇଛି ସମର୍ପି      ସେଇ ମୋର ଗଳାମାଳୀ ॥

—ଦିନ ଦ୍ୱିପ୍ରହର ବେଳେ ଫିରି ଫିରି ବରଷା ହେଉଥାଏ । ମୋ'ରି ଶୋଇବା ଘରକୁ ଶରତ୍ ବାବୁ ପଶି ଆସିଲେ । ତାଙ୍କ ଡାକରେ ମୁଁ ଧଡ଼ପଡ଼ ହୋଇ ଉଠି ବସିଲି । ପ୍ରେମ ସ୍ୱଇଚ୍ଛରେ ଅଭିସାର କରିବାର ଯେଉଁ ଉଲ୍ଲାସ ଆନନ୍ଦ ସେ ଦିନ ପ୍ରାଣେ ପ୍ରାଣେ ଉପଭୋଗ କରୁଥିଲି ମୁଁ । ମନରେ ସାହସ ବାନ୍ଧି ତାଙ୍କ ଆଡ଼କୁ ଚାହିଁଲି ସିନା, ତାଙ୍କ ଆଖି ସାଙ୍ଗରେ ଆଖି ମିଳାଇ ପାରିଲି ନାହିଁ । ଲାଜରେ ମୁହଁ ତଳକୁ ହୋଇଗଲା । ତାଙ୍କୁ ଦେଖିଲେ କାହିଁକି ମତେ ଏତେ ଲାଜ ଲାଗେ ମୁଁ କହି ପାରିବି ନାହିଁ ।

—ସେଇ ମୁହୂର୍ତ୍ତକ ଚାହିଁବାରେ ଯାହା ଦେଖିଲି, ଏଇ ଦିନ କେଇଟାରେ ଶରତ୍ ବାବୁଙ୍କ ଦେହର ଶିରା ଫୁଟି ଯାଇଛି । ମୁଣ୍ଡ ବାଳ ନୁଖୁରୁ ଫୁରୁ ଫୁରୁ ଉଡୁଛି । ଦୁର୍ବଳ ଦେହ । କୋରଡ଼ କ ଯାଇ ଆଖି ଭିତରକୁ ପଶି ଯାଇଛି । ଆଖି ତଳେ କଳା ଦାଗ ପଡ଼ିଛି । ରୂପର ତେଜ ମଉଳିଛି । ମୁହଁରେ ଲମ୍ବା ଲମ୍ବା ଦାଢ଼ି ହୋଇ ଗଲାଣି । ହାତରେ ତିନି ରଙ୍ଗିଆ ଜାତୀୟ ପତାକା ଟେକିଛନ୍ତି । ଯାହାଙ୍କ ଅପେକ୍ଷାକୁ ଚାତକୀ ପରି ଅନେଇ ବସିଥିଲି, ତାଙ୍କୁ ଆଗରେ ଦେଖିଲି ଷଣି ସ୍ମୃତି ଥରି ଉଠିଲି ! କଣ କରିବି, କଣ କରିବି ହୋଇ କବାଟ କଣରେ ଲୁଚି ରହି କହିଲି—ତୁମର ତ ଚାଲପଣ ଘର ! ତୁମେ କଣ ଦୁଃଖରେ ଅଛ ଯେ କଂଗ୍ରେସ ସତ୍କାର ହେଲେ ସୁଖରେ ରହିବ ?

—ମୋ କଥା ସେ କାନକୁ ନେଲେ ନାହିଁ । ସତେଣାଠା ଯେପରି ସେମିତି କିଛି ବଡ଼ ନୁହେଁ । ଚଟ୍‌କିନା ମୋ ହାତ ଧରି ପକାଇ ହସି ହସି କହିଲେ—କିଛି ଦିନ ସବୁର କର—ଦେଖିବ, କଂଗ୍ରେସ ଆନ୍ଦୋଳନ କରି ନିଶ୍ଚୟ ଏ ଇଂରେଜ ସରକାରଙ୍କୁ ଘଉଡ଼ାଇବ ।

—ତାଙ୍କ ହସ ଦେଖି ଆନନ୍ଦରେ ମୋ ପେଟ ପୂରି ଉଠେ । ତାଙ୍କ ଡାହାଣ ହାତରେ ମୋ ବାଁ'ହାତକୁ ଧରି ଥାଆନ୍ତି । ଭାବଲି, ଏ ମଝେ ଏପରି ଓଁଠସ୍ ଘୋଷଣ୍ କରୁଚନ୍ତି । ବୋଉ କାଳେ ଦେଖି ପକେଇବ ? ସେଇ ଭୟରେ ମୋ ଛାତି ଧୁକୁଧୁକୁ ହେଉଥାଏ । ଦୁଆର କବାଟ ଦରଆଉଜା କରିଦେଲି । ହସ ହସ ହୋଇ ସେ କହିଲେ—ତମ ପାଖରେ ମୋର ଗୋଟାଏ ଅନୁରୋଧ ଅଛି ରଖିବ ?

—ହଁ କି ନା କଣ ଉତ୍ତର ଦେବି, ସେଇ କଥା ଭାବି କିଛି ଠିକ୍ କରି ପାରୁ ନ ଥାଏଁ । ଶେଷରେ ମୁହଁ ଫିଟାଇ କହିଲି, ତମେ ପାଠୁଆ ମଣିଷ ହୋଇ ଏ ସବୁ ବେସରମୀ କଥା କଣ ? କଂଗ୍ରେସରେ ମାତିଲ ଦିନଠାରୁ ତ ଖାଲି ବାଇଆ ଫକୀରଙ୍କ ପରି ବୁଲୁଚ ! ଖିଅ ନା ପିଅ କୋଉ କଥାରେ ଠିକ୍ ଠିକଣା ଅଛି ?

—ବୋଉ ଅଗଣା ମଝିରେ ଠିଆ ହୋଇ କହିଲା—ଶଚିନ୍ଦ୍ର ଆସିଥିଲେ, କୁଆଡ଼େ ଗଲେ କି ଝିଅ ?

—ସେ ଝଟକୁ ବାହାରି ଯାଇ ସୁନା ପିଲାଟି ପରି ବୋଉକୁ କହିଲେ—ଦେଖୁଚ ତ ମାଉସୀ ! ବସ୍ତ୍ର, ମତେ ଦେଖି କରି କବାଟ କଣରେ ଲୁଚୁଚି ? ଭାରି ଲାଜ ତ ଯ୍ବାର !

—ମୁଁ ଘର ଭିତରେ ଥାଇ ହସୁଥାଏଁ । ଆହା ! କେଡ଼େ ସାଧୁ ଲୋକ ମ ଇଏ ?

ବୋଉ କହୁଲା—ତମ ପାଖରେ ତାର ଏତେ ଲାଜ ସରମ କ'ଣ ?

—ଅଧିକାଂଶ ନେତା ଭାଷଣ ଗପଣ୍ଡ ହୁଅନ୍ତି । ତାଙ୍କ ମନକୁ ଯାହା ଆସିଲା ସେ ଗପିବାକୁ ଲାଗିଲେ—ଆମ ଦେଶର ଝିଅମାନେ ନାକ ଓଢ଼ଣା ଟାଣି ଲାଜ କରିବାକୁ ଶିଖନ୍ତି । ଭବିଷ୍ୟତରେ ଶାଶୁ ଘରକୁ ଯିବେ ବୋଲି କାନ୍ଦଣା ଶିକ୍ଷା କରି, ତା ପିଠା ପାନଭଙ୍ଗା ଆଦି ବାହୁନନ୍ତି । ଶ୍ୱଶୁର ଘରେ ଯାଇ କିପରି ବରର ଘର କରିବା ଯଦି ଶିଖି ଥାଆନ୍ତେ, କଳହ ସୃଷ୍ଟି ହୋଇ ଗାଁକୁ ଗାଆଁ ସୁନା ଘର ଭାଙ୍ଗି ଚୁନା ହେଉ ନ ଥାନ୍ତା ! ଏ ଯେଉଁ ପ୍ରାଚୀନ ପ୍ରବାଦ ଅଛି, ଭାଇ ଭଉଣୀ କେହି କାହାକୁ ଉପମା ଦେଇ କହନ୍ତେ ନାହିଁ । ବରଂ ଏଇ କଥା ସମସ୍ତଙ୍କ ମୁହଁରୁ ବାହାରନ୍ତା—

—ପୁଅ ଯେବେ ବାହାରିଲେ ସଙ୍ଗେ ଥିବ ଭାଇ !
ଦୁଗ୍ଧ ଖାଇ ମନ କଲେ ଘରେ ଥିବ ଗାଈ ।

—ବୋଉ କେବଳ ତାଙ୍କ କଥାରେ ହସୁଥାଏ । ତାଙ୍କ ବୋଉ ଆସି ଡାକିବାରୁ ସେ ଜଳଖିଆ ଖାଇବାକୁ ଚାଲିଗଲେ ।

× × × ×

—ଶଚିନ୍ଦ୍ର ବାବୁ ଯେଉଁ ଦିନ କଟକରୁ ଫେରିଲେ, ସେଇ ଦିନ ସଞ୍ଜ ବେଳେ ଆମ ଘରେ ଗୋଟାଏ ଗୋପନ କମିଟିର ଆୟୋଜନ କରି ଥାଆନ୍ତି । ମୁଁ ଆମ ଦାଣ୍ଡ ଦୁଆରେ ଜଗୁଆଳି ହୋଇ ବସିଥାଏଁ । କେଇ ଜଣ ବଡ଼ ବଡ଼ ସତ୍ୟାଗ୍ରହ ସଂଗଠକ କର୍ମୀ ଆସୁ ଥାଆନ୍ତି । ସଂକେତ ଥିବା କଥା ପଚାରି ସଠିକ୍ ଉତ୍ତର ପାଇଲେ ତେବେ ଯାଇ ସେମାନଙ୍କୁ ଅଗଣା ଭିତରକୁ ଛାଡ଼ୁଥାଏଁ । ଅଗଣା ଭିତରୁ ଶଚିନ୍ଦ୍ର ବାବୁଙ୍କ ପାଟି ଶୁଭୁଛି—ସତ୍ୟାଗ୍ରହର ସମସ୍ତ

ଜମୀ ଅସିଲେ କି ନାହିଁ ଜାଣିବାକୁ ଶଚନ୍ଦ୍ର ବାବୁ ତାଙ୍କ ନାଆଁ ଧରି ଡାକୁଚନ୍ତି । ପ୍ରଥମ ଡାକରେ ପଡ଼ିଲା—ଓଗାଇ ! ଖୁବ୍ ପଛରୁ ଉତ୍ତର ଅସିଲା—ଚଇତନ ପଧାନ ! ମଣ୍ଡାପୋଖରୀ ଡାକ ପଡ଼ିବାରୁ ସଭା ମଝିରେ ବସିଥିବା ଲୋକ ଜଣକ କହିଲା—ହଁ, ଦବାକର ଖୁଣ୍ଟିଆ, ହାଜର ଅଛୁ । ଏପରି ସମସ୍ତ ଗାଁ' ନାଆଁ ଧରି ଡାକୁଥାଆନ୍ତି—ଦଧିମାଛ ଗାଡ଼ିଆ, ରୁପାସ, ଗୋପ, ନିମାପଡ଼ା, ବାଗଲପୁର, ଅଗର ପଡ଼ା ପ୍ରଭୃତି ଡାକ ହେବା ପରେ ଦେଖାଗଲା—ଏ କମିଟିରେ ପ୍ରାୟ ସବୁ ଗାଆଁର ପ୍ରତିନିଧି ମାନେ ଉପସ୍ଥିତ ଅଛନ୍ତି । ଗୋପରୁ ଜଗନ୍ନାଥ ଜେନା କେବଳ ଆସି ନାହାନ୍ତି । ଶଚନ୍ଦ୍ର ବାବୁ ଘରର ଦୁଆର ମୁହଁ ଆଡ଼କୁ ବସି ଥାଆନ୍ତି । ଆଜି ସବୁ ସଭ୍ୟମାନେ ଭିନ ଭିନ ହୋଇ ବସିଛନ୍ତି ।

—କଂଗ୍ରେସ କମିଟିର ସହକାରୀ ସମ୍ପାଦିକା ରମା ପଟ୍ଟନାୟକ କହିଲେ—ଦେଶର ସ୍ୱାଧୀନତା ଆନ୍ଦୋଳନ ପାଇଁ କିଛି ନା କିଛି ଆମର କରିବା କର୍ତ୍ତବ୍ୟ । ସମୂହ ଚେଷ୍ଟା ବିନା ଏତେ ବଡ଼ ସତ୍ୟାଗ୍ରହ କାମ କରିବା ସମ୍ଭବ ନୁହେଁ । ଏଥିପାଇଁ ପ୍ରତ୍ୟେକ ସଭ୍ୟ ବନ୍ଧୁଙ୍କ ଠାରୁ ପରାମର୍ଶ ନିଆଯାଉ ।

—ଶଚନ୍ଦ୍ର ବାବୁ ଉପସ୍ଥିତ ସଭ୍ୟମାନଙ୍କୁ "ଭାଇ" ବୋଲି ସମ୍ବୋଧନ କରି କହିଲେ—ଆମର ଏଇ ପ୍ରତ୍ୟେକ ଗାଆଁ ଲୋକେ ଶାଗ ମୁଗ କରି କେତେ ଦୁଃଖ କଷ୍ଟରେ ଚଳୁଛନ୍ତି । ବର୍ଷକୁ ବର୍ଷ ଓଧାଇ ମରୁଡ଼ି ଲାଗି ରହୁଛି । ଖେତ ଧାନ କିଅସାରୁ ଅମାରକୁ ନ ଅସିବା ଯାଏ ମନରେ ଭରସା ନ ଥାଏ । ସାଧାରଣ ଗରିବ ଗ୍ରାମବାସୀ ମାନେ ଗୃହାନ୍ତି ମୁଠାଏ ଭାତ, ପିନ୍ଧିବା ପାଇଁ ମୋଟା ମୋଟା ଖଣ୍ଡିଏ ଲୁଗା ।

—ଦେଶର ମୂଳଦୁଅ ଚାଷୀ ମୂଲିଆ କୁଲି କପର ଅଭାବ-
ଅନାଟନରେ ସଡୁଛନ୍ତି, ଏ ଇଂରେଜ ସରକାରଙ୍କର ସେଥି ପ୍ରତି-
ଦୃଷ୍ଟି ନାହିଁ । ବରଂ ସରକାରୀ ଖଜଣା ଓ ନାନା ପ୍ରକାର ଟ୍ୟାକ୍ସ
ବୃଦ୍ଧି କରିବାରେ ଲାଗିଛନ୍ତି । କାହାର ପେଟ ମାସ ତ-
ତାହାର ସର୍ବନାଶ ହେଉଛି । ଗରିବ ମାନଙ୍କ ପିଲା କୁଟୁମ୍ବ କନ୍ଦ-
ବର୍ଗ ଭୋକ ଉପବାସରେ ସଡୁଥିବା ବେଳେ ଏଇ ସରକାରଙ୍କ
ସୁଯୋଗରେ ଅର୍ଥଲୋଭୀ ବଡ଼ ବଡ଼ ବ୍ୟବସାୟୀ, ଧନଲୋଭୀ ଧନୀ
ସାହୁ ଓ ଜମିଦାର ମାନେ ଗରିବଙ୍କୁ ସର୍ବସ୍ୱାନ୍ତ କରି ନିଜର
ଭୋଗ ବିଳାସ ସୁଖ ସମୃଦ୍ଧି ପାଇଁ ସବୁବେଳେ ବ୍ୟସ୍ତ ରହିଛନ୍ତି ।

—ଓଡ଼ିଆ ସ୍ୱାଧୀନ ବୀରଜାତିର ପଲ୍ଟଣ ପଡ଼ିଆ, ସାଆ-
ନ୍ତସ ଭିହ ଦଶହରାରେ ତରୁଆଲ ଖେଳ ପଡ଼ିଆ ମାନଙ୍କରେ
ଇଂରେଜ ସରକାରଙ୍କ ଅଫିସ୍, ଥାନା, କୋର୍ଟ କଚେରୀ ଘର ସବୁ
ତିଆରି ହେଲଣି, ତେବେ ବି ଆମ ହତଭାଗା ଜାତି ଚେତୁନି । ଏଇ
ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ଅତ୍ୟାଚାର ଦିନକୁ ଦିନ ବଢୁଛି ।

—ପାଶ୍ଚାତ୍ୟ ବିଦେଶୀୟ କୁଟନୀତି ଭାରତୀୟଙ୍କ ରକ୍ତ
ଶୋଷଣ କରୁଛି । ଏ ସମସ୍ତ ସମସ୍ୟାର ଏକମାତ୍ର ସନ୍ତୋଷ-
ଜନକ ସମାଧାନ ହେଉଛି ଆମ ଦେଶରେ ସ୍ୱାଧୀନତା ଘୋଷଣା
କରିବାକୁ ହେବ । ଦେଶର ଜନ ସାଧାରଣଙ୍କ ସଂଗଠନ ଶକ୍ତି
ବଳରେ ସରକାରୀ କୋର୍ଟ କଚେରୀ, ଥାନା ସବୁ ଦଖଲ କରିବାକୁ
ପଡ଼ିବ । ଯେତେ ଶୀଘ୍ର ଆପଣମାନେ ସଂଗଠନରେ ଲାଗି ପଡ଼ନ୍ତୁ ।

—ଶଚନ୍ଦ୍ର ବାବୁଙ୍କ ଡାହାଣ ପାଖରୁ ବସିଥିଲେ ନାରଣ
ଦାସ । ସେ ଏଇ ସ୍ୱାଧୀନ ଆନ୍ଦୋଳନରେ ହାସ ଜୀବନ ଧରି,
ଆହାର ନିଦ୍ରା ଭୁଲି, ଅକ୍ଳାନ୍ତ ପରିଶ୍ରମ କରି ଆସୁଛନ୍ତି । ଶଚନ୍ଦ୍ର
ବାବୁଙ୍କ କଥାକୁ ସମର୍ଥନ କରି ସେ ମନ୍ତ୍ର ଦେଇଗଲେ ।

—ସ୍ୱଦେଶୀ ଆନ୍ଦୋଳନ ଚଲୁ ଥିବାରୁ ସେ କେତେଥର ପୁଲିଶ ବାଲାଙ୍କ ଠାରୁ ମାଡ଼ ଖାଇଚନ୍ତି । ତା ସଙ୍ଗେ ବି ଅପମାନିତ ହୋଇଚନ୍ତି । କାକଟପୁର ଅଞ୍ଚଳ କର୍ମୀ ଜ୍ୟୋତି ବାବୁ କହିଲେ—ଶରତ୍ ବାବୁ ଯେଉଁ ବିପ୍ଳବ କଥା କହୁଚନ୍ତି, ତାର ଉଦ୍ଦେଶ୍ୟ ଧ୍ୱଂସ ନୁହେଁ । ସେଇ ବିପ୍ଳବର ଉଦ୍ଦେଶ୍ୟ—ଦେଶର ସ୍ୱାଧୀନତା ଆଣିବାର ଉଦ୍‌ବେଗ ଓ ଉଦ୍‌ଯୋଗ ।

—ଦେଶ ଜଣକର ନୁହେଁ—ଗଣଙ୍କର । ଜନ ସାଧାରଣ ହେଉଚନ୍ତି ଦେଶର ଗଣଦେବତା ! ଦେଶବାସୀଙ୍କ ଐକ୍ୟ ସଂଗଠନ କ୍ଷମତା ଉପରେ ନିର୍ଭର କରୁଚି ଦେଶର ସ୍ୱାଧୀନତା ପରାଧୀନତା ପାଶରେ ଆଉ କେତେ ଦିନ ଅବଦ୍ଧ ହୋଇ ରହିବା ? ଆମେ ଯେଉଁ ଦେଶରେ ଜନ୍ମ, ସେ ଦେଶକୁ ସ୍ୱାଧୀନ କରିବା ଆମର କର୍ତ୍ତବ୍ୟ ! ଏହା ଆମ ମାନଙ୍କର ଭୁଲିବାର ନୁହେଁ । ସଂଗଠିତ ହୋଇ ବିଦେଶୀ ଇଂରେଜଙ୍କୁ ଦେଶରୁ ବହିଷ୍କୃତ କରି ଜାତୀୟ ସରକାର ଗଠନରେ ଲାଗି ପଡ଼ନ୍ତୁ ! ଏହି ପ୍ରସ୍ତାବରେ ସମସ୍ତଙ୍କ ସମ୍ମତି ନେବା ପରେ ପ୍ରାୟ ସଢ଼ ଦଶଟା ବେଳକୁ ବୈଠକ ଭାଙ୍ଗିଲା ।

## * ଦଶ *

—ବୋଉ ଦେହ ଭଲ ନ ଥାଏ । ସେଇଥିରେ ସେ ଘୁସୁରି ଘୁସୁରି ସଞ୍ଜଦୀପ ଦେବାକୁ ମହାଦେବଙ୍କ ମନ୍ଦିରକୁ ଯାଇଚି । ମନ ତାହିଁକି ମୋର ଭଲ ଲାଗୁ ନ ଥାଏ । କଣ କରିବ କଣ କରିବ ହୋଇ ମୁଣ୍ଡ ବାନ୍ଧିବାକୁ ଗଲି ।

—ମୁଣ୍ଡ ବେଣୀଫିଟାଇ ଦର୍ପଣ ଆଗରେ ଠିଆ ହୋଇ ମୋର ଧଳପୁଷ୍ଟା ଯଉବନ ଜୁଆରିଆ ଦେହକୁ ଦେଖି ଚମକି ପଡ଼ିଲି । ମୃଗନାଭି ମୃଗ ଯେପରି ନିଜ ନାଭି କମଳ ସୁରଭି ଗନ୍ଧରେ ମୁଗ୍ଧ ହୋଇ ଅକୁଳରେ ଅନ୍ୱେଷଣ କରେ—କେଉଁଠୁ ଏ ଗନ୍ଧ ଆସୁଛି ? ମୁଁ ସେଇପରି ମନରେ ସବୁବେଳେ ତାଙ୍କର କଥା କଳ୍ପନା କରେଁ ।

—ମନଟା ଆଜି ଭାରି ବଡ଼ ଚଞ୍ଚଳ । ମୁଣ୍ଡ ବାନ୍ଧିସାରି ତାଙ୍କ ପାଖକୁ ଖଣ୍ଡେ ଚିଠି ଲେଖିବାକୁ ବସିଲି । ବୁକୁର ଅକୁହା ଉଦ୍‌ଗାରମ କଥା ଗୁଡ଼ାକ କିପରି ବା ଭାଷା ଦେବି ? ଏଇ ହେଲା ଭାବନା ।

—ସେ ହେଲେ ମୋ ନିଃସଙ୍ଗ ଜୀବନର ସାଥୀ । ସାଥୀ ଯେପରି ତାର ସାଥୀକୁ ମନ ଖୋଲି ସବୁ କହେ, ମୁଁ ସେପରି ସବୁ କଥା ତାଙ୍କୁ କହିବି ।

—ହଠାତ୍ ଏଇ ସମୟରେ ଘର ଭିତରକୁ ପଶି ଆସିଲେ ଶରଦ୍ ବାବୁ । ପଛ ପାଖରୁ ଲୁଚି ଲୁଚି ଆସି ମୋ ଲୁଗା କାନିଟା ଟାଣି ଦେଲେ । ମୁଁ ଚମକି ପଡ଼ି ପଛକୁ ଚାହିଁଲି—ଶରଦ୍ ବାବୁ ଦୁଷ୍ଟାମିର ହସ ହସୁଛନ୍ତି । ତାଙ୍କୁ ଦେଖି ମୋ ମୁହଁରେ ଲହଡ଼ି ମାରୁଛି ଆନନ୍ଦର ଏକ ଅଫୁରନ୍ତ ଦୀପ୍ତି ।

—ଶରଦ୍ ବାବୁଙ୍କ ଆଡ଼କୁ ମୁଗ୍ଧ ଦୃଷ୍ଟିରେ ଚାହିଁ ଅଭିମାନରେ କହିଲି—ତମେ ଭାରି ଇଏ······, ବଡ଼ ଅଭଦ୍ର ହେଇ ଗଲଣି !

—ମୋ ପିନ୍ଧା କାନିଟାକୁ ହାତରେ ଗୁଡ଼ାଇ ଧରି ଶରଦ୍ ବାବୁ କହିଲେ—ମତେ ଅବେଳରେ ଦେଖି ତମେ ଡରିଲ କି ? ଦିଅ ଛାତିରେ ଟିକିଏ ଛେପ ପକେଇ ଦିଅ ।

—ତାଙ୍କ କଥା ଥଟ୍ଟା ବୁଝି କହିଲି—ତମେ କେତେ ଜାଅଣା ମ ! ମୁଁ ଜାଣୁନ କାହିଁକି ତମେ ବାରମ୍ବାର ମୋର ମନେ ପକାଉଛ ।

—ଶରତ୍ ବାବୁ ନୀରବ ହୋଇ ସେ କଅଁଳ ହାତ ପାପୁଲି ଉପରେ ତାଙ୍କ ଅଙ୍ଗୁଠିରେ ଗାର କାଟିବାକୁ ଲାଗିଲେ । ତାଙ୍କ ପାଖରୁ ଅତେଇ ଉଠି ଠିଆହେଲି ; କହିଲି—ତମେ ବସ ! ବୋଉ ଆର ଘରେ ଜରରେ ବ୍ୟସ୍ତ ହେଉଛି, ମୁଁ ଟିକଏ ଦେଖି ଆସେ । ଏହା କହି ଆର ଘରକୁ ଗଲି । ବୋଉ ପିଠିକି ଆଉଜା ବସି ମୁଣ୍ଡ ଚାପି ଦେଉଛି—ଶରତ୍ ବାବୁ ବି ସେଇଠିକି ଗଲେ । ମୁଁ କହିଲି—
—ବୋଉ ! ଶରତ୍ ବାବୁ ଆଇଚନ୍ତି !

ଆଖିରେ ଲୁହ ଟଳ ଟଳ କରି ବୋଉ କହିଲା—କିଏ ଶରତ୍ ? ଆରେ ପୁଅ ! ଦୁଃଖର ସଂସାରରେ ଚଳିବାକୁ ହେଲେ ଧୈର୍ଯ୍ୟ ବିନା ଲୋଡ଼ା ! ଦରିଦ୍ର ସଂସାରରେ ସବୁ ଅଭାବ ହେବରେ ପୁଅ ! ସହଣୀ ଗୁଣର ଅଭାବ ହେଲେ ଚଳିବ କିପରି ?

ଦୁନିଆରେ ଆମେ ଏକା ଦୁଃଖୀ ଦରିଦ୍ର ନୋହୁଁ—ଆମର ପରି ଆଉ କେତେ ଅଛନ୍ତି । ସୁନା ପ୍ରତିମା ପରି ଝିଅ ମୋର, ରୂପ ତାର କଣ ହେଲାଣି । ସବୁବେଳେ ଅଭାବ ଚିନ୍ତା—ପେଟକୁ ମୁଠାଏ ଖାଇବାକୁ ମିଳୁନି । ବୋଉ ମୁହଁରେ ହାତ ଦେଇ ହସିଲି ମୁହଁରେ କହିଲି—ଭୁଲ ହଉନୁ ବୋଉ ! କାହିଁକି ଏତେ ବକୁଚୁ ? ଯାହା ତ ହେବାର ହେଉଛି ।

—ଶରତ୍ ବାବୁ ଦୃଷ୍ଟି ନୋଇଁଲେ ତଳକୁ । କେତେ ସାହସ କରି ସେ କହିଲେ—ମାଉସୀ ! ପୁଅ ବୋଲି ଯଦି ମନେ ଭାବିଛ, ପୁଅର କର୍ତ୍ତବ୍ୟ କରିବାକୁ ଅନୁମତି ଦିଅ !

ଚବାଉ ବ୍ୟସ୍ତ ହୋଇ କହୁଥିଲି—ନିଅଁ ଲଗା ଜୀବନଟା ମୋର ଖାଲି ଛଟପଟ ହଉଚିରେ ବାପ ! ପୂର୍ବ ଜନ୍ମରେ କି ପାପ କରିଥିଲି କେଜାଣି, ଏ ପିଣ୍ଡରୁ ଜୀବନ ଯାଉନାହିଁ । ଦିନେ ଦିନେ ଜ୍ୱରରେ ଅଜ୍ଞାନ ହୋଇ ପଡୁଚି, ପଥ୍ୟ ପାଣିନ ଦୂରର କଥା, ଔଷଧ ଟୋପାଏ ପାଇଁ ସୁଦ୍ଧା ଘରେ ପଇସାଟିଏ ନାହିଁ ।

—ଶଚନ୍ଦ୍ର ବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ—ତମେ ବ୍ୟସ୍ତ ହୁଅନି ମାଉସୀ ! ମୁଁ ଏଇନେ ଔଷଧ ନେଇ ଆସୁଚି ; କହି ଦାଣ୍ଡ କବାଟ ଅଉଜାଇ ନେଇ ସେ ଚାଲିଗଲେ ।

—ସଞ୍ଜ ବେଳକୁ ଶରଚନ୍ଦ୍ର ବାବୁ ଡାକ୍ତର ସାଙ୍ଗରେ ଆଣି ଆମ ଘରକୁ ଆସିଲେ । ଡାକ୍ତର ବୋଉ ଦେହ ନାଡ଼ୀ ପରୀକ୍ଷା କରି ଔଷଧ ଦେଲେ । ଦେହ ତାତିରେ ଖଇ ଫୁଟୁଥାଏ ।

—ଡାକ୍ତର ଚାଲି ଗଲାରୁ ସେ ମୋ ମୁହଁକୁ ଚାହିଁ ହସି କରି କହିଲେ—ବିଷ୍ଣୁପ୍ରିୟା ଦେଖ ! ଅଜି ରାତିକ ପାଇଁ ମୁଁ ତମ ଘରେ ଅତିଥି ହେଲି । ଆମ ଘରକୁ ଯିବାର ସୁବିଧା ନାହିଁ, ପୁଲିଶି ଆମ ଘର ଘେରାଉ କରି ରହିଚି ।

—ଏତେ ବଡ଼ ବିପତ୍ତି ବେଳେ ତାଙ୍କ ମୁହଁରେ ହସ ଦେଖି ମତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । କଣ କହିବି, କଣ କହିବ ଭାବି ତୁନି ହୋଇ ରହିଲି । ପୁନେଇ ଜହ୍ନର ତୋଫା ଆଲୁଅ ଅଗଣା ଚାରି ପାଖରେ ଝଟକି ହୋଇ ପଡ଼ିଚି । ଏତେ ଏତେ ଦୁଃଖରେ ଶରଚନ୍ଦ୍ର ବାବୁଙ୍କ ସାହାଯ୍ୟ ସହାନୁଭୂତି ମୁଁ କେବେ ଭୁଲିବି ନାହିଁ । ଦୁନିଆ ଅଦେଖା ଅଲୋଡ଼ା ଲୋକଙ୍କ ପରି ଚଳିବ, କିନ୍ତୁ ନାହିଁ । କେବେ ପରି ପାଣ୍ଡେ ଆଜି ପିଟିବାକୁ ଶୁଝିବେ ନାହିଁ । ଶରଚନ୍ଦ୍ର ବାବୁ ଗ୍ରିଘରେ ବସି ଆଣିଅଛି । ବୋଉକୁ ଆଲି ଖାଇବାକୁ ତାଙ୍କୁ ଖାଇବା

ପାଇଁ ଡାକିବାକୁ ଗଲି । ଏବୁଣ୍ଡି ତେଙ୍ଗ ସେ ଘର ଭିତରକୁ ପ...
ବାକୁ ଘୋଡ଼ ଚଳୁ ନ ଥାଏ । ବସିବାକୁ ଆସନ ପକାଇ ପାଣି
ଗିଲାସ ଭ୍ରାତ ଥାଳି ତାଙ୍କ ଆଗରେ ରଖିଦେଲି । ମନେ ଲାଜ ଲାଜ
ଲାଗୁଥାଏ । ମୁଁ ଲାଜ କରୁଛି ବୋଲି ବୋଧ ହୁଏ ତାଙ୍କୁ ଭଲ
ଲାଗିଲା ନାହିଁ । କେତେ ଖାଲିଠାଙ୍କ ଭଳି ମୋ ମୁହଁକୁ ଟେକି ଧରି
କହିଲେ—

—ମୋ ପାଖରେ ତମର ଏତେ ଲାଜ କାହିଁକି ?

—ମନକୁ ମନ ହସେ, ଯଦି ବା ଲାଜ ଲାଜ ଲାଗୁଥିଲା,
ମନେ ମୁହଁ ଖୋଲି କହିବାକୁ ପଡିଲା । ପର ଝିଅ ସାଙ୍ଗରେ
ବେସରମ କଥା କହିବାଟା କଣ ଅଭଦ୍ରାଙ୍କର କଣିବ୍ୟ ?

—ସେ ହସି ହସିକା ମନେ ଟାଣି ନେଇ ତାଙ୍କ କୋଳରେ
ଆଜାଡ଼ି ବସାଇଲେ । ଦେହରେ ମୋର ସେତେବେଳେ ଟିକିଏ
ହେଲେ ବଳ ନ ଥିଲା । ତାଙ୍କ ହାତର ଛୁଆଁ ଲାଗି ମୋ ଦେହ
ଅବଶ ହୋଇ ପଡ଼ିଲା । ତାଙ୍କୁ ଠେଲି ପେଲି ପଳେଇ ଆସିବାକୁ
ଭାବୁଥାଏ, କେତେବେଳ ଯାଏଁ ତାଙ୍କ ଆଲିଙ୍ଗନ ଭିତରେ ରହିଲି
ମୋର ଖିଆଲ ନାହିଁ ।

—ଦିପହର ଶଚନ୍ଦ୍ରବାବୁଙ୍କ କୋଳରେ ମୁଣ୍ଡଦେଇ ଶୋଇଥିଲି,
ତାଙ୍କ ଖାଇବା ବେଳର ଘଟଣା, ଏ ସବୁ ବୋଉ ଆଗରେ କହି-
ବାକୁ ପାଟି ଖାଲି ଖାଲି ହେଉଥିଲା, କିନ୍ତୁ ଲାଜରେ ପଡ଼ି କହି
ପାରିଲି ନାହିଁ ।

—ବଣିଆ ମହାପାତ୍ର ବାଙ୍ଗର ହୋଇ ମଣିଷ ଖଣ୍ଡେ, ଆମ
ଗାଁ ଭିତରେ ସେ ଭଗ୍ନ ଟାଉଟରିଆ ମାମଲାବାଜି ଲୋକ । ପାଞ୍ଚ
ଦେଇ ପଚଣି ଅଧ୍ୟାୟ କରିବ । ଗରିବ ଗୁରୁବାଙ୍କ ତଣ୍ଟି ଚିପି ସେ
ଗାଁରେ ଧନୀ ମହାଜନ । ଗ୍ରାମଠା ପଣ ତା ପାଖରୁ ସବୁ । ସେ

ସେ ଗୁପ୍ତଚରଗିରି କରି ଗାଁର ସବୁ ଖବର ଡ଼ି, ଏସ୍, ପି, ଶମ୍ଭୁ ବାବୁଙ୍କୁ ଦେଉଛି ।

—ବୋଉ ସାଙ୍ଗେ ଶଚନ୍ଦ୍ର ବାବୁ କଣ ପଦେ ପଦେ କଥା-ବାର୍ତ୍ତା ହେଉ ଥାଆନ୍ତି । ତାଙ୍କ କଥା ମୋ କାନରେ ପଶିଲେ ମଧ୍ୟ ମନରେ ମୋଟେ ପଶୁ ନ ଥିଲା । ବୋଉ କଥା ହଠାତ୍ ମୋ କାନରେ ପଡିଲା । ବୋଉ କହୁଥାଏ—

—ବାପରେ ! ମୁଁ ଏତେ କଣ ଖୋଲି କରି କହିବି ? ଆଜିଯାଏଁ ମୋର ବସ୍ତୁ ପ୍ରିୟାର ତ ପିଲା ବୁଦ୍ଧି ଗୁଡ଼ନାହିଁ । ମୋର ବେଳ ଭଲ ହୋଇ ଯିବାକୁ ଆଉ ବେଶୀ ଡେରି ନାହିଁ । ଏଥର ବସ୍ତୁ ପ୍ରିୟା ଉତେ ଲାଗିଲାରେ ବାପ !

—ମୁଁ ସେଇ ଦିନ ବୋଉର ମନ କଥା ବୁଝି ପାରିଲି । ସେ ଆମ ଦୁହିଙ୍କ ଭିତର ମର୍ମ କଥା ବୁଝି ପାରିଛି । ସେଇଥି ପାଇଁ ଆମ ହସ କଉତୁକ ଖୁସିବାସିଆ ମିଳାମିଶାରେ ସେ ବାଧା ଦେଉ ନ ଥିଲା ।

—ବୟସ ତା ସମସ୍ତ ବେଳ ସାର୍ଥକତା ଖୋଜେ । ଶଶାଙ୍କ ବାବୁ ଆମ ଘରେ ଅଛନ୍ତି ବୋଲି କି, ତାହାଙ୍କ ବେଳାଣି, ମନରେ ମୋର ବାରମ୍ବାର ଗୋଟାଏ ପୁଲକ ଜାଗୁଛି । ଯେତିକି ମନକୁ ମନ ସଂଯମ ହେବାକୁ ଯାଉଛି, ସେତିକି ବେଶୀ ଅସଂଯମର ଭାବ ବଢୁଛି । ମୁଁ ମୋ ଶୋଇବା ଘରେ ଶୋଇଥାଏ । ଛାତି ଧୁକୁଧୁକୁ କରୁଥାଏ—ସେ ଯଦି ଆସି ମୋ ଶୋଇବା ଘରେ ପଶନ୍ତି, କଣ କହି ତାଙ୍କୁ କପଟ ମନା କରିବି ?

—ସତକୁ ସତ, ଅଉଜା ଥିବା ଘର କବାଟକୁ ମେଲାଇ ସେ ମୋ ପାଖରେ ଆସି ଠିଆ ହେଲେ । ବୋଉ ସେତେବେଳକୁ ଶୋଇଥାଏ କି ନା, ମୁଁ ଜାଣି ନାହିଁ । ମଝିରେ ମଝିରେ ଆଖି

ମେଲାଇ ଅନାଉଥାଏ, ସେ ଖାଲି ଇତସ୍ତତଃ ହେଉ ଥାଆନ୍ତି ମୋ ପାଖରେ ବସିବାକୁ । ସେ ଅସ୍ତେ ଅସ୍ତେ ହାତ ଆଣି ମୋ ମୁହଁ ଉପରେ ରଖିଲେ । ମତେ ବଡ଼ ଖରାପ ଲାଗୁଥିଲା, ଉତ୍ତାଳ ଭାବନାରେ ପଡ଼ି ମନେ ମନେ ଭାବୁଥିଲି—କଣ କରିବି, କଣ କହିବି ସ୍ୱାମୀଙ୍କୁ ? ମୁଁ କଡ଼ ଲେଉଟାଇ ଶୋଇଲି, ସେ ଅଙ୍ଗ ପ୍ରତ୍ୟଙ୍ଗରେ ମୋର ଶତ ଉନ୍ମାଦନାର ଢେଉ ଖେଳାଇ ଦେଲେ ।

—ସେ କଥା ମଲା ପର୍ଯ୍ୟନ୍ତ ମୋ ମନରୁ ଭୁଲି ହେବ ନାହିଁ । ମୁଁ ବେଳେ ବେଳେ ଅରୁଣଙ୍କ ପରି ଭାବେ—ଭଗବାନ ମଣିଷ ମନରେ ଭଲ ପାଇବାର ଏ ସ୍ୱତଃପ୍ରବୃତ୍ତି ଦେଲେ କାହିଁକି ?

—ଏଇ ପ୍ରବଳ ଆକର୍ଷଣ ପ୍ରତିଆକର୍ଷଣ ମଧ୍ୟରେ ଆମେ ଦୁହେଁ ଚିରଜୀବନ ପାଇଁ ନିକଟରୁ ଅତିର ନିକଟତର ହେବାକୁ ଇଚ୍ଛା କରୁଥିଲୁଁ । ସୂର୍ଯ୍ୟଙ୍କର ପ୍ରିୟବାନ୍ଧବୀ ପଙ୍କରେ ଫୁଟିଥିବା ପଦ୍ମିନୀ ପରି, ଏକ ପ୍ରାଣ ଏକ ଲୟରେ ମୋର ଭଲ ପାଇବା ଅଜାଡ଼ି ଦେଇଥିଲି ତାଙ୍କର ଶ୍ରୀଚରଣ ତଳେ । ତାଙ୍କ ଦେହର ପରଶ ମୋ ପକ୍ଷରେ ସ୍ୱର୍ଗର ସୁଧା ପରି ପ୍ରତୀୟମାନ ହେଉଥିଲା । ତଥାପି ମୋର ଦୁର୍ବଳତାକୁ ସର୍ବଦା ଘୋଡ଼ାଇ ରଖିବାକୁ ମୁଁ ଯତ୍ପରୋନାସ୍ତି ଚେଷ୍ଟା କରୁଥିଲି । ମୋ ଦେହକୁ ଲାଗି ବସି ପଡ଼ି ସେ କହିଲେ—

—ତମକୁ ସ୍ପର୍ଶ କରିବାର ଅନୁମତି ମିଳୁ !

—ତାଙ୍କ କଥାରୁ ମୁଁ କପଟ [illegible] ଅନୁଭବ କଲି । ଅବାକାବା ହୋଇ ତାଙ୍କ ମୁହଁ ଅଡ଼କୁ ଚାହିଁଲି । ସେ ଖୁବ୍ ଧୀରେ ଧୀରେ ହସୁଥିଲେ । ସେତେବେଳେ ମନରେ ମୋର ଏପରି ଗର୍ବ [illegible] [illegible] ଅନୁଭବରେ [illegible] [illegible] [illegible] [illegible]

ନେତାମାନେ ପରା ମହାନ ତ୍ୟାଗୀ ହୁଅନ୍ତି ; ତମେ ଏମିତକା ସ୍ୱେଚ୍ଛା ବିଦ୍ୟା କେଉଁଠୁ ଶିଖିଲ ? ନୈତିକତା ହେଉଚି ପରା ନେତାଙ୍କର ବଡ଼ ଗୁଣ ?

—ଅଳ୍ପ ଖୋଲୁ ଖୋଲୁ ମହାଦେବ ବାହାରିଲେ । ମୋ ଭିତରୁ ପଦେ ବାହାରିଲେ ସେ କେଉଁଠୁ କୋଉପାଏଁ କଥା ମେଲାଇ ବସନ୍ତି । କେଉଁଠି ତାଙ୍କର ଏତେ କଥା ଥିଲା କେଜାଣି, ସେ ସବୁ ଗପି ବସିଲେ ।

—ଯେପରି ଆମ ଦେଶରେ କେତେଗୁଡ଼ାଏ ନେତା ଅଛନ୍ତି, ଶସ୍ତାରେ ନେତାଗିରି କରି ଦେଶ ଓ ଜାତିର ଅଧଃପତନ କରୁ-ଛନ୍ତି । ଯେଉଁ ଦେଶ ଜନନାୟକଙ୍କର ଆଦର୍ଶର ସଂଯମତା ନାହିଁ, ସେ ଜାତି ଯେତେ ବଡ଼ ହେଉନା କାହିଁକି, ମଣିଷ ଭଳି ମୁଣ୍ଡ ଟେକି ପାରିବ ନାହିଁ । ଏ ପାଇଁ ପ୍ରେରଣା ଯୋଗାଇବାକୁ ସ୍ତ୍ରୀ-ପୁରୁଷ ଉଭୟଙ୍କର ଉଭୟଙ୍କୁ ଲୋଡ଼ା । ଦେଶବାସୀଙ୍କୁ ନେତୃତ୍ୱ ଦେବାକୁ ହେଲେ ତ୍ୟାଗୀ ଗୋପବନ୍ଧୁ, ଗୋଦାବରୀଶ କିମ୍ବା ଶୁଖିଖୁଣ୍ଟିଆ, ଚନ୍ଦନ ହଜୁରୀଙ୍କ ପରି ଅଦମ୍ୟ ସାହସରେ ଉଦ୍ୟମନା ହେବାକୁ ପଡ଼ିବ । ତେବେ ସେ ନେତା ଦେଶ ଲୋକଙ୍କର ନମସ୍ୟ ହୋଇ ରହିବେ । ଜାତି ତାର ଭକ୍ତି ଅର୍ଘ୍ୟ ନିବେଦନ କରିବ ହୃଦୟର ଅଗୁରୁ ଚନ୍ଦନ ଦେଇ ।

—ସେତେବେଳେ ତାଙ୍କୁ ଗପିବାକୁ ସମସ୍ତ ଅଣ୍ଟୁ ନ ଥିଲା । ମତେ ଯେପରି ଲାଗୁଥାଏ, କେଉଁ ରୂପକଥା ଦେଶର ରାଜକୁମାରୀ ଅସି ପାଖରେ ବସି କେତେ ସ୍ନେହରେ ଗଳ୍ପ ଶୁଣାଉଚନ୍ତି । ଯେତେ ଦିନଯାଏଁ ଦେଶରେ ଲୋକଙ୍କର ଭୋକିଲା ଅଭାବ ଓ ଅନ୍ୟାୟ ଶୋଷଣ ରହିଥିବ, ଦେଶରେ ସେତେଦିନ ଯାଏଁ ଅଶା-ନ୍ତିର ନିଆଁ ଜଳୁଥିବ ।

—ପୁରୁଷ ଓ ନାରୀ ସବୁକ୍ଷେତ୍ରରେ ସମାନ ଅଧିକାରୀ । ଆଦର୍ଶ ସମାଜ ଗଠନରେ ନାରୀମାନଙ୍କର ବେଶୀ ଦାୟିତ୍ୱ ରହିଛି । ନାରୀ କେବଳ ପୁରୁଷର ପ୍ରେମାଭିଳାଷିଣୀ ନୁହେଁ । ତା'ର ସୁନ୍ଦରଅ ରୂପ ଯୌବନ ଦେଖାଇ ପୁରୁଷକୁ ପ୍ରଲୁବ୍ଧ କରିବା କଥାଟା ଭାବିବା ଉଚିତ ହେବ ନାହିଁ ।

—ତାକୁ ଝାନ୍‌ସୀରାଣୀ ହେବାକୁ ହେବ କିମ୍ବା ଶ୍ରୀଲ ଦେଈଙ୍କ ପରି ଶକ୍ତି ସ୍ୱରୂପିଣୀ ମା' ଭଳି ଦେଶପାଇଁ ଜୀବନକୁ ଜଳାଞ୍ଜଳି ଦେବାକୁ ତାଙ୍କର କର୍ତ୍ତବ୍ୟ ବୋଲି ଭାବିବା ଉଚିତ । ଦେଶ ଓ ଦଶଙ୍କ ମଙ୍ଗଳ ପାଇଁ ତାକୁ ହେବାକୁ ହେବ ଦେଶସେବିକା । ଦରିଦ୍ର ନାରାୟଣ ସେବା ଶ୍ରେଷ୍ଠ କର୍ତ୍ତବ୍ୟ ବୋଲି ଭାବିବା ଉଚିତ ।

—ତାଙ୍କ ପାଖରୁ ଟିକିଏ ଅଲଗା ହୋଇ ବସି ଅଭିମାନରେ କହିଲି—ତମେ ନିଆଁ ଗିଳିବାକୁ କହିଲେ, ମୁଁ ନିଆଁ ଗିଳି ପାରିବି ନାହିଁ । ମୋ ଉପରେ କାହାର କଣ ଜୋର ଅଛି ? ମୋର ମନରେ ବଡ଼ ଭାବନା ହୋଇ ପଡ଼ିଛି । ଆଜି ରାତିରେ ତମେ ଆମ ଘରେ ଅଛ, ଏ କଥା ଟା ମାଇପେ ଜାଣିଲେ ତିଳକୁ ତାଳ କରି ବସିବେ । ଅଶିଠିରିକା ମାରି ସମସ୍ତେ ଠାଇ ଠାପରି କରିବେ ।

—ଅଉ କିଏ କହିବ—ଲୋକ ଦେଖାଣିଆକୁ ମହାନ୍ତିଘର ଶଚୀନ୍ଦ୍ର ସିନା ପୁଲିଶବାଲା ଧରି ନେବେ ବୋଲି କହି ଲୁଚି ଲୁଚି ବୁଲୁଛି ; ସବୁ ଦିନ ପରି ରାତିଅଧିଆ କାରବାର ସେମାନଙ୍କର ଚାଲିଛି ।

—ଶଚୀନ୍ଦ୍ର ବାବୁ ଟିକିଏ ବିଚଳିତହୋଇ ପଡ଼ିଥିଲେ । ଅନ୍ୟ-ମନସ୍କ ହୋଇ ସେ କହିଲେ—

—ମୁଁ ତମ ସାଙ୍ଗରେ ଥଟ୍ଟା କରୁନାହିଁ । ଜାତିର ନିର୍ମାତା ହେଉଛି ନାରୀ ; ପୁରୁଷ ନୁହେଁ ।

—ହଠାତ୍ ଅଗଣାରେ ଗୋଟାଏ ଆଲୁଅ ପଡ଼ିବାର ଦେଖି-ପାରି ଚମକି ପଡ଼ିଲି । ଦୁଆର ମୁହଁଯାଏ ଆସି ପୁଲିଶିବାଲାଙ୍କୁ ଦାଣ୍ଡରେ ଦେଖି, ଛାତି ମୋର ଖଣି ମାରିଗଲା । ହାତ ଠାରି ଶଚନ୍ଦ୍ର ବାବୁଙ୍କୁ ଡାକି ତୁନି ତୁନି କରି କହିଲି—ପୁଲିଶି ଆସିଛି ; ତମେ ଚଞ୍ଚଳ ପଳାଅ ଶଚନ୍ଦ୍ର ବାବୁ ! ନୋହିଲେ ପୁଲିଶି ତମକୁ ଧରିନେବେ ।

—ସେ ଥରବର ହୋଇ ଜାମିଜା ଖଣ୍ଡେ ପିନ୍ଧି ପକେଇ, ବସିବାଠାରୁ ଉଠି ପଡ଼ି ଥରଙ୍ଗ ଥରଙ୍ଗ ହୋଇ କହିଲେ—

—ପୁଲିଶି ଯଦି ମୋ କଥା ପଚାରେ, ତାଙ୍କୁ ମୁଁ ଏଠି ଥିଲି ବୋଲି କୌଣସି କଥା କହିବ ନାହିଁ । ଖୁବ୍ ସାବଧାନରେ ରହିବ ବିଷ୍ଣୁପ୍ରିୟା !

—ବାଡ଼ିଦୁଆର କବାଟ ଫିଟେଇ ଶଚନ୍ଦ୍ର ବାବୁ ଚାଲିଗଲେ । କଟିକଟିଆ ଅନ୍ଧାର ; ନ' ନୁଆଣି ପାଣି ; କିଆ ଗହିର ବାଟ । ବାଡ଼ି କବାଟ ବନ୍ଦ କରି ଆସି ସେଜ ଉପରେ ବସି, ଖାଲି ଭାବୁଥିଲି ତାଙ୍କରି କଥା । ସେତେବେଳକୁ ଆମ ଦାଣ୍ଡଦୁଆର ଯାଏ ପୁଲିଶିବାଲା ଆସି ଗଲେଣି । ପୁଲିଶିବାଲାଙ୍କ ବୁଟର ଶବ୍ଦ ଶୁଭୁଥାଏ । ଦାଣ୍ଡ ମଝିରେ ଗାଡ଼ି ଠିଆ କରାଇ କିଏ ଜଣେ ସାହେବ ଟୋପି ପିନ୍ଧା ବାବୁ, ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ସାଙ୍ଗେ ସାଙ୍ଗେ ଗାଁଟା-ଯାକ ହଲଚଲ ପଡ଼ିଗଲା । ଆମ ଗାଁକୁ ଚଉକିଆଟାଏ ଆସିଲେ ଲୋକେ ହନ୍ତଚନ୍ତ ହୋଇ ଯାଉଥିଲେ । କଂଗ୍ରେସ ଆନ୍ଦୋଳନ ହେଲା ଦିନଠାରୁ ସେ ଭୟ ଆଉ ନାହିଁ । ବନ୍ଧୁକଧାରୀ ପୁଲିଶି ପରେ ଆମ ଘରି ଘୁରିପିଟି ଘେରାଉ କରି ପହଁରା ମାରୁ ଥାଆନ୍ତି । ଆମ ଦାଣ୍ଡ-ଦୁଆର ମୁହଁ କବାଟକୁ ବାଡ଼େଇ, ଟୋପିବାଲା ବାବୁ ଜଣକ ଡାକିଲା—ଏ ଘରେ କିଏ ଅଛ, ଟିକିଏ ବାହାରକୁ ଆସିଲ !

—ନାଲି ପଗଡ଼ିଆମାନଙ୍କୁ ଦେଖି ମୋ ଛାତିରେ ଚମକ ଲାଗିଲା । ଦେହଟା ମୋର ବରଡ଼ାପତର ପରି ଥରୁଥାଏ । ଭୟରେ ଭୟରେ ବୋଉ ପାଖକୁ ଦଉଡ଼ି ଗଲି । ପୁଲିସବାଲା ଶଚନ୍ଦ୍ର ବାବୁଙ୍କୁ ଧରି ନେବାପାଇଁ ଆସିଚନ୍ତି—ବୋଉକୁ ଏ କଥା କହି-ଲାରୁ ବୋଉ ଡର ଡରକା ଥରେଇ ଥରେଇ କହିଲା—

—ପୁଲିସବାଲା ଆସିଲେ ଆସନ୍ତୁ, ତାଙ୍କ ଇଚ୍ଛା ! ଯାହା କରିଲେ କରନ୍ତୁ ପଛକେ, ଆମର ଏଥିରେ କଣ ଦୋଷ ?

—ସେତିକି ବେଳେ କବାଟରେ ଶାବଳ ଭିଡ଼ ମାରିଲା ପରି ଦୁମୁକା ଶବଦ ଶୁଭୁଥାଏ । ଭୟରେ ଆମେ ମାଆ ଝିଅ ଦୁହେଁ ଘର ଭିତରେ ବସିଥାଉଁ । ଦାଣ୍ଡ କବାଟ ଭାଙ୍ଗି ଚାରିଜଣ ପୁଲିସ ବାବୁ ବୋଉ ଆଉ ମୁଁ ଯେଉଁ ଘରେ ବସିଥିଲୁ, ସେଇ ଘର ଭିତରେ ପଶି ଗଲେ । ତାଙ୍କ ଭିତରୁ ଜଣେ ପୁଲିସ ମତେ ପଚାରିଲା—

—ମୁଁ ତମକୁ ଗୋଟାଏ କଥା ପଚାରିବି, ସତ କଥା କହିବ ?

—ଆଖି ଲୁହ ହାତରେ ପୋଛି କହିଲି—କଥାଟା କଣ କହୁ ନାହାନ୍ତି ?

—ଡି. ଏସ୍. ପି. ବାବୁ ଜଣେକ ମୁରୁକି ହସି କହିଲେ—କଥା କଣ କି ; ଆଜି ସଞ୍ଜରେ ଶଚନ୍ଦ୍ର ମହାନ୍ତି ତମ ଘରେ ଯେ ରହିଥିଲେ, ଗଲେ କୁଆଡ଼େ ?

—ପେଟ ଭିତରୁ କୋହ ଉଠିଲା, ବୋଉ ମୁହଁ ଅଡ଼କୁ ଅନେଇ ରହିଲି । ୟାଙ୍କୁ କଣ ଉତ୍ତର ଦେବି ଭାବି, ଭରସି କରି କିଛି କହି ପାରିଲି ନାହିଁ । ଆଉ ଆମର ଅନ୍ୟାନ୍ୟ ଘର ସବୁ ଖୋଜା ଖୋଜି କରି ଆସି, ଗୋଇନ୍ଦା ପୁଲିସ ବୋସ ବାବୁ

ସେମାନଙ୍କ ଆଗେ କହିଲେ—ସେ ସମସ୍ତ ଘରେ ସେ ନାହିଁ ; ନିଶ୍ଚୟ ସେ ଏଇଠୁ ଖସି କୁଆଡ଼େ ପଳେଇ ଯାଇଛି ।

—ଆମ ଘର ଗଣ୍ଡଗୋଳ ଖବର ଶୁଣି ପାରି ଶଚିନ୍ଦ୍ର ବାବୁ ରୋଜ ଆମ ଘରକୁ ଆସି ଥାଆନ୍ତି । ସେ ମଧ୍ୟ ଆଜି କେତେଥର ଆମ ଘରକୁ ଆସିଚନ୍ତି, ଯାଇଚନ୍ତି । କିନ୍ତୁ ଆମର ବିପଦ ବେଳେ ଆଜି ଆସିଥିବାରୁ ମତେ ବଡ଼ ଲାଜ ଲାଗୁଥାଏ । ସେ ଅଚ୍ଛା ଅଚ୍ଛା ଲୋକଙ୍କ ମୁହଁ ଉପରେ ଜବାବ ଦେଇଦେବେ । ମାଇପିଠାଏ ବସି, କମିଛ ଧଇର୍ଯ୍ୟ ଧରି ଦାରୋଗା ବାବୁଙ୍କୁ କହିଲେ—

—ଦେଖୁଚ ତ ବାବୁ, ସେ ଏଇଠି ନାହିଁ !

—ଠୋକା ଠୋକା ପୁଲିଶ ସିପାହୀଗୁଡ଼ାକ କେଡ଼େ ଖରାପ ! ବାରମ୍ବାର ମୋ ମୁହଁକୁ ଚାହିଁ କରି ହସୁ ଥାଆନ୍ତି । ଡମ୍ପ ସାପ ଭଳି ଫଁ ଫଁ ହୋଇ ଦାରୋଗା ବାବୁ ମାଉସୀଙ୍କୁ କହିଲେ—

—ଏଇ କିଛି ସମୟ ଆଗରୁ ସେ ଏଇଠି ଥିଲା ; ତାକୁ କେଉଁଠି ଲୁଚେଇଚ ତୁମେମାନେ !

—ଦାରୋଗା କଥାମାନ ନିଆଁ ବାଣ ପରି ମୋ ଦେହରେ ଭେଦୁଥାଏ । ମଲା ମୋର ! ଏ ଦାରୋଗାଟା କେଡ଼େ ବଦମାସୀ ଲୋକ ? ମନରେ ଭାରି ଡରି, ରହି ରହି କହିଦଏ—ଘର ଦୁଆର ତ ସବୁ ଦେଖିଲେ ; ଆମେ କଣ ଆଜି ତାଙ୍କୁ ଭାତ ହାଣ୍ଡି ଭିତରେ ଲୁଚେଇ କରି ରଖିଚୁ ?

—ମୁଣ୍ଡ ଟୁଙ୍ଗାରି ମୁହଁ ଭେକୁଣ୍ଡା କରି, ଇନ୍‌ସପେକ୍ଟର ବାବୁ କହିଲେ—ଅସଲ କଥା, ସେ ଗଲେ କୁଆଡ଼େ ; ତାଙ୍କୁ ଲୁଚେଇଚ କଣ ପାଇଁ ? ଏ ପାଇଁ ତମମାନଙ୍କୁ ହଇରାଣ ହେବାକୁ ପଡ଼ିବ ।

—କେଉଁ ଠାଣ ମୁହଁରେ କେଉଁ ଦମ୍ଭ ଛାତିରେ ସରକାରୀ ହାକିମଙ୍କ ଆଗରେ ମିଛ କହିବାକୁ ଯିବ ? ଭବିଷ୍ୟତରେ ଆମର

ଅମଙ୍ଗଳ ଅଶଙ୍କା କହୁଛନ୍ତି ଭାବି, ତାଙ୍କ ଧମକାଣି ସତର୍କ କଥାରେ କୌଣସି ଉତ୍ତର ଦେଇ ନାହିଁ । ଇନ୍‌ସପେକ୍‌ଟର ବାବୁ ଜଣକ ଭାରି ରାଗି ଯାଇ ଥାଆନ୍ତି । ସେ ସାମାନ୍ୟ ଅଧୈର୍ଯ୍ୟ ହୋଇ କହିଲେ,

—ତେବେ ସୟତାନଟା ଏଇଠୁ ପଳାଇ ଯାଇଚି ତା' ହେଲେ ?

—ମୁଁ ଶଚିନ୍ଦ୍ର ବାବୁଙ୍କ କୋଳକୁ ଗୋଟାପଣେ ଲୁଣ୍ଠାଇ ଧରି ଭେ ଭେ ହୋଇ କାନ୍ଦୁଥାଏ । ମତେ ସେ ଖୁବ୍ ଭଲ ପାଆନ୍ତି । ଆମର ଦୁଃଖରେ ତାଙ୍କ ଆଖିରୁ ଗଡୁଥିଲା ଲୁହ । ସେତିକିରେ ମନରେ ଛପିଲା ବ୍ୟଥା ସେ ଧୋଇ ଦେଉଥିଲେ । ବାତ୍ସଲ୍ୟ ସ୍ନେହମୟୀ ଦେବୀପ୍ରତିମା ଭଳି ତାଙ୍କ ସ୍ୱଭାବ ଚରିତ । ଝରଣା ପାଣି ପରିକା ଅତି ନିର୍ମଳ ତାଙ୍କର ମନ, ଗଙ୍ଗାପାଣି ପରି ବ ଅତି ପବିତ୍ର ।

ପଣତରେ ମୁହଁ ଘୋଡ଼େଇ ହୋଇ ମାଉସୀ କହିଁ କହି କାନ୍ଦୁଥାଆନ୍ତି । ମୋ ଆଖିରୁ ଲୁହ ବହି ଯାଉଥାଏ । ମତେ ଏପରି ଲାଗୁଥାଏ—ଦେହରେ ମତେ ଯେପରି ଆଜି ମୋର ଜୀବନ ନାହିଁ । ଝାଳରେ ଦେହସାରା ଓଦା ।

—ଇନ୍‌ସପେକ୍‌ଟର ଆମ ଦୁହିଁଙ୍କୁ ଡାକି ନେଇ, ଥାଣ୍ଡ୍ରି ମହିରେ ଡି. ଏସ୍. ପି.ଙ୍କ ଆଗରେ ଠିଆ କରାଇଲେ । ଡି. ଏସ୍. ପି. ବାବୁ ଜଣକ ଭାରି ଶାନ୍ତଶିଷ୍ଟ ମଣିଷଙ୍କ ଭଳି ବଡ଼ କୋଅଁଳେଇ ପଚାରିଲେ—ମୋ ପାଖରେ ତମର ଭୟ କଣ ? ପ୍ରକୃତ ସତ କଥା କହିବ, ଶଚିନ୍ଦ୍ର ବାବୁ ବର୍ତ୍ତମାନ କେଉଁଠାରେ ଅଛନ୍ତି ?

—ଯାହାଙ୍କ ଲାଗି ଅପବାଦକୁ ଅପବାଦ ବୋଲି ଜ୍ଞାନ କରି-ନାହିଁ, ଯାହାଙ୍କ ପାଇଁ ସ୍ୱର୍ଗର ଅମୃତ ମୋ ନିକଟରେ ପିତା ; ତାଙ୍କ ବିଷୟରେ କୌଣସି କଥା ଡି. ଏସ୍. ପି.ଙ୍କୁ କହି ପାରିଲି ନାହିଁ, ଖାଲି ବଲ ବଲ କରି ତାଙ୍କ ମୁହଁକୁ ଚାହିଁ ରହିଲି ।

—ଏଇ ଲୋକଟା ରହସ୍ୟଅର୍ଥ ପୂର୍ଣ୍ଣ ହସ ହସୁଥିବାର ଦେଖି ମୁଁ ତାର ଲୋଲୁପ ଗୃହିଣୀରୁ ବୁଝିଲି—ଏଇ ଲୋକର ଗୋଟାଏ ଭୀଷଣ ବଦ୍‌ଖୋଇ ଅଛି । ଧନ ଧନକର ଘଟଣା ଗୋଟେ ବଡ଼ କେତେ କଥା, ମନରେ ଅଲଗା ଗାର ଟାଣି ଦଏ । ତାଙ୍କ ପ୍ରଶ୍ନର ଉଦ୍ଦେଶ୍ୟ ବୁଝି ପାରିଥିଲି । କହିଲି—ଯେଉଁ କଥା ମତେ ଜଣା ନାହିଁ, ସେ କଥା ମୁଁ କିମିତି କହି ପାରିବି କହନ୍ତୁ !

—ମୁହଁ ଗମ୍ଭୀର କରି ସେ କହିଲେ—ସତ କହିଲେ କିଛି ଡର ନାହିଁ । ସରକାର ତ ଆଜି ତମ ମୁଣ୍ଡ କାଟି ନେଇ ନାହାନ୍ତି ?

—ଏ ଗୃହଶତ୍ରୁମାନେ ସିନା ପଇସା ଲୋଭରେ ଦେଶଦ୍ରୋହୀ ହୋଇ ମାତୃଭୂମିକୁ ବିଦେଶୀ ବ୍ୟବସାୟୀ ହାତରେ ବିକି ଦେଇ ପାରିଛନ୍ତି । ଦୌଲତ ଲୋଭରେ ବାଘ ଅଜା ଭେଡ଼ା ହୋଇଛି । ଏ ଦୁନିଆରେ ଖାଲି ପଇସାର ଖେଳ ଲାଗିଛି ।

—ଡି. ଏସ୍. ପି.ଙ୍କ ଗମ୍ଭୀର ମୁହଁରେ ଘୃଣା ଓ ବିରକ୍ତିର ଭାବ ଫୁଟି ଉଠିଲା । ସେ ଇନ୍‌ସପେକ୍ଟର ବାବୁଙ୍କୁ ପାଖକୁ ଡାକି ହୁକୁମ ଦେଲେ—ୟାଙ୍କ ଘର ଗୃହଅଡ଼େ ନିଆଁ ଲଗେଇ ଦିଅ ।

—ଆମକୁ ଘରକୁ ଯିବାକୁ ଦେଲେ ନାହିଁ । ଆଠ ଜଣ ସିପାହୀ ଆମକୁ ଜଗି ଠିଆ ହୋଇ ରହିଲେ । ଇନ୍‌ସପେକ୍ଟର ବାବୁଙ୍କ ସାଙ୍ଗରେ ଆଉ କେଇ ଜଣ ସିପାହୀ ଯାଇ ଆମ ଘର ଚାଳରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ । ଏଇ ତୁଚ୍ଛ ଘଟଣା ପାଇଁ ଦେଶର ଶାନ୍ତିରକ୍ଷା କରୁଥିବା ପୁଲିସମାନେ ଏତେ ନିଷ୍ଠୁର ହୃଦୟହୀନ ଭାବ କରି ପାରନ୍ତି, ମୋ ମନରେ ଆଗରୁ କେବେ ଏ ଧାରଣା ନ ଥିଲା ।

—ଭଗବାନ ମତେ ଜନମ ଦୁଃଖିନୀ କରିଛନ୍ତି । ସବୁ ରକମ କଷ୍ଟ ସହିବାକୁ ବିଧାତା କଣ ମତେ ଏବେ ଦୁନିଆକୁ

ପଡ଼ିଉଛନ୍ତି । ମୁଣ୍ଡ ଘୂରୁଛି, ଆଖିରୁ ଧାର ଧାର ଲୁହ ଗଡ଼ୁଛି । ଆଖିକୁ ଜଳକା ପରି ଦିଶୁଛି । ସରକାର ବିରୁଦ୍ଧରେ ରକ୍ତ ଝକ୍‌ମକ୍ କରି ଉଠିଲା । ସାମ୍ନୁଡ଼ ଜାମୁଡ଼, ସିପାହୀ ଗୁଡ଼ାକୁ ଠେଲି, ବୋଉ ପାଖକୁ ଯିବ ବୋଲି ଜିଗିର ଧରିଥାଏ । ଶଚନ୍ଦ୍ର ବାବୁଙ୍କ ବୋଉ ମୋର ଦୁରବସ୍ଥା ଦେଖି, ତାଙ୍କ ମନରେ କେତେକ ଅଡ଼ୁ ଦେଖେ କଥା ଉଠୁଥାଏ । ଏତେ ସମୟ ଯାଏ ସେ ଅବାକ୍ ମାରି ଠିଆ ହୋଇ ରହିଥିଲେ । କାନ୍ଦଣା ମୁହଁରେ ପୁଲିଶ ମୁହଁକୁ ଚାହିଁ ଅକୁଳ ବିକଳ ହୋଇ ଡି, ଏସ୍, ପି,କୁ ଅନୁରୋଧ କରି କହନ୍ତି—ତମେ ବାବୁ କାହିଁକି ଏମିତି ନିଷ୍ଠୁର କାମ କରୁଛ ଭଲା ! ତାଙ୍କ ଘର ଭିତରେ ପରା ବାଧକା ବୁଢ଼ୀ ବୋଉ ତାଙ୍କର ରହିଛି । ଦାଣ୍ଡ–ଦୁଆର ମୁହଁ ଅଟକାଇ ଠିଆ ହୋଇଥିବା ପୁଲିଶଠାକୁ ଠେଲି ବୋଉ ପାଖକୁ ଯିବାପାଇଁ ଚେଷ୍ଟା କରି ବିକଳ ହୋଇ ଡାକିଲି—ବୋଉ, ବୋଉ ମ !

—ମୋ ଡାକ ବୋଉକୁ ଶୁଭିଲା କି ନାହିଁ, ଘର ଭିତରୁ ବୋଉର ଜବାବ ମିଳୁ ନ ଥାଏ । ଧୂ ଧୂ ନିଆଁରେ ଘର ଗୁଡ଼ାକ ଜଳି ଯାଉଛି । ଜହ୍ନର ରାତିରେ ଓସ୍, ଲୁଅ ବାଉଁଶ ଗଣ୍ଠି ଗୁଡ଼ାକ ଫୋ ଫୋ ହୋଇ ଫୁଟୁଛି । ସାହେବ ଟୋପି ପିନ୍ଧା ମିଲିଟେରୀ ମେଜର ଫିଲିପ ଚୋପ କାମୁଡ଼ା କୁକୁର ପରି ଦୌଡ଼ି ଆସି ରାଗରେ ଅଗ୍ନିଶର୍ମା ହୋଇ କହିଲା—

—ଅଲୋ, ତୁ ଅନ୍ଧୁଣୀ କିଲୋ ! ନିଆଁଠା ଭିତରକୁ ଯାଉଚୁ ଲୁଅକେ, ମରିବୁ ?

—ମତେ ଚାରିଆଡ଼ ଅନ୍ଧାର ଦିଶିଲା । ସ୍ୱର ଉମ୍ ଉମ ଝିଣା ଓଟସରେ ପୁଲିସିବାଲା ସାଙ୍ଗେ ନ ପାରିବାରୁ, କଅଁଳେଇ କାକୁତି ମିନତିରେ ନେହୁରା ହୋଇ କହିଲି—ତମ ଗୋଡ଼ ତଳେ ପଡ଼ୁଛି

ବାବୁ ! ତମେ ଅମ ଘର ପୋଡ଼ିଦେଲେ ଦଣ୍ଡ ପଡ଼ିବ, ମତେ ଟିକିଏ ଛାଡ଼ିଦିଅ । ମୁଁ ମୋ ବାଧଙ୍କା ବୋଉକୁ ଏ ଜଳନ୍ତା ଘର ଭିତରୁ ପଦାକୁ ନେଇ ଆସେଁ । ତା ପରେ ତମର ଯାହା ଇଚ୍ଛା, ତମେ ସେଇଆ କର ।

—ଡ଼ି, ଏସ୍, ପି, ବାବୁ ମୋ ଆଗରେ ଅସ୍ଥିର ହୋଇ ମତେ ବିଦ୍ରୂପ କଲା ପରି କହିଲେ—ତେବେ ପ୍ରକୃତ ସତ କଥା ଚାଲିଲ କହି ପକା—ଶଶିଚନ୍ଦ୍ର ମହାନ୍ତି କେଉଁଠି ଲୁଚି କରି ରହୁଛି ? ସେ ତମ ଘର ଜଳି ଯାଉଛି ଦେଖିଲେ ନିଶ୍ଚୟ ଆସିବ । ପଳେଇ ଯାଇଥିଲେ ବେଶୀ ଦୂର ଯାଇ ନ ଥିବ । ତମ ବୋଉ ଏ ଜଳନ୍ତା ନିଆଁ ଭିତରେ ପୋଡି ମରିଲେ ମରୁ ପଛକେ, ସେ ନ ଆସିଲେ କେହି ତାଙ୍କୁ ବଞ୍ଚେଇ ପାରିବେ ନାହିଁ ।

—ତାଙ୍କ କଥା ମାନ ସତେ ଯେପରି ମୋ କଲିଜାରେ ଛୁରୀ ଗୃଲିଲା ପରି ଖଣ୍ଡେ ଖଣ୍ଡେ ମାଉଁସ ଛିଣ୍ଡି ପଡୁଥାଏ । ମୋ'ର ଆଖି ଉପରେ ମୋ ବୋଉ ଜଳନ୍ତା ନିଆଁରେ ଜଳିଯିବ ; ଏହା ପୁଣି ମୋ ଭାଗ୍ୟରେ ଥିଲା ଆଖିରେ ଦେଖିବାକୁ ? ସେଇ ଦୁଃଖରେ ଭୟରେ ମୋର ଗୋଡ଼ ଥରୁଛି ; ଛାତି ପଡୁଛି ଉଠୁଛି ; ମୋ ପିଣ୍ଡରୁ ସତେ ଯେପରି ପ୍ରାଣ ଛାଡିଗଲା ପରି ଲାଗୁଥାଏ । ମୁଣ୍ଡ ଝାଇଁ ଝାଇଁ ହେଲା । ମୁଁ ଶଶିଚନ୍ଦ୍ର ବାବୁଙ୍କ ବୋଉର ଗୋଡ଼ ତଳେ ଗଛ କାଟିଲା ପରି କଗୁଡ଼ି ହୋଇ ପଡି ବିକଳ ହୋଇ କାନ୍ଦୁଥାଏ, ଆଉ ଅଳ୍ପକରେ ଡାକୁଥାଏ—ବୋଉଲୋ ବୋଉ ! ଏଇ ଜାଅନ୍ତା ମଣିଷଙ୍କିଅ ସ୍ୱସଭୂତ ପୁଲସିଗୁଡ଼ା ଅସିଚନ୍ତି ; ତତେ ମାରି ପକେଇବେଲେ ! ଘର ଭିତରୁ ଚାଲିଲ ବାହାର ପଳେଇ ଆ' ।

[illegible]

[illegible]

ବାବୁ କେତେ ବାଟ ବାହାର ଯାଇଥିଲେ କେଜାଣି, ଅସ୍ତବ୍ୟସ୍ତ ହୋଇ ବାୟା ବାତୁଳଙ୍କ ପରି ଦଉଡ଼ି ଦଉଡ଼ିକା ଆସୁଚନ୍ତି ନିଜକୁ ଆଉ ସମ୍ଭାଳି ନ ପାରି ତାଙ୍କ ଗୋଡ଼ ଉପରେ ମୁଣ୍ଡ ରଖି, ଦୁଃଖ କଣେଇ କହିଲି—

—ଏ ପୁଲିସି ଗୁଣ୍ଡାଙ୍କ ଆମ ଘର ପୋଡି ଦେଇଚନ୍ତି। ବୋଉ ମୋର ସେ ଘର ଭିତରେ ଅଚି, ଜଳି ପୋଡ଼ି ମରିଯିବ !

—ଶରତ୍ ବାବୁ ଝଟପଟ କରି ଲୁହଭରା ଆଖିରେ ମୋ ମୁହଁକୁ ଗୁହିଁ ଅତି ଦୁଃଖରେ କହିଲେ—ତମେ ଆଉ କାନ୍ଦନା, ଚୁପ୍ କର ! ମୁଁ ମାଉସୀଙ୍କୁ ବାହାର କରି ଆଣିଲେ ହେଲା ତ ଏବେ ?

—ଦାଣ୍ଡଦୁଆର ଜଗି ରହିଥିବା ପୁଲିସିବାଲାଙ୍କୁ ଶରତ୍ ବାବୁ ଗଳା ଧକ୍କା ମାରି ତାଙ୍କୁ ତଳେ ପୋଷାଡ଼ି ଦେଇ ଘର ଭିତରକୁ ପଶିଗଲେ। ପୁଅ ତାଙ୍କର ଜଳନ୍ତା ନିଆଁ ଭିତରେ ପଶୁଚି ; ସେ ପାଇଁ ମାଉସୀଙ୍କ ମନରେ ଦାରୁଣ ଦୁଃଖ ହେଉଚି। ଜନ୍ମ କଲା ମାଆ ସନ୍ତାନର ଦୁଃଖ ଦେଖିଲେ ବାତ୍ସଲ୍ୟ ଅନ୍ତର କରୁଣ ହୋଇ ତରଳି ଯାଏ। ଦୟା ମାୟା ମମତାରେ ମାଆମାନଙ୍କ ହୃଦୟ ଗଢ଼ା। ମୁଣ୍ଡରେ ହାତ ଦେଇ ଭୂଇଁ ଉପରେ ବସି ପଡ଼ି, ଚମକି ଉଠିଲା ପରି ମାଉସୀ କହିଲେ—

—ସେଇ ଗୋଟିଏ ବୋଲି ମୋର ପୁଅ ; ଗଳାର ମାଳ, ଚକ୍ଷୁଣିର ନିଧି ! କେବେ ହେଲେ ପଦୁଟିଏ ବି ଟାଣ କଥା କହେ ନାହିଁ ତାଙ୍କୁ।

—ଘର ଅଗଡ଼ ମୁଁ ଏକା ଦୃଷ୍ଟିରେ ଅନାଇ ରହିଚି। ଦେଖୁ ଦେଖୁ ନିଆଁ ଅଦ୍ଭୁତ ତେଜରେ ଧୂ ଧୂ ହୋଇ ଜଳି ଉଠିଲାଣି। ଶରତ୍ ବାବୁ ମୋ ବୋଉକୁ କାନ୍ଧରେ ପକେଇ ଧଇଁ ସଇଁ ହୋଇ ଆମ ଖଞ୍ଜା ଭିତରୁ ଦଉଡ଼ି ଆସିଲେ ବାହାର ଦାଣ୍ଡକୁ। ମୋ

ବାଧିତା ବୋଉକୁ ଲୁଣ୍ଠେଇ ଆଣି ଦାଣ୍ଡ ମଝିଟାରେ ତାଙ୍କ ବୋଉଙ୍କ କୋଳରେ ଶୁଆଇ ଦେଲେ । ବୋଉର ମୋର ସେତେବେଳକୁ ଚେତା ଚଇତନ ନ ଥାଏ । ଏକବାରେ ନିସ୍ତବ୍ଧ ହୋଇ ଯାଇ-ଥାଏ । ଯେପରି କି ତା ଦେହରେ ପ୍ରାଣ ନାହିଁ । ଘଡ଼ିକ ପରେ ଯାଇଁ ତାର ଚେତା ହେଲାରୁ ଥରି ଥରି ଗଳାରେ ସେ କାନ୍ଦ କାନ୍ଦ ହୋଇ କହିଲା—

—ମାଆ ମୋରଲୋ ବସ୍ତ୍ରୁ ! ଶଚନ୍ଦ୍ର ପୁଅ ମୋର କୁଆଡ଼କି ଗଲା ? ବୋଉ କଡ଼ ଲେଉଟାଇ ମାଉସୀଙ୍କ ମୁହଁକୁ ଚାହିଁ ତାଙ୍କ ତାଙ୍କ ଓଠ ଧରି କହିଲା—ମହାନ୍ତିଘର ଲକ୍ଷ୍ମୀ ଅପା ମୋର, ତମେ ଏଠିକି ଆସିଚ ? ଏ ସରକାରଙ୍କର ଏତେ ଅଧର୍ମ ଧରଣୀ କିପରି ସହୁଚି ? ତମେମାନେ ମୋ ପାଇଁ ଏତେ ଅଧୀର ହେଉଚ କାହିଁକି ; ମୁଁ ଏନେ ବେଳଟାରେ ଭଲ ହୋଇଯିବି ଯେ ! ପିଲାଟାକୁ ମୋର କାହିଁକି ଜଳନ୍ତା ନିଆଁ ଭିତରକୁ ପଠେଇଥିଲି ? ମୁଁ ନିଆଁରେ ପୋଡ଼ି ମରି ଯାଇଥିଲେ ବା ଦୁନିଆରେ କଣ ଭାସି ଯାଉଥିଲା ଭଲା !

—ଇନ୍‌ସପେକ୍ଟରର ଟିକିଏ ହେଲେ ଦୟା ମାୟା ନାହିଁ । ଏଡ଼କି ଅମଣିଷଟାଏ ସେ ! ଶଚନ୍ଦ୍ର ବାବୁଙ୍କ ଆଗରେ ଆସି ଠିଆ ହୋଇ ଚାଲି ଅଖିଅଟା ଅଖି ତରାଟି କହିଲା—

ତମକୁ ଆରେଷ୍ଟ କରାଗଲା ।

—ଶଚନ୍ଦ୍ର ବାବୁ ଘୃଣା ବିରକ୍ତ ଦୃଷ୍ଟିରେ ଇନ୍‌ସପେକ୍ଟରଙ୍କ ମୁହଁକୁ ଚାହିଁ କହିଲେ—

—ତମେ ଆମର ଦେଶର ଭାଇ ହୋଇ ଇଂରେଜ ଗୁଲାମିଆ ହେବାରୁ ଏମିତିକା ନରପଶୁ ପାଲଟି ଯାଇଚ ଯେ, ଟିକିଏ ହେଲେ ତମର ହିତାହିତ ବିଚାର ନାହିଁ ।

—ଶରତ୍‌ଚନ୍ଦ୍ର ବାବୁ ଥରେ ମୋ ଆଡ଼କୁ କରୁଣ ମମତାଭରା ଆଖିରେ ଚାହିଁଲେ ; ତା ପରେ ସେ ମୁହଁ ଛଳ ଛଳ କରି କହିଲେ, ଏମାନେ ମତେ ଅରେଷ୍ଟ କରି ଜେଲଖାନାକୁ ନେଇ ଯାଉଛନ୍ତି ବନ୍ଧୁ ପ୍ରିୟା ! ମୋ ଚୋଉଠାରୁ କିଛି ଟଙ୍କା ନେଇ ମାଉସୀଙ୍କୁ ଡାକ୍ତର ଦେଖାଇ ଚିକିତ୍ସା କରାଉଥିବ । ଆମ ଘରକୁ କେବେ ହେଲେ ପରଘର ବୋଲି ଭାବିବ ନାହିଁ । ତା ପରେ ସେ ମାଉସୀଙ୍କୁ ଓଳଗି ହୋଇ, ତାଙ୍କ ଗୋଡ଼ଧୂଳି ମୁଣ୍ଡରେ ମାରି ଗୁଳି ଯିବାକୁ ବାହାରିଲେ ।

—ମୁଁ ଧଡ଼ଧଡ଼ ହୋଇ ଝଟିଯାଏ, କାନ୍ଦୁଣି ମାଉସୀ ହୋଇ ତାଙ୍କ ଗୋଡ଼ ତଳେ ମୁଣ୍ଡିଆ ମାରିଲି । ଗାଁର ଯେତେ ଲୋକ ସବୁ ଜୁଟି ହୋଇଥିଲେ, ସମସ୍ତେ ଓଁ କି ଚୁଁ ନ କରି କାଠ ପରିକା ଠିଆ ହୋଇ ଥାଆନ୍ତି ।

—ଆମ ଦେଶର ନାରୀ ଜାଗରଣର ନେତ୍ରୀ ଉମା ଦେବୀ କେଉଁଠି ଥିଲେ, ଏତିକି ବେଳେ ହଠାତ୍ ସେ ଆସି ଶରତ୍‌ଚନ୍ଦ୍ର ବାବୁଙ୍କ ଗଳାରେ ଫୁଲମାଳ ଲମ୍ବାଇ ଦେଇ ପାଟି କରିଲେ—ଭାରତମାତା କି ଜୟ ।

—ଜନସାଧାରଣ ତାର ପ୍ରତିଧ୍ୱନି ତୋଳି କହିଲେ—

"ଭାରତମାତା କି ଜୟ" "ତ୍ୟାଗୀ ଶରତ୍‌ଚନ୍ଦ୍ର ବାବୁ କି ଜୟ" ।

—ଉମା ଦେବୀଙ୍କ ମୁହଁକୁ ଅନେଇଲି ; ସେ ଲୁହ ଛଳ ଛଳ ଆଖିରେ ଦାନ୍ତିକା ହୋଇ ଠିଆ ହୋଇ ଥାଆନ୍ତି । ଶରତ୍‌ଚନ୍ଦ୍ର ବାବୁଙ୍କ ମୁହଁରେ ଆନନ୍ଦର ତେଜ ଖେଳିଗଲା । ସେ ଦୁଇ ହାତ ଯୋଡ଼ି ଉମା ଦେବୀଙ୍କୁ ନମସ୍କାର କଲେ । ଡ଼ି, ଏସ୍, ପି, ସାହେବଙ୍କ ହୁକୁମ ପାଇ ଦୁଇ ଜଣ ସିପାହୀ ଆସି ଶରତ୍‌ଚନ୍ଦ୍ର ବାବୁଙ୍କ ହାତରେ ହାତକଡ଼ା ପିନ୍ଧାଇ ଦେଲେ । ଭ୍ୟାନ ଭିତରେ ପୁରାଇ

ଶଚନ୍ଦ୍ର ବାବୁଙ୍କୁ ପୁଲିଶବାଲା ନେଇଗଲେ—ତାଙ୍କ ବୋଉ ଓ ମୁଁ ଭେଁ ଭେଁ ହୋଇ କାନ୍ଦୁଥାଉଁ । ଦାଉ ଦାଉ ହୋଇ ଜଳି ଯାଉ-ଥାଏ । ଆମ ସାତ ପୁରୁଷ ଜନ୍ମ ଭିଟାଘର ସଂସାର ।

—ପୁଲିଶବାଲା ଚାଲି ଯିବାରୁ ଗାଁ ଲୋକମାନେ ଜମା ହୋଇ ପଡ଼ି ନିଆଁ ଲିଭେଇବାକୁ ଚେଷ୍ଟା କଲେ । ସେତେବେଳକୁ ଘର-ଟିକ ଆମର ଜଳି ଯାଇଥିଲା । ସରକାରି ଲୋକେ ଯେତେ ଅନ୍ୟାୟ କରନ୍ତୁ ପଛେ, ସେମାନେ ହେଲେ ବଡ଼ଲୋକ ! ସ୍ୱର୍ଗକୁ ନିଶୁଣୀ ନାହିଁ, ବଡ଼ଲୋକଙ୍କୁ ଉତ୍ତର ନାହିଁ ।

—ସେତେବେଳେ ଲୁହ ଛଳ ଛଳ ଆଖିରେ ଅକୁଳ ହୋଇ ବୋଉ ଥରେ ମୋ ଅଡ଼କୁ ଆଖି ଫେରାଇ ଅନାଇଲା—ମୋତେ କଣ କହିବାକୁ ଚେଷ୍ଟା କଲା, ତା ତୁଣ୍ଡରୁ କଥା ବାହାରିଲା ନାହିଁ ; ହଠାତ୍ ହିକ୍କା ଉଠିବା ସଙ୍ଗେ ଆଖିର ଡୋଳା ଉପରକୁ ଓଲଟି ଗଲା, ଦେହରୁ ଜୀବନ ଚାଲିଗଲା ତାର ।

—ଶଚନ୍ଦ୍ର ବାବୁଙ୍କ ବୋଉ ଆଉ ସମସ୍ତେ ବିକଳରେ କାନ୍ଦି ଉଠିଲେ । ବୋଉର ମଲା ଦେହକୁ ମୁଁ କୁଣ୍ଢେଇ ଧରି ହାଉଳି ବାଉଳି ହୋଇ କାନ୍ଦୁଥାଏଁ । ମାଲଭାଇମାନେ ମୋ ବୋଉର ମରିବା ଖବର ପାଇ ଆସି ବୋକେଇଉର ବାନ୍ଧି ଶବକୁ ସଂସ୍କାର କରିବାକୁ ନେଇଗଲେ ।

—ବୋଉ ମଲା ; ଆମ ସଂସାର ଛନ୍ନଛନ୍ନ ହୋଇଗଲା । ଗାଁ ଲୋକେ କିଏ କେତେବେଳେ ଆସି ମତେ ସହାନୁଭୂତି ଦେଖେଇ ଚାରିପଦ କହି ଯାଆନ୍ତି । ଶଚନ୍ଦ୍ର ବାବୁଙ୍କ ବୋଉ ମୋ ନୁଖୁରା ମୁଣ୍ଡ ଅସଜଡ଼ା କେଶ ସାଉଁଳି, ଅଳିଅଳି କରି କଅଁଳେଇ ତାଙ୍କ ପଣତ କାନିରେ ମୋ ଆଖିର ଲୁହ ପୋଛି ଦେଇ କହିଲେ—ମହାତ୍ମା ଗାନ୍ଧୀ ଦେଶବାସୀଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି—ଦେଶ-

ବାସୀ ସମସ୍ତେ ଜନ୍ମଭୂମିକୁ ସ୍ୱାଧୀନ କରିବା ପାଇଁ ପ୍ରତିଜ୍ଞା କର । ସ୍ୱାଧୀନତା ପାଇଁ ଦରକାର ପଡ଼ିଲେ ସ୍ୱାମୀ, ପୁତ୍ର, ମାଆ, ଭଉଣୀ, ଆତ୍ମୀୟ ସ୍ୱଜନଙ୍କୁ ତ୍ୟାଗ କର । ମଣିଷର ଏଇ ଛାର ଜୀବନ ଠାରୁ ସ୍ୱାଧୀନତାର ମୂଲ୍ୟ ବେଶୀ । ତେବେ ଯାଇ ଏ ଜାତି ବଞ୍ଚିବାରେ ମାନ ସମ୍ମାନ ଅଛି । ତୋ ବୋଉ ଏ ଜନ୍ମ ମରଣ ଦୁନିଆରେ ତାଙ୍କର ଏଇ ଅମର ଜୀବନ ଇତିହାସ ରଚନା କରିଗଲେ । ଆମର ଇଂରେଜ ସରକାର ଦିନକୁ ଦିନ ଯେଉଁ ଅଧର୍ମ କଲେଣି—ତାଙ୍କୁ କେତେ ଦିନ ଆଉ ଧରମ ସହିବ ?

କରମ ପୋଡ଼ିଲେ ଧରମ ଛାଡ଼େ—
ଭଲ କଥା ତାଙ୍କ ମରମ ପୋଡ଼େ—ଲୋ ଝିଅ !

—ମୁଁ ତୋ କର ମୁଣ୍ଡ ପିଟି କାନ୍ଦି କାନ୍ଦି କହିଲି—ବୋଉ ! ଏ ଅଭାଗୀ ଝିଅକୁ ତୋର ଛାଡ଼ି ଚାଲିଗଲୁ ? ବାପା ମରିଥିଲେ ସେ କଷ୍ଟ ମତେ ବାଧି ନାହିଁ । କାନ୍ଦି କାନ୍ଦି ମୋର ଜ୍ଞାନ ଶୂନ୍ୟ ହୋଇଗଲା । ମୋ ମୁହଁରେ ପାଣି ଛାଟି ବିଞ୍ଚଣାରେ ବିଞ୍ଚି ବିଞ୍ଚି ଶଚିନ୍ଦ୍ର ବାବୁଙ୍କ ବୋଉ ଚେତା କରାଇଲେ । ଆଖି ଖୋଲି ଦେଖିଲି—ମୁଁ ଶଚିନ୍ଦ୍ର ବାବୁଙ୍କ ଘରେ ତାଙ୍କ ପଲଙ୍କ ଉପରେ ଶୋଇଛି । ତାଙ୍କ ବୋଉ ମୋ କପାଳ ଆଉଁସି ଦେଉ ଥାଆନ୍ତି । ଅତି ସ୍ନେହରେ ଗେଲ କଲା ପରି ସେ ପିଠିରେ ହାତ ପକାଇଲେ ।

—ବୋଉର ଶୁଦ୍ଧି କ୍ରିୟାଦିରେ ଶଚିନ୍ଦ୍ର ବାବୁଙ୍କ ବୋଉ ବହୁତ ପଇସା ଖରଚ କଲେ, ଲୋକେ ତାହା ଦେଖି ଧନ୍ୟ ଧନ୍ୟ କରୁ ଥାଆନ୍ତି । ଏଗାର ଦିନ ବ୍ରାହ୍ମଣ ଭୋଜନ, ବାର ଦିନରେ ଜ୍ଞାତି-ବର୍ଗଙ୍କୁ ଭୋଜନ ଦିଆଗଲା ।

## ଏଗାର ✻

-ଦିନକ ଆଗରୁ ସମାଜ କାଗଜରେ ବାହାରିଥାଏ—ବିଶିଷ୍ଟ କଂଗ୍ରେସ କର୍ମୀ ଶରତ୍ ମହାନ୍ତି ଗିରଫ ହୋଇଛନ୍ତି । କଏଦୀରେ ରଖି ପୁଲିଶ ସାହେବ ତାଙ୍କ ପ୍ରତି ଅସଦ୍ ବ୍ୟବହାର ଓ ନାନା ପ୍ରକାର ନିର୍ଯ୍ୟାତିତ କରୁଛନ୍ତି ବୋଲି ଖବର ମିଳେ ।

—ବେଳ ବୁଝି ନାହିଁ; ସେତେବେଳକୁ ଦିନ ରତି ରତି ହେଉଥାଏ । ଏକଥା ଶୁଣିଲା ବେଳରୁ ମୋ ମୁଣ୍ଡ ବାତଚକ୍ର ପରି ଘୁରୁଛି । ଅଧା ବାୟୁଣୀ ପରି ଗୃଲି ଗୃଲିକା ଜେଲ୍ ପାଚେରିଯାଏ ଗଲି; କେଉଁ ଛଟେକେ କମିଛି ତାଙ୍କୁ ଦେଖି ଆସିବି । ଜେଲଖାନା ପଛ ପଟେ ଯେଉଁ ଝାମ୍ପୁଲୁ ବରଗଛ ଅଛି, ତା'ର ଉପରେ ଚଢି ଜେଲଖାନାର ଗୃହଅଡ଼େ ଅଖି ବୁଲାଇ ଦେଖୁଥାଏଁ । ତାଙ୍କୁ ଥରେ ଦେଖିବି ବୋଲି ।

—ରାଜବନ୍ଦୀ ଶରତ୍ ବାବୁ—ଲୁହାବାଡ଼-ଘେରା ନଂ ୭ ମ୍ବର ଘରେ ବସିଚନ୍ତି । ହସୁରା ମୁହଁର ତେଜ ମଳିନ ପଡ଼ିଛି । ପିନ୍ଧା ଲୁଗା ଖଣ୍ଡିକ କୋଚଟ ମଇଳା । ଚିନ୍ତାରେ ଶ୍ରୀହତକାନ୍ତ ମୁହଁ । ତାଙ୍କ ଆଖିରେ ଲୁହ ଛଳ ଛଳ ହେଉଛି । ମନରେ ବହୁତ ଦୁଃଖର ଝଡ଼ । ଘୁର ଦୁଃଖକୁ ଡରିଲେ, ମଣିଷର ଯେଉଁ ମନୁଷ୍ୟତ୍ୱ ଅଛି ତାହା ଜଣା ପଡ଼ିବ ନାହିଁ । ଦୁଃଖ କଷ୍ଟକୁ ସହ୍ୟକରି ଗୌରବଦର୍ପେ ମୁଣ୍ଡ ଟେକି ଠିଆ ହେବା ପୁରୁଷର ବିବେକ ପଣିଆ ।

—ଲୁହା ବାଡ଼ର ଫାଙ୍କ ମାନଙ୍କରେ କାହାକୁ ଖୋଜିଲା ପର ବାରମ୍ବାର ଚାହୁଁ ଥାଅନ୍ତି । ପହରା ଦେଉଥିବା ଜଣେ ସିପାହୀକୁ ଦେଖି ପାରି ଶରତ୍ ବାବୁ ଅତି କ୍ଷୀଣ କଣ୍ଠରେ ତାକୁ ପାଖକୁ ଡାକିଲେ—ସିପାହୀ ଭାଇ ! ବଡ଼ ଶୋଷ କରୁଚି, ଟିକିଏ ପାଣି ପିଇବାକୁ ଦେଇ ପାରିବ ?

—ଚାଲି ଯାଉ ଯାଉ ସିପାହୀ ଜଣକ ତାଙ୍କ କଥାରେ ଟିକିଏ ଭାବିଲା ପରି ହୋଇ, କଣ୍ଠୀ ବେକ ଲମ୍ବାଇ ଦେଇ କହିଲା—ହ, ହଁ, ମୁଁ ଆସୁଚି ।

—ମନ ଛକ ପକ ହୁଏ, ପଞ୍ଜରା ଦୋହଲାଇ ଦୀର୍ଘ ନିଶ୍ୱାସ ବାହାରୁଥାଏ । ସୁବିଧା ଥିଲେ ପାଣି ଢାଳେ ନେଇ ଦଉଡନ୍ତା । ଶରତ୍ ବାବୁ ଘର ଭିତରେ ଏକୁଟିଆ ଭାବନାରେ ନିମଗ୍ନ । ଯେପରି ସେ ଗୋଟିଏ କିଛି ଅନ୍ୟାୟ କାମ କରିବେ; ତାହାର ସମାଧାନ ଖୋଜୁଚନ୍ତି । ଗମ୍ଭୀର ହୋଇ ବସି ଭାବୁ ଥାଅନ୍ତି—ହୁଏ ତ ଏଇନେ ସିପାହୀ ଯାଇ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଡାକି ଆଣିପାରେ । ଯେତେ ହେଲେ ମୁଁ ସ୍ୱାଧୀନତା ସତ୍ୟାଗ୍ରହୀ ହୋଇ ଏଇ ସାମାନ୍ୟ ପିପାସାର କଷ୍ଟ ସହ୍ୟ କରି ପାରିଲି ନାହିଁ ? ଅନୁଶୋଚନାରେ ତାଙ୍କ ଅନ୍ତରାତ୍ମା ଥରି ଉଠିଲା । ଜାଣି କରି ତ ସେ ଟିକିଏ ସୁକୁମାରିଆ—ବଡ଼ଲୋକ ଘର ପୁଅ ! ସେ ଯେପରି ଗୋଟାଏ ଭୁଲ୍ କାମ କରି ପକେଇଚନ୍ତି । ଉପରକୁ ଚାହିଁ ଈଶ୍ୱରଙ୍କ ପାଖରେ କ୍ଷମା ପ୍ରାର୍ଥନା ମାଗୁ ଥାଅନ୍ତି—ମୋ ମନରେ ବଳ ଦିଅ । ଛାତିରେ ସାହସ ଦିଅ । କଷ୍ଟ ଯେତେବେଳେ ଦେଉଚ, ସହିବାର ଗୁଣ ଦିଅ ପ୍ରଭୁ !

—ସିପାହୀ ଜଣକ ପାଣି ଢାଳେ ଆଣି ଆସି ତୁନି ତୁନି କରି ଡାକି କହିଲା—ବାବୁ ପିଇବାକୁ ପାଣି ମାଗୁଥିଲେ ପରା ?

—ଶଚୀନ୍ଦ୍ର ବାବୁଙ୍କ ଓଠରେ ଗୋଟାଏ ପାଖରେ ଟିକିଏ ମୃଦୁହସ ଦେଖା ଦେଲା । ଏପରି ବେଳେ ତାହା ଉପରେ ମାନ ଅଭିମାନ କରିବାର ନୁହେଁ । ଉଦ୍‌ବେଗ ହୋଇ ଲୁହା ବାଡ଼ ଭିତରୁ ହାତ ବଢ଼ାଇ ଅତି କଷ୍ଟେ ପାଣି ଗ୍ଲାସ ଧରି ପାଣି ପିଇ ଶୋଷ ମାରିଲେ ।

—ଶଚୀନ୍ଦ୍ର ବାବୁଙ୍କ ଦୁଃଖ ଦେଖି ସିପାହୀ ମନଟା ବି ତରଳି ଗଲା । ଥରିଲା ସ୍ୱରରେ ତରଙ୍ଗ ତରଙ୍ଗ ହୋଇ କହିଲା—ମୁଁ ଆପଣଙ୍କୁ ପାଣି ପିଇବାକୁ ଦେଉଛି, କାଲେ ଯଦି କେହି ଦେଖେ ବଡ଼ ମୁସ୍କିଲ ହେବ ବାବୁ !

—ପାଣି ଗ୍ଲାସଟି ଏକା ନିଶ୍ୱାସକେ ପିଇ ନେଇ ଶଚୀନ୍ଦ୍ର ବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ସିପାହୀକୁ ପଚାରିଲେ—ଅଚ୍ଛା, ସିପାହୀ ଭାଇ ! ରାଜଦ୍ରୋହୀ ବୋଲି ମୋତେ ତେଣେ ଶୋଷରେ ପାଣି ଦେବାକୁ ହୁକୁମ ନାହିଁ, ତମେ ମତେ ପାଣି ପିଇବାକୁ ଦେଲ କାହିଁକି ?

—ସିପାହୀ ତରଳି ଆଖିରେ ଆଗ ପଛ ଚାହିଁ କହିଲା—ମୋର ଯେତିକି ବୁଦ୍ଧି ସେତିକିରେ ଯାହା ବୁଝିଛି । ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତାହାର ବହୁର । ମୁଁ କିବା ଛାର ! ଆପ ସେ ତରଫରେ ଆପଣଙ୍କୁ ସମସ୍ତେ ବାହାବା କରୁଛନ୍ତି । ଆପଣ ଯେଉଁ ସ୍ୱରାଜ୍ୟ ପାଇଁ ଲଢୁଛନ୍ତି, ସେ ସ୍ୱରାଜ୍ୟ କଣ ଆମର ନୁହେଁ ? ଆମେ ତ ଫେର୍ ମଣିଷ ! ଆମର ଦେଶ ସ୍ୱାଧୀନ ହେବା ଆମେ ବି ଦେଖିବାକୁ ଚାହୁଁଚୁଁ । ପେଟ ଚାଖଣ୍ଡିକ ପାଇଁ ଚାକିରି କରୁଚୁଁ ବୋଲି ସିନା, ନ ହେଲେ ଆମ ମନ ଯାହା ହେଉଚି, ଆମେ ଜାଣୁ ।

—ସିପାହୀର ଭାବ ଭଙ୍ଗୀରୁ ମୁହଁ ଉପରେ ଶଚନ୍ଦ୍ର ବାବୁଙ୍କର ଆଗ୍ରହ ଉଦ୍ବେଗପୂର୍ଣ୍ଣ ଦୃଷ୍ଟି ପଡ଼ିଲା । ତାଙ୍କ ଦୁଃଖର ଗମ୍ଭୀରମୁହଁରେ ଟିକିଏ ହସି କରି କହିଲେ—ତମ ହାତରେ ମୁଁ ଜଣିକ ପାଖକୁ ଚିଠି ଦେବି, ତମେ ଗୋପନୀୟ ଭାବେ ଯାଇ ତାଙ୍କୁ ଦେଇ ଆସି ପାରିବ ?

—ସିପାହୀ ଭୟରେ ଚଞ୍ଚଳ ହୋଇ କହିଲା—ଦୈବାତ୍ ଯଦି ଧରା ପଡ଼ିଯାଏଁ, ଏ ଦାନାପାଣି ଖଣ୍ଡିକ ରହିବ ନାହିଁ ।

—ସିପାହୀର ମନଖୋଲା କଥା ଶୁଣି ଶଚନ୍ଦ୍ ବାବୁ କହିଲେ—ଆମ ପକ୍ଷରୁ ତମର କୌଣସି ଭୟ ନାହିଁ । ଦେଖୁଛ ତ, ଆମ କଂଗ୍ରେସ କର୍ମୀମାନଙ୍କୁ ? କିଏ ଆମକୁ ଜୀବନରେ ମାରି ପକାଇଲେ ମଧ୍ୟ ଆମ ପେଟରୁ କୌଣସି କଥା ବାହାର କରି ପାରିବ ନାହିଁ ।

—ସିପାହୀ ଜଣିକ ମୁହଁ ଶୁଖାଇ ଥଙ୍ଗେଇ ଥଙ୍ଗେଇ ହୋଇ କହିଲା—ଅଚ୍ଛା ହେଉ, ସଞ୍ଜ ବୁଡ଼ିଲେ ଆପଣ ମତେ ଚିଠି ଦେବେ—ମୁଁ ରାତିରେ ଯାଇ ତାଙ୍କୁ ଦେଇ କରି ଚାଲି ଆସିବି ।

—ଶଚନ୍ଦ୍ ବାବୁ ବଡ଼···କିଏ ! ସ୍ୱରାଜ୍ୟ ଖାଲି ଯାଙ୍କର ନା ଦେଶର ଆଉ ସମସ୍ତଙ୍କର ? ତାଙ୍କର ଏତେ କଷ୍ଟ ଦେଖି ମୋର ରକ୍ତ ମାଂସର ଦେହ ଆଉ କେତେ ସହନ୍ତା କହିଲ ? ଆଖିରେ ମୋର ଲୁହ ଭରିଗଲା । ମୋ ପହିଲି ଯୌବନରେ ତାଙ୍କୁ କେତେ ଥର ସ୍ୱପନରେ ଦେଖିଛି । ସେଇ ଏକା ମୋ ଜୀବନର ସଙ୍ଗୀ ହେବେ ବୋଲି ଭାବିଥିଲି, କିନ୍ତୁ ସେଦିନ ଭଲ ତ ମୋ ପାଇଁ ତାଙ୍କ ମନ କାହିଁକି ଚଞ୍ଚଳ ହୋଇ ଉଠୁନି ? ହୁଏ ତ ମୁଁ ତାଙ୍କ ମନରେ ନ ଥିବି ?

—ଏତେ ଦୁଃଖ ଯନ୍ତ୍ରଣା ସହିଲି ତାଙ୍କର ପାଇଁ । ଆମ୍ଭର ନିର୍ଦ୍ଦେଶ ନ ମାନିବା ମାନେ—ଭଗବାନଙ୍କ ସହିତ ବିରୁଦ୍ଧତା କରିବା ।

✻ ବାର ✻

—ଦେଖୁ ଦେଖୁ ଦଶଟି ଦିନ ବିତିଗଲା ; ଶଚୀନ୍ଦ୍ର ବାବୁ ଜେଲ୍‌ଖାନାରେ ଅଟକବନ୍ଦୀ ଅଛନ୍ତି । ଗାଆଁ ମାଇପେ କେବେ କିମିତି ଆସୁଚନ୍ତି—କେତେ ଭଙ୍ଗୀରେ ନାନା କଥା ପଚାରି ମତେ କୈଫିୟତ୍ ମାଗନ୍ତି—ଏମାନଙ୍କର କ'ଣ ଦୋଷ ଥିବ ନା ! ନୋହିଲେ ଏତେ ଧର ପକଡ଼ ଲାଗିଛି କାହିଁକି ?

—କ'ଣ ଗୋଟାଏ କହିବି ବୋଲି ଉଦ୍‌ବେଗ ଆସିଲା ମନକୁ, ମୁହଁ ଖୋଲିଲି ନାହିଁ । ଘରର କୋହକୁ ଚାପି ଅଟେଇ ଅଟେଇ କହିଲି—ମୁଁ ସେ ସବୁ କଥା କିମିତି ଜାଣିବି ଲୋ ?

—କେଜାଣି କାହିଁକି ବାଉଳା ବୋଉ ମୁହଁରେ ହସ ଚହଟିଲା ; ସେ କହିଲା—ମୋ ଉପରେ ତୋର କାହିଁକି ଏତେ ରୋଷ କଲୋ ? କଥାରେ ଅଛି—ତେଂକି ପଡ଼େ ରସ ରସ ।

ଚନ୍ଦ୍ରମା ମୁହଁରେ ନାହିଁ ହରଷ ଲୋ ମିଛେ ବୋଲେ ବସ ବସ ।

—ପଚାରିଲା ଅଖିରେ ମୁଁ ତାକୁ ଅନେଇଲି ; ବାଉଳା ବୋଉ କ'ଣ କହୁଛି ଭୁନି ହୋଇ ଖାଲି ଶୁଣିବି ।

—ବଡ଼ ଖଲଖ ଗରବିଣୀଟାଏ ବାଜିଲା ତୋର, ମୁହଁଟାକୁ ବେଢା ଭଲ କରି କହିଲା—ମୁଁ ଉଦେ ସେଇ କଥା କହିବ ବୋଲି ଅଇଚ। ହଁ, ହାତରୁ ଖସିଲେ ଅଣବାହୁଡ଼ା ! ମିଣିପଙ୍କର ସିମ-ତଳା ଖୋଇ।

—ଅଖିରୁ ମୋର ଝର ଅସିଲା ଲୁହ। ମୁଁ କହିଲି—ଏ କଅଣ କହୁଚ ତମେ ଅଜ ? ରୁଜା ହୋଇ ଏଠୁ ଗୃଲି ଯିବଟି !

—ଗୋଖର ସାପ ଫଣାରେ ଠେଙ୍ଗା ପାହାର ବସିଲା ଭଳି ଫଁ ଫଁ ହୋଇ ସେ ମୋ ପାଖରୁ ଗୃଲିଗଲା।

—ଯାହାଙ୍କୁ ଜୀବନରୁ ବଳି ଅଧିକ ଅଦଶୋର କରିଚି, ଏ ବିଚ୍ଛେଦରେ ମୋର ହୃଦୟ ବଡ଼ ବେଦନାତୁର ହୋଇ ଉଠୁଚି କେବଳ ତାଙ୍କର ପାଇଁ। କିନ୍ତୁ ମୋର ଏଇ ଦୁର୍ବଳତାକୁ କେବେ ବାହାରେ ପ୍ରକାଶ କରୁ ନ ଥାଏ।

—ଧନେ ଦୋଖଣୀ ତୁଣ୍ଡରେ ବାଜିଲା ବୋଉ ଉଗ ବୋଲି କହୁଥିଲା କିଟିଶି—ଗୁପତ କଥାକୁ କେହି ନ କହନ୍ତି କେହି ନ ଜାଣନ୍ତି ଠାଣ। ସତୁ ଗୁପ୍ତକଥା ପ୍ରକାଶ ହୁଅଇ ଯେବେ ଗୋଇ ଖୋଲେ ନିଜ ମନ।

—ଅଜି ତାରିଖରେ କୋର୍ଟରେ ଶରତ ବାବୁଙ୍କର ବିଗ୍ରହ ହେବ; ଏ କଥା ମୁଁ ଜାଣିଥାଏଁ। ଶରତ ବାବୁଙ୍କ ବୋଉ ଏ କଥାରୁ ଏ ପର୍ଯ୍ୟନ୍ତ କାଣିଗୃଚର ଅଭ୍ରାସ ପାଇ ନ ଥାନ୍ତି।

—ସେତେବେଳକୁ ଏଗାରଟା ବାଜି ଗଲାଣି। ଶରତ ବାବୁ କାଠଗଡ଼ା ଭିତରେ ବୀର ଦର୍ପେ ଠିଆ ହୋଇ ଥାଆନ୍ତି। ହାକିମଙ୍କର ଡାକରା ପଡ଼ିବାରୁ ପ୍ରଥମେ ଅମଥାନା ଦାରୋଗା ଅଭି-ଯୋଗ କରି କହିଲେ—ସାଧାରଣ ଜନତାଙ୍କୁ ମତେଇ ଲୁସୁପୁର, ନୂଆପଡ଼ା ଥାନା ପୋଡ଼ି ଦେବାକୁ ଏ ଷଡ଼ଯନ୍ତ୍ର କରୁଥିଲା।

ଗୋପନୀୟ ଭାବରେ ଏହା କରିବା ଯୁଁଙ୍କର ଉଦ୍ଦେଶ୍ୟ ଥିଲା । ଅମେ ତଦନ୍ତକରି ଏହାର ସଠିକ ପ୍ରମାଣ ମଧ୍ୟ ପାଇଛୁଁ । ତାସେଗା ମୁହଁରୁ ଏପରି ମିଥ୍ୟା କଥା ଶୁଣି ଶେଖର ବାବୁ ରାଗିଯାଇ କହିଲେ, ବନ୍ଧୁକ ଗୁଳି ଲାଠିରେ ଆଉ ଆମ ମାନଙ୍କୁ ଦବାଇ ରଖି ହେବନାହିଁ । ଏ ଦେଶ ଶାସକ ବୈଦେଶିକ ସରକାରଙ୍କ ବିରୁଦ୍ଧରେ ଦୁର୍ବଳ ଭୀରୁ ପରି ଗୋପନ ଷଡ଼ଯନ୍ତ୍ର ମୁଁ କରୁ ନାହିଁ, କରିବାକୁ ଯାଉଛି, ମୋ ଜନ୍ମଭୂମିର ସ୍ୱାଧୀନତା ପାଇଁ ପ୍ରକାଶ୍ୟ ଭାବେ ଆନ୍ଦୋଳନ ।

—ମଣିଷକୁ ଅପହିଞ୍ଚ କରି କୀତଦାସ ପରି ରଖିବା ବର୍ବରତା ନୁହେଁ କି ? ଜୋର ଜୁଲମ, ଅତ୍ୟାଚାର ଉତ୍ପୀଡ଼ନ ଦ୍ୱାରା ଯେଉଁ ଶକ୍ତିକୁ ପ୍ରତିଷ୍ଠା, ଉଲ୍ଲଂଘନ କରି ବାହାକୁ ଅଯଥା ମୁନାଫାଖୋର ଇଂରେଜମାନଙ୍କୁ ଆଉ ଆମ ଦେଶରେ ପ୍ରଭୁତ୍ୱ କରିବାକୁ ଦେବୁ ନାହିଁ । ତ୍ରିଶ କୋଟି ଭାରତବାସୀ ଆଜି ସ୍ୱରାଜ୍ୟ ଚାହାନ୍ତି । ମହାତ୍ମା ଗାନ୍ଧୀ ଓ କଂଗ୍ରେସ ଆଦେଶକୁ କେବଳ ମୁଁ ପାଳିଛି । ଆମର ସତ୍ୟାଗ୍ରହ ଯୁଦ୍ଧର ଅସ୍ତ୍ର ହେଉଛି ସତ୍ୟ ଆଉ ଅହିଂସା । ଏ ଯୁଦ୍ଧ ଚାଲିବ—ଯେତେ ଦିନ ପର୍ଯ୍ୟନ୍ତ ମଣିଷର ଜନ୍ମଗତ ଅଧିକାର ସ୍ୱାଧୀନତା ଅମେ ନ ପାଇଛୁଁ । ଏ ଯୁଦ୍ଧର ଆନ୍ଦୋଳନ ଯେତେ ଦୁଃସାଧ୍ୟ ବା ଯେତେ ଦୁର୍ଭେଦ୍ୟ ହେଉ, ପ୍ରାଣପଣ କରି ଅମେ ଲଢ଼ିବାକୁ ବାହାରିଛୁଁ । ଦେଶର ଚାଷୀ ମଜୁରିଆ ଜନସାଧାରଣ ! ସହଭୂର୍ଣ୍ଣ ଗଣତନ୍ତ୍ରବାଦ ରାଜ୍ୟ ପ୍ରତିଷ୍ଠା କରିବା ଅମ ମାନଙ୍କର ଲକ୍ଷ୍ୟ ।

—ବିଚାରପତି ହାକିମ ଶେଖର ବାବୁଙ୍କ ବକ୍ତୃତା କଥାପାନ ଶୁଣି ମନକୁ ମନ ବିଚାରିଲେ—ଏ ଲୋକଟା ବୋଧେ ବାରପଣିଆ

ପାଗଲ । ତା ନ ହୋଇଥିଲେ ଯେତେ ବଡ଼ ମୁହଁ ନୁହେଁ, ତେତେ ବଡ଼ କଥା କହନ୍ତା ବା କିମିତ ?

—ଦେଖଣାହାରୀଏ କଚେରୀ ଭିତରେ ବାହାରେ ଅସୁମାରୀ ଭିଡ଼ କରି ଠିଆ ହୋଇଚନ୍ତି । ଶରତ୍ ବାବୁଙ୍କ ମୋକଦ୍ଦମାରେ ବିଚାରପତିଙ୍କ ମୁହଁରୁ ରାୟ ଶୁଣିବା ପାଇଁ ସମସ୍ତଙ୍କର ମନ ଉଦ୍‌ବେଗ ହେଉଛି । ଶରତ୍ ବାବୁ ଏପରି ଅନ୍ୟାୟ ଓ ଏତେ ବଡ଼ ମିଥ୍ୟା କଥା ବରଦାସ୍ତ କରିବା ଲୋକ ନୁହନ୍ତି । ରାଗ ଉତ୍ତେଜନାରେ ତାଙ୍କର ସାରା ଅଙ୍ଗ ଥରୁଥାଏ । କଚେରୀ ଗ୍ରିବପଟ ଘେରି ଶହ ଶହ ଲୋକ ଶରତ୍ ବାବୁଙ୍କର ଜୟ ଜୟକାର କରୁଚନ୍ତି—ମହାତ୍ମା ଗାନ୍ଧୀଙ୍କ ଜୟ—ଭାରତମାତାଙ୍କ ଜୟ—ଭାରତ ସ୍ୱାଧୀନତା ଜୟ !

—ଲାଠିଧାରୀ ପୁଲିଶ ଆସି ଲୋକଙ୍କ ମଧ୍ୟରେ ପଶି ଠେଲା ପେଲା ହେଉ ଥାଆନ୍ତି । ହାକିମ ସାଧାରଣ ଲୋକଙ୍କର ଏପରି ଅନଧିକାର ଚର୍ଚ୍ଚା, ମୂର୍ଖାମୀ ଦେଖି ଟେବୁଲ ଉପରେ ହାତୁଡ଼ି ପିଟି ଗର୍ଜନ କରି କହିଲେ—ଏଇଠି ତମେ ମାନେ ସବୁ ଯଦି ଗଣ୍ଡଗୋଳ କର, କାହାରି ଭଲ ହେବନାହିଁ । ଏଇଟା ନ୍ୟାୟ ଧର୍ମ ବିଚାରର ଜାଗା—ନାଟ ତାମସାର ଜାଗା ନୁହେଁ ।

—ଶରତ୍ ବାବୁ ହାକିମଙ୍କ ମୁହଁକୁ ଚାହିଁ କହିଲେ—ତେବେ ଗୋଟିଏ କଥା ଆପଣଙ୍କୁ ପଚାରିବାର ଅଛି ; ପଚାରି ପାରିବି କି ?

—ସେତେବେଳକୁ ହାକିମଙ୍କ କ୍ରୋଧ ସପ୍ତମକୁ ଉଠି ଯାଇଥିଲା । ସେ କହିଲେ—କଣ କହିବାର ଅଛି କୁହ !

—ଶରତ୍ ବାବୁ ଅତି ବିନୟୀ ହୋଇ କହିଲେ—ଏ ସ୍ଥାନ ଯଦି ସତ୍ୟର ବିଚାର ; ତାମସାର ସ୍ଥଳ ନୁହେଁ, ତା' ହେଲେ ନ୍ୟାୟ ଦୃଷ୍ଟିରୁ ମତେ ଏ କାଠଗଡ଼ା ଭିତରେ ଠିଆ ନ କରି,

ଯେ କେଉଜଣ ସ୍ୱାର୍ଥାନ୍ଧ କ୍ଷମତାପ୍ରାପ୍ତ ଅଫିସର ଅଛନ୍ତି, ଧର୍ମାବତାର ! ଏଇଟି ସେମାନଙ୍କର ବିଗୃର କସାଇ ।

—ଶଚିନ୍ଦ୍ର ବାବୁଙ୍କର ଏପରି ସତ୍‌ସାହସ ଦେଖି ଆମେ ସମସ୍ତେ ମନେ ମନେ ଗର୍ବ ଅନୁଭବ କରୁଥିଲୁଁ । କିମିତି ଢଙ୍ଗରେ ସେ କଥା କହୁଚନ୍ତି ! ସେ ଏତେ ତାକତର୍କରେ କଥା କହି ଜାଣନ୍ତି—ମତେ ଆଗରୁ ଜଣା ନ ଥିଲା । ମୁଁ କଚେରୀ ଭିତରକୁ ପଶିଲା ବେଳେ ଲୋକେ ଅଡ଼େଇ ଗଲେ । କଚେରୀ ଭିତରେ ଯେପରି ମଣିଷର ସୁଅ ଛୁଟିଚି—କେତେ ଲୋକ ଗହଳି ! ଗୋଟିଏ ଦିନରେ ଏତେ ଲୋକଙ୍କର ମକଦ୍ଦମା ଅଛି ବୋଲି ସିନା ଏମାନେ ଆସିଚନ୍ତି ! କଚେରୀଯାକ ମଣିଷ କଟଣଇ କଣେଇ ମୋ'ର ଆଡ଼କୁ ଅନେଇଚନ୍ତି—ଲାଜରେ ମୋ ମୁହଁ ଜଳି ଯାଉଥାଏ ।

—ଆମ ଦଳରେ ଥାଆନ୍ତି ପଙ୍କୁ ମିଶ୍ର, ମୋହନ ଦାସ, ଉପ ମହାନ୍ତି, କାଳନ୍ଦୀ ବାବୁ, ହେମଲତା ଦେଈ ! ସେମାନେ ସବୁ ଶଚିନ୍ଦ୍ର ବାବୁଙ୍କର ସହକର୍ମୀ । ଆମେମାନେ ବୁଲି ବୁଲି ଅନୁସନ୍ଧାନ କରୁଥିଲୁ ଶଚିନ୍ଦ୍ର ବାବୁଙ୍କ ମୁକ୍ତି ସନ୍ଧାନର ପଥ । ମିଶିଲ ଉପରେ ଶଚିନ୍ଦ୍ର ବାବୁ ପିଞ୍ଜରାବଦ୍ଧ ଚଢ଼େଇ ପରି ଏ ପଟେ ସେ ପଟେ ମୁହଁ ଲେଉଟାଇ ଆମକୁ ସବୁ ଦେଖୁ ଥାଆନ୍ତି । ତାଙ୍କର ଏପରି କଷ୍ଟ ଦେଖି ମୋର ବିକ୍ଷୁବ୍ଧ ଅନ୍ତର କାନ୍ଦ ଉଠିଲା । ଭିତରୁ କ୍ରନ୍ଦନୋଚ୍ଛ୍ୱାସର କୋହ ଉଠୁଥାଏ ।

—କାଠଗଡ଼ା ଉପରେ ହାତ ରଖି ଭଙ୍ଗା ଗଳାରେ ଶଚିନ୍ଦ୍ର ବାବୁ କହୁ ଥାଆନ୍ତି—ଦେଶର ସ୍ୱାଧୀନ ପାଇଁ ଯେତେବେଳେ ଯୁଦ୍ଧ କରୁଚି, ମୁଁ ଯୋଦ୍ଧା ; ଖୁଣୀ କି ଗ୍ରେସ୍ତ ବା ଡକାୟତ କରନାହିଁ । ରାଜଦ୍ରୋହୀ ରାଜବନ୍ଦୀ ଅସାମୀ ହୋଇପାରେଁ ; କିନ୍ତୁ ହାତରେ ହାତକଡ଼ା ପିନ୍ଧାଇ ରାଜବନ୍ଦୀ ଉପରେ ଅଜସ୍ର କେତ

ପ୍ରହାର କରିବା ପୃଥିବୀର ଯେ କୌଣସି ସଭ୍ୟ ସମାଜ ଶାସନ ବିଧାନରେ ପଦ୍ଧତି ପ୍ରଚଳିତ ଅଛି କି ?

—ଇନ୍‌ସ୍‌ପେକ୍ଟର ବାବୁ ଜଣକ ଆଖି ମୁହଁ ରାଗରେ ନାଲି କରି ଶରତ୍ଚନ୍ଦ୍ର ବାବୁଙ୍କୁ କହିଲେ—ତମେ ଯେତେ ଯାହା କହିଗଲ, ସମ୍ପୂର୍ଣ୍ଣ ମିଥ୍ୟା ।

—ଶରତ୍ଚନ୍ଦ୍ର ବାବୁ ତାଙ୍କ ଉପରେ ରାଗ କରି କହିଲେ—ନିଶ୍ଚୟ ଏ କଥା ଆପଣ ଜାଣିଥିବେ ; ଯେଉଁମାନେ ପ୍ରକୃତ ଦେଶ-ସେବକ, ତ୍ୟାଗୀ, ଦେଶର ସ୍ୱାଧୀନତା ପାଇଁ ସତ୍ୟାଗ୍ରହ କରିବାକୁ ବାହାରିଛନ୍ତି, ସେମାନେ କେବେ ମିଥ୍ୟା କଥା କହି ମନରେ ହୀନତାକୁ ସ୍ଥାନ ଦେବାକୁ ଚାହାଁନ୍ତି ନାହିଁ । ମୁଁ ଯାହା କହିଲି, ସମ୍ପୂର୍ଣ୍ଣ ସତ୍ୟ । ତାର ପ୍ରମାଣ, ମୋ ପିଠିରେ ବସିଥିବା ବେତର ଦାଗ ଦେଖନ୍ତୁ ।

—ଶରତ୍ଚନ୍ଦ୍ର ବାବୁ ଏହା କହି ପିଠି ଦେଖାଇଲେ । ବେତ ମାଡ଼ରେ ପିଠି ଫାଟି ନୋଳା ବସି ଯାଇଛି । ମୁଁ ବଡ଼ ଆଶ୍ଚର୍ଯ୍ୟ ଓ ଲଜ୍ଜିତ ହେଲି—ଜଣେ ଶିକ୍ଷିତ ସରକାରୀ ଅଫିସରଙ୍କ ମୁହଁରେ ଏତେ ବଡ଼ ମିଥ୍ୟା କଥା ?

—ଲୋକନାଥ ଦାସ ହେଡ଼ଜମାଦାର ସରକାରୀ ଉକିଲ । ସେ ଥରେ ଅଧେ କେତୋଟା ମାମୁଲି ପ୍ରଶ୍ନ ଶରତ୍ଚନ୍ଦ୍ର ବାବୁଙ୍କୁ ପଚାରୁଥାନ୍ତି । ବର୍ତ୍ତମାନ ବହୁ ସମୟ ଯାଏ ଦେତେ କ'ଣ ଭାବି ଚିନ୍ତି ରାୟ ଶୁଣାଇଲେ—ଦୁଇବର୍ଷ କାଳ ଅଟକବନ୍ଦୀ ହୋଇ ଜେଲରେ ରହିବେ । ଶରତ୍ଚନ୍ଦ୍ର ମହାନ୍ତିଙ୍କୁ ଏହା ଶାନ୍ତିରକ୍ଷା ଦଫା ଅନୁସାରେ ଦଣ୍ଡାଦେଶ ଜାରି ହେଲା ।

—ଏବେ ଗାମରେ ଶଚନ୍ଦ୍ର ବାବୁଙ୍କର ଗୁହଅଡ଼େ ନାମ ହୋଇ ଗଲାଣି । ପ୍ରଦେଶରୁ ଓ ପ୍ରଦେଶ ବାହାରୁ ତାଙ୍କୁ ଲୋକେ ଧନ୍ୟ ଧନ୍ୟ କଲେଣି ।

—ଗୁହଠା ବାଳବାବୁ ସେଦିନ କଚେରୀ ଭାଙ୍ଗିଲା । ହାତରେ ହାତକଡ଼ା ପିନ୍ଧେଇ ଅଣ୍ଟାରେ ଦଉଡ଼ି ବାନ୍ଧି ପୁଲିସବାଲା ମାନେ ତାଙ୍କ ଆଗ ପଛରେ ଜଗୁଆଳି ରହି କଚେରୀ ଭିତରୁ ବାହାର କରି ଆଣିଲା ବେଳେ ନାରଣ ଦାସଙ୍କର ଖୁଁ ଖୁଁ ଖଣ୍ଟିକାଶ ପଛରୁ ଶୁଣି ପର ଶଚନ୍ଦ୍ର ବାବୁ ଲେଉଟି ଅନେଇଲେ, ଆମ ଉପରେ ତାଙ୍କ ଦୃଷ୍ଟି ପଡ଼ିବା ମାତ୍ରେ ମଉଳି ଯାଇଥିବା ମୁହଁ ଆନନ୍ଦରେ ଉଜ୍ଜଳ ଉଠିଲା ।

—ଶଚନ୍ଦ୍ର ବାବୁଙ୍କର ଅଖିଆ ଅପିଆ ମଉଳ ରୂପ ଭେକ ଦେଖି ମୋର ହାଙ୍କାର ଉଡ଼ି ଯାଉଥାଏ । ପେଟ ଭିତର ଗୋଳେଇ ଘାଣ୍ଟି ହୁଏ । ଛାଦର କୋହ ଗୁଡ଼ ଫଟାଉଥାଏ । ମୋହନ ଦାସେ ଜପ୍ପୀ ମହାନ୍ତିଙ୍କୁ ପଗୁରିଲେ—ହାକିମ କ'ଣ ରାୟ ଦେଲେ ?

—ଜପ୍ପୀ ମହାନ୍ତି ତାଙ୍କୁ ବୁଝାଇ କରି କହିଲେ—ଶଚନ୍ଦ୍ର ବାବୁଙ୍କୁ ଦୁଇବର୍ଷ ହାଜତରେ ବନ୍ଦୀ ରଖାଯିବା ପାଇଁ ହାକିମ ରାୟ ଦେଇଛନ୍ତି । କଚେରୀରେ ଯାହା ତ ହେବାର ହେଲା, ଦେଖି-ନେବା ଚାଲ ! ତେଣିକି ଯାହା ହେଉ । ଆଜି ସବୁ ଆଗରୁ ପାଣିଆ ଡ୍ରାଇଭର ମଟରରେ ଚାଲି ଗଲେଣି ।

## ✱ ତେର ✱

—ଶରତ୍ ବାବୁଙ୍କ ଭ୍ୟାନ୍‌ରେ ଧୁରଇ ବନ୍ଧୁକଧାରୀ ପୁଲିଶ ଜଗୁଆଳରେ ଛଠିଙ୍କ ନିଆ ଯାଉଥାଏ । ଡ୍ରାଇଭର ଖୁବ୍ ଜୋରରେ ଗାଡ଼ି ଚଳାଉଛି ।

—କିଛି ଦୂର ଯାଇ ଚନ୍ଦନପୁର ଠାରେ ସେ ଦେଖିଲା, ଆଗରେ ଏକ ମହା ବିପଦ ; ଜଗନ୍ନାଥ ସଡ଼କ ଉପରେ ରେଲବ ଲେଭେଲ୍ କ୍ରସିଂ ଗେଟ୍ ବନ୍ଦ । ବର୍ତ୍ତମାନ ରେଲ୍ ଆସିବାର ସମୟ ନୁହେଁ, ସିଗ୍‌ନାଲ୍ ବାଲା ଗଲା କୁଆଡ଼େ ? ଡ୍ରାଇଭର କେତେଥର ହର୍ଣ୍ଣ ଦେବା ପରେ କେହି ନ ଆସିବାର ଦେଖି ଦାରୋଗା ବାବୁଙ୍କୁ କହିଲା—ସିଗ୍‌ନାଲ ଗେଟ୍ ପକେଇ ଦେଇ ଗେଟ୍‌ମ୍ୟାନ୍ କେଉଁଠି ଯାଇ ବସିଛି । ଛଠିଙ୍କ ଏଇଠୁ ଗଦାଏ ବାଟ ଯିବାକୁ ହେବ ଅଞ୍ଚ ।

—ଭ୍ୟାନ୍‌ରୁ ଓହ୍ଲେଇ ପଡ଼ି ଦାରୋଗା ବାବୁ କହିଲେ—ଅଚ୍ଛା, ମୁଁ ଦେଖୁଛି ।

—ସୂର୍ଯ୍ୟ ଅସ୍ତ ହୋଇ ଗଲେଣି, ସେତେବେଳକୁ ମାଇ ସଞ୍ଜ ବେଳ ହେବ । ସବୁକାଳେ ପୁଲିଶବାଲାଙ୍କ ମିଜାଜ ଗରମ । କିଏ ସିନା ତଲୁଆଲରେ ମୁଣ୍ଡ କାଟେ, କିନ୍ତୁ ହାତରେ ମୁଣ୍ଡ କାଟିବାର କ୍ଷମତା ଏମାନଙ୍କର ରହିଛି ।

—ଖଣ୍ଡେ ଦୂରରେ ଗୋଟି ଗୋଟଠ ଅଣି ଜଣେ ସତୁରୀ ପଞ୍ଚସ୍ତରୀ ବର୍ଷର ବୁଢ଼ା ଗେଟ୍ ଅଗରେ କେଜାଣି କେତେବେଳୁ ଠିଆ ହୋଇଛି । ଦାରୋଗା ବାବୁଙ୍କର ଧମକ୍, ବଡ଼ ପାଟିର ଚିତ୍କାର ଶୁଣି ଭୟରେ ଅଚର୍ଚ୍ଛା ହୋଇ ମୁହଁଟାକୁ ଶୁଖିଲା କରି ଡର ଡର କହିଲା—ବାଉଳା ହେଲେ କି ବାବୁ ? ମୁଁ ଡାକି ଡାକି ଥକି ଗଲିଣି, ତାର ଦେଖା ଦର୍ଶନ ନାହିଁ । ମୁଁ ପରା ଦୁଇ ଘଣ୍ଟା ହେଲା ଆସି ଏଠି ଠିଆ ହୋଇଛି ! ଦେଖନ୍ତୁନା ବାବୁ, ହେଇ ଯେଉଁ ଘର ଦେଖା ଯାଉଛି—ସିଏ ସେଇ ଘରେ ଶୋଇଥିବ ।

—ଦାରୋଗା ବାବୁ ବୁଢ଼ା ମୁହଁକୁ ଗୁହିଁ କହିଲେ—ହେ ବୁଢ଼ା ! ଗୁଲେ ତ ଦେଖି, ସେ କେଉଁ ଘରେ ଶୋଇଛି । ଏହାର ପ୍ରତିଫଳ ତାକୁ ନ ଦେଇ ଗ୍ଲଡ଼ିବି ନାହିଁ ।

—ଆଜ୍ଞାଧୀନ ଭୃତ୍ୟ ପରି ଦାରୋଗା ବାବୁଙ୍କ ମୁହଁକୁ ନ ଗୁହିଁ ସେ ଉତ୍ତର କଲା—ଅପଣ ମୋ ସାଙ୍ଗରେ ଅସୁ ନାହାନ୍ତି ଆଜ୍ଞା ! ଏଇ ପରା ସେଇ ଘରଟା ଦିଶୁଛି !

—ଦାରୋଗା ବାବୁ ବୁଢ଼ାର ପଛେ ପଛେ ସେ ଘର ପର୍ଯ୍ୟନ୍ତ ଯାଇ ଦେଖିଲେ—ଘର ଭିତରେ ଗେଟ୍‌ବାଲା ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଛି । କବାଟ ବାଡ଼େଇ ଡାକିଉଲା—ଘରେ କିଏ ଅଛରେ, କବାଟ ଫିଟାଅ ।

—ଧକ୍କା ମାରିବାରୁ ଅଉଜା କବାଟଟା ଖୋଲିଗଲା । କ୍ରୋଧକଷାୟିତ ଅଖି କରି ଘର ଭିତରକୁ ସେ ପଶିଗଲେ । ତାହାକୁ କୌଣସି କଥା ପଚରା ଉଚରା ନାହିଁ । ନାରଣ ଦାସ, ଉଦ୍ଧବ ମଲିକ, ଦୁଇ ଜଣଯାକ ଲମ୍ବିଲା ହାତ ବଲୁଆ ବାହୁରେ କୁଣ୍ଡେଇ ଚୁଣ୍ଡେଇ ଜୋର ଜବରଦସ୍ତି କରି ଧରି ପକାଇଲେ । ଦାରୋଗା ବାବୁ ବଡ଼ ଚତୁର ପଣ କରିବାରୁ ଇଚ୍ଛା କରି ସିପାହୀଙ୍କୁ

ଝିଲ୍ଲୀର ଢର ଜାଣିବା ପାଇଁ ମୁହଁ ପଛକୁ ବୁଲାଇଲି ବେଳେ ପ୍ୟାରୀ ସ୍ୱାମୀ ତାଙ୍କ ପାଟିକୁ ଚିପି ଧରି ନାକରେ କ୍ଲୋରଫର୍ମ ଦିଆ ରୁମାଲ-ଟାଏ ଚିପି ଦେଲା ।

—ଦାରୋଗା ବାବୁ ସଙ୍ଗେ କିଛି ସମୟ ଧସ୍ତାଧସ୍ତି ବିଧା ଗୋଇଠା ମୁଥ ମରାମରି ହୋଇ ଯିବା ପରେ ତାଙ୍କୁ ତଳେ ପକାଇ ହାତ ଗୋଡ଼ ବାନ୍ଧି ପକାଇଲେ । ସେତେବେଳକୁ ଦାରୋଗା ବାବୁ ବେହୋସ ହୋଇ ପଡ଼ିଲେଣି । ନାରଣ ଦାସ ତାଙ୍କ ପାଖରେ ଥିବା ରିଭଲଭର୍‌କୁ କାଢ଼ି ନେଲେ ।

—ସଞ୍ଜ ହେବାର ସଙ୍ଗେ ସଙ୍ଗେ ଆସିଲା ଅକାଳ ଝଡ଼ । ତା' ସାଙ୍ଗରେ ପୁଣି ଅଜସ୍ର ବର୍ଷା । ସାଇଁ ସାଇଁ ବତାସୀ ପବନ ବହି-ବାରୁ ଗଛ ଲତା ମୁଣ୍ଡ ତଳେ ପିଟି ହୋଇ ପଡ଼ୁଥାଏ । ଘଡ଼ି କି ଘଡ଼ି ଘଡ଼ଘଡ଼ି ଚଡ଼କ ମାରୁଥାଏ । ଅନ୍ଧାରରେ ମୁହଁକୁ ମୁହଁ ଦିଶୁ ନାହିଁ । ଯିଏ ପଦାଧିକାର ପ୍ରତୀକ, ସେ ଆଜି ଚୋରଙ୍କ ଭଳି ହାତ-କଡ଼ି ପିନ୍ଧି କଇଦୀଖାନାକୁ ଯାଉଛନ୍ତି ।

—ଶରତ ବାବୁ ବସିଥିବା ଭ୍ୟାନ୍ ପାଖକୁ ଦଉଡ଼ି ଗଲି । ମୋ ପଛରେ ପ୍ୟାରୀ ସ୍ୱାମୀ ଗଲା । ଦୁଃଖ ଉଦ୍‌ବେଗ, ଅଜଣା ଭୟ ପ୍ରମାଦ ଆଶଙ୍କାରେ ଥରିଲା ଥରିଲା ସ୍ୱରରେ ତାଙ୍କ ଆଖି ଉପରେ ଆଖି ରଖି କହିଲି—ମଣିଷ ମନ ଚାହିଁଲେ କ'ଣ ନ କରିପାରେ ? ପ୍ରଜା ମିଳିଲେ ରଜା କିବା ଛାର ! କ'ଣ ଦେଖୁଛ ମ—ଚାଲ, ପଳେଇ ଚାଲ !

—ପ୍ୟାରୀ ସ୍ୱାମୀ ମୁଁ ଧଡ଼ ପଡ଼ ହୋଇ ସିପାହୀ ଦୁଇଜଣଙ୍କ ହାତରୁ ବନ୍ଧୁକ ଦୁଇଟା ଛଡ଼େଇ ଆଣିଲୁ । ତା' ହାତରେ ଥିବା ବନ୍ଧୁକଟା ମୋ ହାତକୁ ବଢ଼ାଇ ଦେଇ ପ୍ୟାରୀ ସ୍ୱାମୀ ଦୁଇ ହାତରେ

ଦୁଇଟା ସିପାହୀଙ୍କୁ ଶୂନ୍ୟେ ଶୂନ୍ୟେ ଟେକି ଆଣି ଭଳେ କରୁଣ ଦେଲା । ସେତେବେଳକୁ ରାତି ପହରେ ହେଲାଣି । ବର୍ଷା ଖୁବ୍ ଛୁଟୁଚି ।

—ଶଚୀନ୍ଦ୍ର ବାବୁଙ୍କୁ ଏ ଘଟଣା ବୁଝିବାକୁ ଅଉ ଡେରି ହେଲା ନାହିଁ । ହାତକଡ଼ି ପଡ଼ିଥିବା ଅବସ୍ଥାରେ ସେ ଭ୍ୟାନ୍‌ରୁ ତଳକୁ ଡେଇଁ ପଡ଼ିଲେ ।

—ଯୁଦ୍ଧଂଦେହି ନାରଣ ଦାସଙ୍କୁ ସ୍ଥିର ମରଣ ଶିରଜନତ କରିଥିଲା । ଅଉ କେତେ ଜଣ କଂଗ୍ରେସ କର୍ମୀଙ୍କ ସଙ୍ଗେ ନାରଣ ଦାସ ବୀରମୂର୍ତ୍ତି ଧରି ଅସି ଅମ ଆଗରେ ଠିଆ ହେଲେ । ଶଚୀନ୍ଦ୍ର ବାବୁଙ୍କ ହାତକଡ଼ି ଉପରେ ନଜର ପଡ଼ିବାରୁ ରିଭଲ୍‌ଭର୍‌ଟି ଆଗେଇ ଧରି ବଜ୍ର ଗମ୍ଭୀର ସ୍ୱରରେ ସିପାହୀଙ୍କୁ ପଚାରିଲେ—ହଇ ହେ, ହାତକଡ଼ା ଚାବି କାହା ପାଖରେ ଅଛି, ଭଲ ଦଶା ଥିଲେ ଶୀଘ୍ର ଖୋଲିଦଅ, ନଚେତ୍……

—ଜଣେ ସିପାହୀ ଭୟରେ ଥରହର ହୋଇ ଆସି ଚାବିରେ ଶଚୀନ୍ଦ୍ର ବାବୁଙ୍କ ହାତକଡ଼ି ଖୋଲି ଦେଲା । ପଛୁ ମିଶେ ପୁଲିସ ବାଲାଙ୍କୁ ଚାହିଁ କହିଲେ—ଯାହା ତ ହେବାର ହୋଇ ସାରିଲାଣି, ଏଖଣି ବିଦାୟ ହୁଅ ।

—ମୂର୍ଚ୍ଛିତ ଅବସ୍ଥାରେ ଦାରୋଗା ବାବୁଙ୍କୁ ହାତ ଗୋଡ଼ ବାନ୍ଧି ଦୁଇ ଜଣ ଲୋକ ଟେକି ଆଣି ଭ୍ୟାନ୍ ଭିତରେ ପୂରାଇ ଦେଲେ । ନାରଣ ଦାସ ବେଖାତିର ହସଟାଏ ହସି ଡ୍ରାଇଭରକୁ କହିଲେ—ଏବେବ ଏ ଦେଶରେ କିଏ କମିତ ମଣିଷ, ଇଂରେଜ ସରକାର ଚାକରୁ । ତମେ ଗାଡି ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇଯାଅ ।

—ନାରଣ ଦାସଙ୍କ ଠାରୁ ଏକଥା ଶୁଣି ଡ୍ରାଇଭର ଅବାକ୍ ହୋଇଗଲା । ଏମାନେ ଯାହା କରିଥିଲେ, ଆମେ କ'ଣ ଅଉ

ସଂସାରରେ ବଞ୍ଚି ରହିବାର ଆଶା ଥିଲା ?

—ଡ୍ରାଇଭର ଗାଡି ଚଳେଇ କହିଲା—ଏତେ ସମୟ ପରେ ସ୍ୱଦେଶୀ ଡକାୟତଙ୍କ ଠାରୁ ପରିତ୍ରାଣ ମିଳିଲା । ସବୁ ସତ୍ୟାଗ୍ରହୀ କର୍ମୀ ଏକାଠି ହୋଇ ଶରତ୍‌ଚନ୍ଦ୍ର ବାବୁଙ୍କ ଗୃହ ଘିରି ଘେରି ଠିଆ ହୋଇଛନ୍ତି । ତାଙ୍କ ଆନନ୍ଦ ଦେଖେ କିଏ ? ଏତେ ଦିନ କାଳ ଜେଲ୍‌ରେ ଭୋକ ଉପାସରେ ରହି ଆସିଲେ । ଭୋକିଲା ଶୁଖିଲା ଦେହ—ସେଥିରେ ପୁଣି ତାଙ୍କର ତେଜ ଦେଖ !

—ଅପଲକ ଆଖିରେ କେତେ ସମୟ ପର୍ଯ୍ୟନ୍ତ ଶରତ୍‌ଚନ୍ଦ୍ର ବାବୁଙ୍କୁ ଦେଖିଲି । ତଥାପି ମୋ ଅତୃପ୍ତ ପ୍ରାଣର ତୃପ୍ତି ହୁଏନା । ତାଙ୍କଠାରୁ ପଦେ କଥା ଶୁଣିଲେ, ତାଙ୍କ ଅଙ୍ଗସ୍ପର୍ଶ ପାଇଲେ ଏ ଦଗ୍‌ଧ ପ୍ରାଣ ଶୀତଳ ହେବ ।

—ଶରତ୍‌ଚନ୍ଦ୍ର ବାବୁ ମୋ ମୁହଁକୁ ଚାହିଁ କିଛି ନ ଜାଣିଲା ପରି ଛଳନା । କରୁଥିଲେ । ଶରତ୍‌ଚନ୍ଦ୍ର ବାବୁଙ୍କ ମନ-ଗହନର ଭାଷା ଗୋପନରେ ପ୍ରକାଶ କରୁଥିଲେ ମଧ୍ୟ, ତୁଣ୍ଡ ଖୋଲି କେବେ କହି ନାହାନ୍ତି ।

—ଏ ଖବରଟା ଆଖପାଖ ଗାଁ ଗୁଡ଼ାକରେ ଚହଲ ପଡ଼ି ଗଲାଣି । ଲୋକେ ଧାଇଁଚନ୍ତି, ଖବର କଣ ଶୁଣିବା ପାଇଁ ।

—ଶରତ୍‌ଚନ୍ଦ୍ର ବାବୁ ନାରଣ ଦାସଙ୍କୁ ଅକଟ ଭଲ ପରି କହିଲେ—ଦାସେ ଅଜ୍ଞା ! ଆପଣ ଗୋଟାଏ ବଡ଼ ନାଟକୀୟ କାମ କଲେ । ଆଗ୍ନେୟ ମାରଣାସ୍ତ୍ର ରିଭଲଭର ବନ୍ଧୁକ ଗୁଡାକ ତାଙ୍କ-ଠାରୁ ଛଡ଼େଇ ରଖୁଥିଲେ କାହିଁକି ? ସେ ଗୁଡ଼ାକ ପକାଇ ଦିଅନ୍ତୁ ! ଗାନ୍ଧୀଜୀଙ୍କ ଅହିଂସାର ମନ୍ତ୍ରଶିଷ୍ୟ ଆମେମାନେ । ହିଂସାତ୍ମକ କାମ ଆମେ କରିବା ନାହିଁ କି କାହାକୁ କରିବାକୁ ଦେବା ନାହିଁ । ମାଡ଼ ମାରିବା ଲୋକଟା ବଡ଼ ନୁହେଁ—ସହିବା ଲୋକଟା ବଡ଼ ହୁଏ ।

—ତେବେଲେ କଣ ହେଲା, ସଉଦାସ୍ମି ପୁଲିଶଙ୍କ ଅଗରେ ନାରଣ ବାବୁ କଣ କମ୍ ସାହସ ଦେଲେ ?

—ଶଚିନ୍ଦ୍ର ବାବୁଙ୍କ ସାଥୀରେ ତାଙ୍କ ଘରକୁ ଗଲି । ସେଦିନ ସାତରେ ତାଙ୍କ ସହିତ କେତୋଟି ମୁହୂର୍ତ୍ତ କଟାଇବାର ଲାଳସା ଏଡ଼ାଇ ପାରିଲି ନାହିଁ । ସେ ପାଖରେ ବସିବାକୁ ଡାକିଲେ । ନୀରବରେ ତାଙ୍କ ପ୍ରସ୍ତାବକୁ ସମର୍ଥନ କରି ତାଙ୍କ ପାଖରେ ବସିଲି । କଣ କରିବି, ତାଙ୍କ କଥା ଭାଙ୍ଗି ପାରିଲି ନାହିଁ—ମତେ ବଡ଼ ଲାଜ ଲାଗୁଥାଏ ।

## * ଚଉଦ *

ନୈରାଶ୍ୟ ଜୀବନରେ ସବୁ ଆନନ୍ଦ ଉଭେଇ ଯାଏ । ବଞ୍ଚି-ବାଟା ଅଭିଶାପ ପରି ମନେ ହୁଏ । ବୃଥାରେ ଯା' ତା ଉପରେ ଅଭିମାନ ଆସେ । ନିଜର ଭୁଲ ତ୍ରୁଟି ନିଜ ଆଖିରେ ପଡ଼େ ନାହିଁ । ମଣିଷକୁ ଦୁଃଖ ଦୁର୍ଦ୍ଦଶା ପଡ଼ିଲେ ମଣିଷ ନିଜର ଭାଗ୍ୟକୁ ଦାୟୀ କରେ ।

—୨୯ ତାରିଖଦିନ ସକାଳୁ ଶୋଭାଯାତ୍ରା ବାହାରିବା ପ୍ରସ୍ତାବ ଠିକ ହୋଇଛି । ଉତ୍ସାହର ସହିତ ଆଜିକାର ସତ୍ୟାଗ୍ରହ ଅଭି-

ସ୍ଥାନକୁ ସାଫଲ୍ୟମଣ୍ଡିତ କରିବାକୁ ହେବ । ପ୍ରାୟ ଗ୍ରାମର ଯୁବକ କର୍ମୀମାନେ କଏ କୁଆଡ଼େ ଲୁଚି ଲୁଚି ବୁଲୁଚନ୍ତି । ପୁଲିଶବାଲାଙ୍କ ଦୁର୍ଦ୍ଦାନ୍ତ ଅତ୍ୟାଚାରକୁ ସମସ୍ତଙ୍କର ଡର । ଶଶିନ୍ଦ୍ର ବାବୁଙ୍କ ସଙ୍ଗେ ହଂସପଡ଼ା ଭଗ୍ଗବ ମଲିକ ଦୁଆର ଦୁଆର ବୁଲି ଡାକୁଚନ୍ତି । ଲୋକଙ୍କୁ ବୁଝାଇ ଭାଇ ଭଉଣୀ ସମ୍ବୋଧନ କରି କହୁଚନ୍ତି—

—ତମମାନଙ୍କର ଆଖି ଥାଉ ଥାଉ କଣ ଅନ୍ଧ ? କଣ କିଛି ଦେଖି ପାରୁନାହିଁ ? ଇଂରେଜୀର ଷଡ଼ଯନ୍ତ୍ରରେ ପୁଲିଶମାନେ ଘରେ ଘରେ ନିଆଁ ଲଗାଇ ଜାଳନ୍ତି। ନିଆଁରେ ମଣିଷକୁ ପୋଡି ମାରୁ-ଚନ୍ତି । ଗଡ଼ଜାତ ପ୍ରଜା ଆନ୍ଦୋଳନ ବେଳେ ନଣ୍ଡଘାଟ ପାରି ନ କରିବାକୁ ଏଇମାନେ ଅମ ବାଜିଆ ଭାଇକୁ ମାରିଥିଲେ ? ଏଇ-ମାନେ ପରା ବୀର ଶହୀଦ ବାହୁବଲୀନ୍ଦ୍ର, ଗୁଣ୍ଡି ଖୁଣ୍ଟିଆ, କବି ଜଗବନ୍ଧୁ, ଶୁକଦେଇ ପ୍ରଭୃତି ଦେଶର ସ୍ୱାଧୀନତା ପାଇଁ ଯେଉଁ ଆନ୍ଦୋଳନ କରିଥିଲେ—ସେମାନଙ୍କ ପ୍ରତି ବ୍ୟଭିଚାର କରି ମାରି-ଚନ୍ତି । ଏ ଓଡ଼ିଆର ରକ୍ତଜାତ ସନ୍ତାନମାନେ କାପୁରୁଷ ନୁହନ୍ତି ?

—ସ୍ୱଜାତୀୟ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖି, ଯେଉଁଜାତିର ଲକ୍ଷ ଲକ୍ଷ ଲୋକ ମରଣକୁ ତୁଚ୍ଛ ଜ୍ଞାନ କରି ବୀର ଦର୍ପେ ଯୁଦ୍ଧ ଭୂଇଁରେ ମାତୃଭୂମିର ସ୍ୱାଧୀନତା ରକ୍ଷା ପାଇଁ ପ୍ରାଣ ଦେଇଥିଲେ—ଯେଉଁ-ସତ୍ୟାଗ୍ରହ କର୍ମୀମାନେ ଗିରଫ ହୋଇ କଏଦୀଖାନାରେ ସଡୁଚନ୍ତି, ସେମାନଙ୍କ ପ୍ରତି ବିଶ୍ୱାସଘାତକତା ନ କରି ଜୀବନକୁ ମୁକ୍ତି ଦେଇ ବାହାରି ଅସ । ତମେମାନେ ଯଦି ଦେଶ ପାଇଁ ନ ବାହାରିବ, ଅଉ ବାହାରିବ କିଏ ?

—ଦେଖୁ ଦେଖୁ ଗାଁ ଦାଣ୍ଡରେ ଦଳେ ଦଳେ ଲୋକ ଜମିବାକୁ ଲାଗିଲେ । ସମସ୍ତଙ୍କ ଓଠରେ ଉତ୍ସାହିତ ହସ । ମୁହଁରେ

ଫୁଟି ଉଠୁଛି ବିସ୍ମୟର ଭାବ । ସ୍ୱରାଜ ଆକାଂକ୍ଷାରେ ସଭିଙ୍କ ମନ ଛଟପଟ ହେଉଛି ।

—ଏତେ ଲୋକଙ୍କ ଠେଲାପେଲା ମଝିରେ ଶଶିନ୍ଦ୍ର ବାବୁ ସ୍ଥିର ହୋଇ ଠିଆ ରହି କହିଲେ—ବର୍ତ୍ତମାନ ପଛକୁ ଗୁହିଁବାର ବେଳ ନୁହେଁ । ଅଭ୍ୟାଗ୍ରହୀ ଇଂରେଜୀର ଦୁର୍ଭେଦ୍ୟ ଚକ୍ରବ୍ୟୂହକୁ ଭେଦ କରିବାକୁ ହେବ । ତେବେ ଯାଇ ବିଦେଶୀ ରାଜଦଣ୍ଡ ଅପସାରିତ କରି ଆମେମାନେ ଏ ଦେଶରେ ଧର୍ମ ନିରପେକ୍ଷ ରାଷ୍ଟ୍ର ସ୍ଥାପନ କରି ପାରିବା ।

—କହି କହିକା ଶଶିନ୍ଦ୍ର ବାବୁ ଅଶାନଶ୍ୱାସୀ ହୋଇ ଆମ ଦାଣ୍ଡ ପିଣ୍ଡାରେ ଆସି ବସି ପଡ଼ିଲେ । ଯୁଆଙ୍କ କୁହାଳିଆପଣ ଦେଖି ଲୋକମାନେ ବାହାବା କହିଲେ । ଏଥର ସବୁ ଲୋକଙ୍କର ମନର ସାହସ ଟିକିଏ ବଢ଼ି ଯାଇଛି ।

—ଆଜିକି ତିନି ଦିନ ହେଲା ଶଶିନ୍ଦ୍ର ବାବୁ ଆମ ଘରକୁ ଆସି ନାହାନ୍ତି । ଗତ କଥା ମନେ ପକେଇଲେ ଲାଭ ନାହିଁ । କିନ୍ତୁ ମନରୁ ଭୁଲି ହୁଏନା । ତାଙ୍କ ମୋ ଭିତରେ ଭଲ ପାଇବା ଆଉ କେତେ ହସ କଉତୁକ କଥା ସବୁ ମନେ ପଡ଼ି ଯାଉଛି । ମତେ ସେ ଭଲ ପାଉଥିବା କଥା କାହାରିକୁ ଅଛପା ନାହିଁ । ତାଙ୍କର କେଉଁ ପ୍ରସ୍ତାବରେ କେବେ ମୁଁ ଅମଙ୍ଗ ହୋଇ ନ ଥିଲି ।

—ଏବେ ଦେଖୁଛି ସ୍ୱରାଜ୍ୟ ସତ୍ୟାଗ୍ରହରେ ମାତିଲା ଦିନଠାରୁ ତାଙ୍କର ମୋ ପ୍ରତି ଉଦାସୀନ ଭାବ । ସେ ମତେ ଯେତେ ଅନାଦର କଲେ ବି, ମୁଁ ତାଙ୍କୁ ଭଲ ନ ପାଇ ରହିପାରିବି ନାହିଁ । ମୁଁ ତାଙ୍କର ପ୍ରେମର ବନ୍ଦିନୀ । ଜାଣେନା—ମୋ ବିରହ ଆଶା କେବେ ପୂରଣ ହେବ କି ନା ? ତଥାପି ମୁଁ ତାଙ୍କୁ ଭଲ ପାଏ । ଆଦର କରେ । ତାଙ୍କର ନାଆଁଟି ମୋର ଦିନରାତି ଜପାମାଳି

ହୋଇଛି । ଦୁନିଆରେ ତାଙ୍କ ବ୍ୟତୀତ ମୋର ଆଉ କିଏ ସମ୍ବଳ ଅଛି ? ବରଷକୁ ବରଷ ଧୋଇ ମନ୍ଲୁଡ଼ି ଲାଗିଛି । ଭାଗ ଧାନକୁ ଭରସା ନ ଥାଏ । ଭାଗ ଚୂଷୀଏ ଯାହା ଦେଲେ ସେତିକି । ଚିଲ୍ଲି ଭାଇଙ୍କୁ କେତେ କେତେ ଅଭାବ ତାଡ଼ନା ମୁଁ ସହୁଛି ; ଭୋକ ଉପାସରେ ଦିନ କଟି ଯାଉଛି । ବୋଉ ମଲ ଦିନଠାରୁ ଦିନେ ରାନ୍ଧିଲେ ଗୁଡ଼ ଦିନ ଖାଉଛି ତାକୁ । କେବଳ ତାଙ୍କର ଭରସାରେ ଜୀବନ ରଖିଛି । ସେ ଭଲରେ ରହନ୍ତୁ—ତାଙ୍କର ଅଧିକରୁ ଅଧିକ ହେଉ, ଏହାହିଁ ମୋର କାମନା ।

× × × ×

ବଦୁଦିଅ ଦ'ପହର । ଭୋଦୁଅ ମାହର ଗୁଇଁ ଗୁଇଁଆଁ ଖରା ; ଆକାଶରେ ମେଘ ; ମେଘ ଫାଙ୍କରେ ଖରା । ପୁଣି ଛାଇ, ପୁଣି ଖରା । ବଢ଼ ଗୁଳୁଗୁଳିଆ ଗରମ ପଡ଼ୁଛି ।

—ଲୁଣୁପୁର ହାଟ ତୋଠାରୁ ଅମ ଗୁଷୀ ମୂଲିଆ ମାନଙ୍କର ଗୋଟିଏ ଶୋଭାଯାତ୍ରା ବାହାରୁଛି । ଶଚନ୍ଦ୍ର ବାବୁ ଆଜି ଜୟକୃଷ୍ଣ ମହାନ୍ତି ଏ ଶୋଭାଯାତ୍ରାରେ ନେତୃତ୍ୱ କରୁଚନ୍ତି । ତାଙ୍କର ବଂଲିଷ୍ଠ ସ୍ୱାର୍ଥତ୍ୟାଗ ଓ ଅକ୍ଳାନ୍ତ ପରିଶ୍ରମରେ, ଏ ସତ୍ୟାଗ୍ରହ ଉଦ୍ଦେଶ୍ୟ ଅଜି ଉଦ୍‌ଯୋଗ । ଜନ୍ମଭୂମିର ସ୍ୱାଧୀନତା ଫେରାଇ ପରାଧୀନତା ଶୃଙ୍ଖଳରୁ ଦେଶବାସୀଙ୍କୁ ମୁକ୍ତ ଦେବା ।

—ଶଚନ୍ଦ୍ର ବାବୁଙ୍କ ବୋଉ ଏତେ ବୁଢ଼ୀଏ ସନ୍ତାନର ଶକ୍ତିରୂପିଣୀ ମାଆ ଭଳି ଶୋଭାଯାତ୍ରାର ପଛରେ ରହି ଡାକ ଛାଡୁଥାଆନ୍ତି— ଇଂରେଜୀ ଭାରତ ଛାଡ଼, ଇନ୍‌କ୍ଲାବ ଜିନ୍ଦାବାଦ ।

—ଯୁଗ ଯୁଗ ଧରି ଟେଙ୍ଗା ହାତରେ ନାଲି ଆଖି ଦେଖାଇ ମଣିଷ ଉପରେ ମଣିଷ ରାଜୁତି କରି ଆସିଥିଲା । ସେ ପୁରୁଣା ମର-ହଟିଆ ଯୁଗ ଏବେନେ ଓଲଟିଛି । ତାଙ୍କ ସାଙ୍ଗରେ ହଜାର ହଜାର ଲୋକ ପାଟି କରି କହୁ ଥାଆନ୍ତି—

ଇଂରେଜୀ ଭାରତ ଛାଡ଼, ସ୍ୱାଧୀନ ଭାରତ ଜିନ୍ଦାବାଦ୍ !

—ଧୀର ଦର୍ପରେ ଶୋଭାଯାତ୍ରାକାରୀ ଦଳଟି ଆଗେଇ ଗୃଲି-ଚନ୍ତି । ପ୍ୟାରୀ ସ୍ୱାଇଁ ସିଅଜୁ ଜଣେ ଦେଖି ଆସି କହିଲା—

—ଥାନା ଦାରୋଗା ପ୍ରାୟ ଶହେ ଜଣ ବନ୍ଧୁକଧାରୀ ସିପା-ହୀଙ୍କୁ ସାଥୀରେ ଧରି ଏଣିକି ଆସୁଛି ।

—ଶରତ୍ଚନ୍ଦ୍ର ବାବୁ ତାଙ୍କ କଥାର ଅର୍ଥ ବୁଝି ପାରି ଖୁସି ହସ-ଟାଏ ହସି ଦେଇ କହିଲେ—ତୋ ପାଟି କାହିଁକି ଗଲା ମାରି ଯାଉଛି କିରେ ? ପୁଲିସ ଆସୁଛି ତ, କଣ ହେଲା ?

—ଦାରୋଗାଙ୍କ ସହିତ ଲାଠି ବନ୍ଧୁକଧାରୀ ପୁଲିସ ଦଳ ଶୋଭାଯାତ୍ରା ଆଗକୁ ଆସି ବାଟ ଓଗାଳି ଠିଆ ହେଲେଣି । ଦାରୋଗା ବାବୁ ତମି ତୋଫାନ ଦେଖାଇ ଧମକେଇ କହିଲେ—୧୪୪ ଧାରା ନିଷେଧାଜ୍ଞା ଏଠାରୁ ଜାରୀ କରା ଯାଉଛି । ସରକାରଙ୍କ ବିନା-ନୁମତିରେ ଆଉ ଆଗକୁ ଆଗେଇ ପାରିବ ନାହିଁ—ଭଲ ମନରେ କହୁଛି, ଫେରି ଯାଅ !

—ଶରତ୍ଚନ୍ଦ୍ର ବାବୁଙ୍କ ବୋଲ୍ସ ସମସ୍ତଙ୍କ ଆଗକୁ ବଳି ପଡ଼ି ଦାରୋଗାଙ୍କ ସହିତ ପ୍ରତିବାଦ କରି କହିଲେ—ତମ ଇଂରେଜୀ ସରକାରଙ୍କର ଅନୁମତି ଆମର ଲୋଡ଼ା ନାହିଁ । ମହାତ୍ମାଜୀଙ୍କ ଆଦେଶ ଆମେ ପାଇଛୁଁ ବାବୁ ! ଏ କଥା ସେ ଆମକୁ ଜଣେଇ ଦେଇଛନ୍ତି—ଦେଶର ଜନସାଧାରଣ ! ଦେଶକୁ ସ୍ୱାଧୀନ କର ନୋହିଲେ ମର । ଆମେ ଭାରତବାସୀ ସମସ୍ତେ ଯୁଦ୍ଧ ସୈନିକ !

—ମୃତ୍ୟୁ ଆଗରେ ଠିଆ ହୋଇ ମାଇପିଟାର ଏପରି ନିର୍ଭୟ କଥା ଦାରୋଗାଙ୍କୁ ଅସହ୍ୟ ବୋଧ ହେଲା ।

—ପ୍ରଥମେ ପ୍ରଥମେ ଦେଶ ସ୍ୱାଧୀନତା କଥା ଶୁଣିଲେ ଲୋକେ ହସି ଉଡ଼େଇ ଦେଉଥିଲେ । ଯେଉଁ ଗୁଡ଼ାକ ମଳମୂତ୍ରିଆ, ଚଷାଭୂଷା ମୂଳିଆ ; ଯାହାଙ୍କ ବାପ ଅଜା ସାତପୁରୁଷ ଅ, ଆ, କ, ଖ ଚିହ୍ନନ୍ତିନି—ଆଜି ସେଇ ସବୁ ଲୋକେ ଦେଶକୁ ସ୍ୱାଧୀନ କରିବେ ?

—ଶୋଭାଯାତ୍ରାକାରୀ ଦଳ ନିଷେଧାଜ୍ଞା ଜାରି ହୋଇଥିବା ସୀମା ପାର ହୋଇ ଆଗେଇ ଚାଲିଚନ୍ତି—ପୁଲିଶ ଥାନା ଆଡ଼କୁ । ଆଜି କିଏ କେଉଁ ଜାତି, କାହା ଘର କେଉଁଠି, କାହାର କାହାକୁ ପଚରି ଲୋଡ଼ା ନାହିଁ । ଶହ ଶହ କଙ୍କାଳମୂର୍ତ୍ତି ସ୍ତ୍ରୀ ପୁରୁଷ, ସମସ୍ତଙ୍କର ଜନ୍ମଭୂମି ଏ । ଭାରତ କ୍ଷେତ୍ରରେ ଜାତି ଧର୍ମ ଭେଦାଭେଦର ଦ୍ୱନ୍ଦ୍ୱ ନାହିଁ । ଭାରତର ସ୍ୱାଧୀନତା ପାଇଁ ସମସ୍ତେ ଘର ଦୁଆର ଛାଡ଼ି ବାହାରିଚନ୍ତି ।

—ଦାରୋଗା ଝିଙ୍କଠାଳ ମୁହଁ କରି କର୍କଶ ସ୍ୱରରେ ସତର୍କ ବାଣୀ ଶୁଣାଉଚନ୍ତି—

—ଆଉ ଆଗକୁ ଆଗେଇଲେ ବିପଦ । ସେଇଠୁ ଫେର ! ନୋହିଲେ ବାଧ୍ୟ ହୋଇ ଆମକୁ ଗୁଳି ଚଳାଇବାକୁ ପଡ଼ିବ ।

—ସରଳ ବିଶ୍ୱାସୀ ହିଁସପଡ଼ା ଉଚ୍ଛବ ମଳିକ ରକ୍ତ ବର୍ଣ୍ଣ ଆଖିରେ ଦାରୋଗାଙ୍କୁ ଅନାଇଲା । ମୁହଁରେ ଫୁଟି ଉଠୁଥି ତାର ଦୀପ୍ତିପୂର୍ଣ୍ଣ ହସ । ଖୁସିର ଆଭା ।

—ଶାନ୍ତ କଣ୍ଠରେ ସେ କହିଲା—ସ୍ୱାଧୀନତା ଆନ୍ଦୋଳନ ହେବାରୁ ଦେଶବାସୀଏ ବୁଝି ପାରିଲେଣି—ଏ ଦେଶଟା ଆମର । ଇଂରେଜ ଭାରତ ଛାଡ଼ି ଚାଲିଯାଉ !

—ସ୍ୱଗରେ ଦାରୋଗାଙ୍କର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥର ଥର ହୋଇ କମ୍ପୁଥାଏ । ଦାନ୍ତରେ ଦାନ୍ତ ଘୁଷି ସେ କହିଲେ—ବାରମ୍ବାର ବୁଝାଇ କହିଲେ ସୁଦ୍ଧା ନବାବପୁତ୍ର ମାନେ ଶୁଣୁ ନାହାନ୍ତି । ଏବାର ଗୁଳି ଚଳାଇ ଏମାନଙ୍କର ପ୍ରତିରୋଧ କର !

—ଦାରୋଗାଙ୍କ ମୁହଁରୁ କଥା ନ ସରୁଣୁ ବନ୍ଧୁକର ଗୁଳିଫୁଟା ଆବାଜ ସଙ୍ଗେ ସଙ୍ଗେ ଜହ୍ଲବ ମଳିକ ଶାଳଗଛ ପରି ଟୋବାଠାର ଓସାରିଆ ଛାତିରେ ଆସି ଗୋଟାଏ ଗୁଳି ବାଜିଗଲା । ଜହ୍ଲବ ମଳିକ ଛାତିରେ ବାଜିଥିବା ଗୁଳିର କ୍ଷତ ସ୍ଥାନକୁ ସେ ଦୁଇ ହାତରେ ଚିପି ଧରିଥାଏ । ମୁହଁରେ ବେଦନାର ଭାବ ଫୁଟି ଉଠୁଛି ।

—କେତେ ବାହାଦୁରି କାମ କଲ ପରକା ଗର୍ବରେ ହସି ହସି ସେ କହିଲା—ମନ ଦମ୍ଭ କର ! ମରିଲେ ମରିବା ପଛକେ ଦେଶ ସ୍ୱାଧୀନହେଉ । ଆଗେ ଦୁଃଖ, ପଛେ ସୁଖ । ମୋ ହାତରେ ଗୋଟାଏ ଠେଙ୍ଗା ଥିଲେ, ପୁଲିଶ ତ ପୁଲିଶ ; ପୁଲିଶର ଗୋସେଇଁ ବି ପାଖରେ ପଶି ପାରନ୍ତା ନାହିଁ । ସ୍ୱରାଜ୍ୟ ପାଇଁ କାମ କରୁ କରୁ ଯେ ମରିବ—ସେ ମରଣ-ଜୟୀ !

—କହୁ କହୁ ତା ତୁଣ୍ଡ ଖିଳ ମାରିଗଲା । ଏତେ ବଡ଼ ଦମ୍ଭିଲା ବଳୁଆ ମଣିଷଟା, ଆଜି ସେ ଛିଡ଼ା ହୋଇ ପାରୁନାହିଁ । ଗୋଡ଼ ହାତ କମ୍ପୁଚି, ମୁଣ୍ଡ ଘୁରୁଚି । ତାକୁ ଚାରିଦଗ ଅନ୍ଧାର ଦିଶି-ଲାଣି । ଦେହ ଗୋଟାକଯାକ ରକ୍ତରେ ଭିଜି ବୁଡ଼ି ଯାଉଛି । ଭେଣ୍ଡା ମଣିଷଟା ଗଛ କାଟିଲା ପରି ତଳେ କଚୁଡ଼ି ହୋଇ ପଡ଼ିବା ସଙ୍ଗେ ସଙ୍ଗେ ତାର ଚେତା ବୁଡ଼ି ଗଲାଣି ।

—କର୍ମୀ କଷଣ ଦେହ ସହେ । ଏଥିକି କାହାର କଣ ବଳ ! ଦେଖୁ ଦେଖୁ କେଉଁ ପାଣି ଯାଇ କେଉଁଠି ଉଠିଲାଣି ! ଜହ୍ଲବ ମଲିକର ଦୁରବସ୍ଥା ଦେଖି ସଭିଏଁ ମନେ ମନେ ବୁଝିପାରି ତାଟକା

ହୋଇ ବିଗୁରୁଚନ୍ଦ୍ର—ପୁଲିଶବାଲା ଗୁଡ଼ାଙ୍କର ଟିକିଏ ଦୟା ଧର୍ମର ବିଚାର ନାହିଁ ?

—ଠିଅ ଠିଅ ମିଟିଙ୍ଗି ହେଲା । ଶରତ୍ ବାବୁ ପ୍ରସ୍ତାବ କଲେ — ଅଜ ଥାନା ଦଖଲ ନ କରି ଫେରିବା ନାହିଁ । ଉଚ୍ଛବ ମଲାକ ଉପରେ ଯେଉଁ ନିର୍ମମ ଅତ୍ୟାଚାର ହୋଇଛି—ତାର ପ୍ରତିଶୋଧ ନେବା ।

—ଆହା ! ଉଚ୍ଛବ ମଲିକଙ୍କ ଗୁଡ଼ଫଟା କି କରୁଣ କାନ୍ଦ ? ଶୁଣିବା ଲୋକଙ୍କ ଆଖିରୁ ଲୁହ ବୋହି ପଡ଼େ ।

—ଶରତ୍ ବାବୁଙ୍କ ବୋଉ ମନେ ମନେ ପୁଅକୁ ବୋକା ବୋଲି ବିଗୁରନ୍ତି । ସବୁର ଆଗକୁ ବାହାରି ପଡ଼ି ପୁଅକୁ ତାଙ୍କର ପଛ କରି ମୁହିଁ ଶୁଖେଇ କହିଲେ—

—ଜଣେ ଲୋକ ଗୁଳିଖିଆ ହୋଇଛି ବୋଲି କଣ ଆମେ ସବୁ ଡରି କରି ପଳେଇ ଯିବା ?

ଫସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।

—ଏଇୟା କରି ପୁଲିଶବାଲା ସତ୍ୟାଗ୍ରହ ଭାଙ୍ଗିଦେବ ବୋଲି ବସିଚନ୍ତି । ସତେ, କେତେ ବଢ଼େଇ ତାଙ୍କର ?

—ଠେଲା ଠେଲି ପରି ଶରତ୍ର ବାବୁ ଆଗେ ଆଗେ ଗୁଲି ଥାଅନ୍ତି । ପଛରେ ଶୋଭାଯାତ୍ରାବାଙ୍କର ଠେଲା ପେଲା । ଦୁଃଖ ଓ ଉଦ୍‌ବେଗରେ ଶରତ୍ର ବାବୁ କହିଲେ—

—ଥାନା ଘର ଉପରକୁ ଯାଇ କେହି କଣ ଜାତୀୟ ପତାକା ଉଡ଼ାଇ ପାରିବ ନାହିଁ ।

—ତାଙ୍କ ମୁହିଁକୁ ବାରମ୍ବାର ଅନେଇବାରୁ ମନରେ ଉନ୍ମାଦନା ଅସୁଛି । ଶରତ୍ର ବାବୁଙ୍କ ପ୍ରକୃତର ପରିବର୍ତ୍ତନ ଉପଲବ୍ଧି କରୁଛି । ମୋ ସାଙ୍ଗରେ କେଣୀ କଥାବାର୍ତ୍ତା କରିବାକୁ ଆଉ ଆଗ୍ରହ

ଦେଖାଇ ନାହାନ୍ତି । ସେତେବେଳେ ସେ ଜଣ ସବୁଥିଲେ ଜେଜାଣି, କିନ୍ତୁ ମୁଁ ଖୁବ୍ ଉତେଜିତ ହୋଇ ଉଠୁଥିଲି । ମନେ ଜଣା ପଡୁଥି—ତାଙ୍କ ଅନ୍ତର ତଳୁ ସତେ ସେପରି ମତେ ସେ ସେପାଖୁ ଯକେଇଚନ୍ତି ।

—ଏଇଠା ମୋ ନାରୀ ମନର ଦୁର୍ବଳତା ହୋଇପାରେ । ସବୁବେଳେ ମୋ ଅବୁଝ ମନ ଖାଲି ଖୋଜୁଛି—ଦୁହେଁ ସବୁ ସମୟରେ ଏକାଠି ବସନ୍ତୁ, ଉଠନ୍ତୁ, ଶୁଅନ୍ତୁ । ସତ ଦନ ନିବିଡ଼ ଆଲିଙ୍ଗନରେ ସେ ମତେ ରଖନ୍ତେ । ମତେ ତାଙ୍କ କୋଳରୁ କେତେବେଳେ ଛଡ଼ାଇ କରନ୍ତେ ନାହିଁ । ସେ ମୋର ପ୍ରାଣରୁ ଅଧିକ ପ୍ରିୟ । ସେ ମୋର ଜଣ ହେବେ, ସେ କଥା ବୁଝେଇ କହି ହାରୁନାହିଁ । ମନେ ହେଉଛି—ମଲେ ମରିବି ପଛକେ, ଥାନା ଘର ଉପରେ ଜାତୀୟ ପତାକା ପୋତି ଦେଇ ତାଙ୍କର ଅଦେଶ ପାଳିବି ।

—ଶଶିନ୍ଦ୍ର ବାବୁ ଅଗୁଆ ହୋଇ ବାହାରିଚନ୍ତି । ପୁଲିଶଙ୍କୁ ଅଙ୍କୁ ନ କରି କହୁଚନ୍ତି—

—ଇଂରେଜଙ୍କ ପାଖେ ମୁଣ୍ଡବିକା ଦାସତ୍ୱଗିରି ନ କରି ତାର ଗୋଲାମୀ ବନ୍ଧନ ଫୋପାଡି ଦେଇ, ଆମର ଦଳକୁ ଚାଲି ଆସ । ଆମେମାନେ ସମସ୍ତେ ବୀରପ୍ରସବିନୀ ଭାରତମାତାର ସନ୍ତାନ । ଆମେ ସକଳେ ଏକତ୍ରିତ ହୋଇ ସ୍ୱାଧୀନ ଜାତୀୟ ପତାକା ଉଡ଼ାଇ ଦେବା ।

—ତାଙ୍କ ହାତରେ ଥିବା ଝଣ୍ଡା ପବନରେ ଫର ଫର ହୋଇ ଉଡୁଛି । ଏ ଜାତୀୟ ସମ୍ମାନ ରକ୍ଷା ନିମନ୍ତେ କାହା ଛାତିରେ ଦମ୍ଭ ଅଛି ଆଗେଇ ଆସ !

ଟିକିଏ ଆଗେଇ ଠିଆ ହେଲି । ମନ ଦୋ ଦୋ ପାଞ୍ଚ

ହେଉଥାଏ । ଦୁନିଆରେ ସେଇ ଜଣକଙ୍କୁ କେବଳ ମୋ ମନ ଭିତରର ଛପିଲା ବେଦନା କଥା ବୁଝିବେ । ଲାଜେଇ ଲାଜେଇ ନ ଚାହିଁଲା ପରି କଣେଇ ଚାହେଁ । ଶଚନ୍ଦ୍ର ବାବୁଙ୍କୁ ଦେଖି କେମିତି କଣ ଲାଗେ, ପୁଣି ଦୃଷ୍ଟି ଫେରାଏ ।

—ଛପି ଛପି ଥିବ ଥିବ ଦୁର୍ବଳ ଭାବନା ଆସେ ମନକୁ । ତାଙ୍କ ମୁହଁ ଦେଖିଲେ ମୁଁ ସବୁ ଦୁଃଖ ପାଶୋରି ପକାଏ । ମୁହଁଟି କେଡ଼େ ଶୋଭିକାର । ତାଙ୍କର ସୁହାଗିଆ କଅଁଳ କଥା, ମନକିଣା ହସ । ବିରହରେ ମୋ ନିଅଁଳିଗା ଦେହଟା ଖାଲି ଛଟପଟ ହେଉଚି ।

—ସେ ଭାବବିହ୍ୱଳ ଆଖିରେ ମୋର ସାରା ଦେହକୁ ନିରୀକ୍ଷଣ କଲେ । ମୋର ଦୁଃଖ-ଭାବନାରେ ଦୁର୍ବଳ ଦେହ । ବୋଉ ମଲା ପରେ ଯେତେ ଦୁଃଖ ଯେତେ ଚିନ୍ତାର ପ୍ରଭାବ ମୋ'ରି ଉପରେ ପଡ଼ିଚି । ମୋର ମଳିନ ମୁହଁ, ଆଖିରେ ଲୁହ ଛଳ ଛଳ । ଗାଲ ଉପରେ ଲୁହର ଦାଗ ; ଦେହରେ ଖଣ୍ଡେ ହେଲେ ସୁନା ରୁପା ଅଳଙ୍କାର ନାହିଁ । ହାତରେ ନାଲି କାଚ ଧ' ଧ' ପଟ ।

—ମନର ଉଦ୍‌ବେଗ ଆଉ ସମ୍ଭାଳି ପାରିଲି ନାହିଁ । ମୁହୂର୍ତ୍ତକ ପାଇଁ ସବୁ ଯେପରି ଭୁଲିଗଲି ।

—ଆମ ଭାରତର ଚାଳିଶି କୋଟି ଲୋକ ଯଦି ସ୍ୱାଧୀନତା ସୁଖ ଭୋଗ କରି ବଞ୍ଚି ରହି ପାରନ୍ତି, ରାଜନୈତିକ ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ପାଇ ; ଆମେ ସାମାନ୍ୟ କେଇ ଜଣ ମଲେ ଦେଶର କିଛି କ୍ଷତି ହେବ ନାହିଁ । ପୁଲିଶ ଥାନା ଉପରେ ସ୍ୱାଧୀନ ଭାରତର ବିଜୟ-ବୈଜୟନ୍ତୀ ଉଡ଼ାଇ ଦେଇ ଆସିବି ।

—ଜାତୀୟ ପତାକା ଶଚିନ୍ଦ୍ର ବାବୁଙ୍କ ହାତରୁ ନେଇ ସାରିଲା ପରେ ଛଳ ଛଳ ଆଖିରେ କହିଲି—

—ଏଇ ଦେଖନ୍ତୁ ! ମୁଁ ଏଇକ୍ଷଣି ପତାକା ପୋତି ଦେଇ ଆସିପାରେ ।

—ଶଶାଙ୍କ ବାବୁ ମୁଗ୍ଧ ହୋଇ ମୋ ମୁହଁକୁ ଚାହିଁଲେ । ମୁହଁରେ ହସ ନାହିଁ । ସେ ଚାହାଣୀରେ ରହିଛି କୃତଜ୍ଞତା ଭାବ । ତାଙ୍କ ଭାବ ଠାଣି କହି ଦେଉଛି—ମୋର ଏ କାମ କରିବାକୁ ଯିବା ଯେପରି ଅସଙ୍ଗତ । ଆଉ ସବୁ ଲୋକେ ମୁହଁ ଚାହାଁଚାହିଁ ହୋଇ ଫୁସ୍ ଫୁସ୍ କଥାବାର୍ତ୍ତା ହେଉଥାଆନ୍ତି—ଏ ମାଇକିନିଆ ଝିଅର ସାହସକୁ ଧନ୍ୟ କହିବା ! ଆଉ କେଇ ଜଣ ମତେ କଣେଇ କଣେଇ କରି ଚାହିଁ ଥାଆନ୍ତି ।

—ଝଟ୍ କରି ଦଉଡ଼ି ଦଉଡ଼ିକା ଯାଇ, ମୁଁ ପୁଲିସ ଥାନା ଛାତ ଉପରକୁ ଉଠିଗଲି । ସେତେବେଳେ ମୁଁ କଣ କରୁଛି, ମୋର ଖିଆଲ ନ ଥାଏ । ଶୋଭାଯାତ୍ରାକାରୀ ସ୍ତ୍ରୀ ପୁରୁଷ ମିଶି ଆହ୍ୱାନ ସଙ୍ଗୀତ ଗାଉ ଥାଆନ୍ତି—

ଭାଙ୍ଗି ଦୁର୍ଗମ ଦୁର୍ଗ ଚାଲ, ଚାଲ, ଚାଲରେ ବନ୍ଧୁବର ।
ପାଦେ ଦଳ ମ୍ଲେଚ୍ଛବାହିନୀ କରରେ ବିପ୍ଳବ ଘୋର ।
ଶୁଣ ଏଇ ନାରୀ ଏଇ, ଶିଶୁର ଆର୍ତ୍ତନାଦ
ଅନ୍ନ ବିନା ବସ୍ତ୍ର ବିନା ଅହା କି କରୁଣ ବାଦ
ତୁ ପ୍ରତିଜ୍ଞା କର ବନ୍ଦ କରିବୁ ନିର୍ମମ ଅତ୍ୟାଚାର ।
ବିଦ୍ରୋହୀ ଅକ୍ଷୟ ଅକ୍ଷରେ ଲେଖରେ ଇତିହାସ
ଶୁଣୁ ଦେଶବାସୀ ରକ୍ତେ ରଙ୍ଗା ସ୍ୱରାଜ ସନ୍ଦେଶ
(ତୋର) ଅତୀତ ଗୌରବେ ଜାଗ୍ରତ କର ଗଢ଼ ଶହୀଦମନ୍ଦିର ।

—ସମସ୍ତଙ୍କ ମନରେ ଉତ୍ସାହର ନବ ଜାଗରଣ । ଦେଶର କାମ ପାଇଁ କେହି ଯଦି ଅଗ୍ରସର ହୋଇ ନ ବାହାରନ୍ତି—ତେବେ

ଲୋକହୃଦୟର କୌଣସି କାମ ହୋଇ ପାରିବ ନାହିଁ । ସ୍ୱାର୍ଥ ଅଉ ଭବିଷ୍ୟତ ସୁଖ ପାଇଁ ଯନ୍ଧ କେହି ଲୋଭ ତାର କର୍ତ୍ତବ୍ୟ ଭୁଲି ବସେ—ସେଇ ଜଣକ ହେଉଛି ଦେଶର ପରମ ଶତ୍ରୁ ।

—ନିଆଁ ସଙ୍ଗେ ଖେଳିବ ବୋଲି ମୁଁ ଜାତୀୟ ପତାକା ଛୁଇଁ ପ୍ରତିଜ୍ଞା କରି ଅଛି । ମୋର ମନ କାମନା ବିଫଳ ହେଲା ନାହିଁ । ବହୁ କଷ୍ଟେ ଘର ଉପରକୁ ଉଠି ଆସି ଥାନା ଉପରେ ଜାତୀୟ ପତାକା ଉଡ଼ାଇ ଦେଲି । ଆନନ୍ଦରେ ଉତ୍ଫୁଲ୍ଲ ହୋଇ କହିଲି—"ସ୍ୱାଧୀନ ଭାରତର ଜୟ" ।

—ଏଇ କେଇ ପଦ କଥା ମୋ ତୁଣ୍ଡରୁ ଶେଷ ନ ହେଉଣୁ ଏକା ସଙ୍ଗେ କେତେଟା ଗୁଡ଼ାଏ ଗୁଳି ଆସି ମୋ ଦେହରେ ଭୁଙ୍କ-ହୋଇଗଲା ।

—ସେ ଯେଉଁ ଦୁଃଖର ବେଦନା ଅଉ ସହ୍ୟ ହେଉ ନାହିଁ । ପିଣ୍ଡରୁ ପ୍ରାଣ ଛାଡ଼ି ଗଲା ପରି ଲାଗୁଛି । କଣ କରିବି, ମୁଁ କୁଆଡ଼କୁ ଯିବି ? ଦିନରେ ଗୁହ ଦାଗ ମତେ ଖାଲି ଅନ୍ଧାର ପରିକା ଦିଶୁ-ଥାଏ ।

—ଶଚନ୍ଦ୍ର ବାବୁଙ୍କ ବୋଉ ଧଡ଼ପଡ଼ ହୋଇ ଦୌଡ଼ି ଆସି ବ୍ୟାକୁଳ ହୋଇ କହିଲେ—

—କଣ ଅଉ ତୁ ଦେଖୁଚୁରେ ଶଚନ୍ଦ୍ର ! ବିସ୍ତୁ ପ୍ରିୟା ମୋର ଛୋ'ର ପାଇଁ ସିନା ଗୁଳି ଖାଇଲା । ମତେ ପଛଟେ ମରଣ ହେଉ, ତାକୁ ଚାଁଇଲ ଡାକ୍ତରଖାନାକୁ ନେଇ ଗ'ଲେ ! ମୁଁ ତଳକୁ ଓହ୍ଲାଇ ଆସିଲି ।

—ମୋ ମୁଣ୍ଡ କୁମ୍ଭାର ଚକ ପରିକା ଘୁରୁଥାଏ । ନଥିକନ ଭୂଇଁରେ କଚ୍ଛଡ଼ା ହୋଇ ପଡ଼ିଲି । ଶଚନ୍ଦ୍ର ବାବୁ ମତେ ତାଙ୍କ ଘରକୁ ଅଉଜାଇ ବସାଇଲେ । ମୁଁ ଅତି ଦୁର୍ବଳ ହୋଇ ପଡ଼ିଛି ।

ଦେହକୁ ଓଗୋଟା ପଡ଼ୁଣି ଥରୁଛି ; ଆଖିରେ ଉଛୁଳି ଲୁହ । ଆତ୍ମା ଛଟପଟ ହେଉଛି । ମୁଁ କଣ ମରିଯିବି, ମୋର ମନ କାମନା ଅଉ ପୂରଣ ହୋଇ ପାରିବ ନାହିଁ ? ତା ହେଉଲ୍ ମୋର ଏତେ ଦିନର ତପସ୍ୟା କଣ ବ୍ୟର୍ଥ ହେଲା ?

—ଭାରତବ୍ୟାପୀ ଏଇ ୧୯୪୨ ସ୍ୱାଧୀନତା ଆନ୍ଦୋଳନରେ କେତେ କେତେ ମାଆ ଭଉଣୀ ସ୍ତ୍ରୀ, ସ୍ୱାମୀ ପୁତ୍ର କନ୍ୟା ସ୍ୱାଧୀନତା ଯଜ୍ଞରେ ଆହୁତି ଦେଇଛନ୍ତି । ସେମାନେ ମଲେ ମରନ୍ତୁ ପଛେ, ଦେଶ ସ୍ୱାଧୀନ ହେଉ । ଦେଶବାସୀ ହୁଅନ୍ତୁ ସ୍ୱାଧୀନ ଦେଶର ନାଗରିକ ।

—ମୋର ଚେତା ଥିବା ପର୍ଯ୍ୟନ୍ତ ଶଚୀନ୍ଦ୍ର ବାବୁଙ୍କୁ ଆଖି ପୂରାଇ ଦେଖୁଥାଏ । ଲୋକେ ସବୁ ମୋ ଗୃହପଠ ଭିଡ଼ କରି ଜମା ହୋଇ ମନେ ମନେ ପ୍ରଶ୍ନ କରୁଥାନ୍ତି—ଗୁଳି କେଉଁଠି ଜାଗାରେ ଲାଗିଛି ? ଶଚୀନ୍ଦ୍ର ବାବୁଙ୍କ ଆଖିରୁ ଗଡୁଥାଏ ତତଲା ଲୁହ ।

—ଶଚୀନ୍ଦ୍ର ବାବୁ କଇଁ କଇଁ ହୋଇ କାନ୍ଦି କାନ୍ଦି ମତେ କୋଳକୁ ଟାଣି ନେଲେ । ଲାଜ ସଙ୍କୋଚ ମୁହଁରେ ନାଅଁ । ମୁଁ ତାଙ୍କୁ ମୋ'ର ମୃଣାଳ ବାହୁ ଦ୍ୱୟରେ ଜାକି ଧରିଲି । ଏଇ ଆମର ମିଳନର ଶେଷ ଉତ୍ସବ । ଦୁନିଆରେ ମୋର ଏଇ ଜଣକ ଥିଲେ ଅତି ଆପଣାର ଲୋକ ।

—ସେ କେବଳ ମତେ କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହି ଥାଆନ୍ତି । ମୁଁ ଆମ ଦୁହିଁଙ୍କ ହାତକୁ ଏକାଠି କରି କହିଲି—

—ତମେହିଁ ମୋର ପ୍ରିୟ…ଅତି ପ୍ରିୟ……। ଏ ଜନ୍ମରେ ତମକୁ ନିଜର କରି ପାରିଲି ନାହିଁ । ସେ ପୁରକୁ ଗଲେ ମୋର ଆତ୍ମା ତୃପ୍ତ ହେବ ।

ବସ୍ତୁ ପ୍ରିୟା ଆଖିରୁ ଝର ଝର ହୋଇ ଲୁହ ଗଡ଼ୁଥାଏ । ଗୁଳିରେ କ୍ଷତ ସ୍ଥାନର ଅସହ୍ୟ ବେଦନା । ବସ୍ତୁ ପ୍ରିୟା ଆଉ ସହ୍ୟ କରି ନ ପାରି ଗଛ କାଟିଲା ପରି ଭୂଇଁ ଉପରେ ଢଳି ପଡ଼ିଲା । ଶଶିନ୍ଦ୍ର ତାଙ୍କୁ କୋଳରେ ଧରି ତା ମୁହଁକୁ ଅନାଇ ଭୋ ଭୋ ହୋଇ କାନ୍ଦି ଉଠିଲା । ଆଉ ସମସ୍ତେ ବସ୍ତୁ ପ୍ରିୟା ପାଖରେ ଠିଆ ହୋଇ କାନ୍ଦୁ ଥାଆନ୍ତି । ଜୀବପିଣ୍ଡ ଛାଡ଼ିଯିବ—ଏପରି ବେଳରେ ଶଶିନ୍ଦ୍ର ବାବୁଙ୍କ ହାତକୁ ଛାତି ଉପରେ ରଖି ବସ୍ତୁ ପ୍ରିୟା କହିଲା—

—ହେ ମୋର ପୂଜ୍ୟ ଦେବତା !

ଉମରି—ବିରହିଣୀ ମୁଁ······ !